ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, December 29/2023 | Page 16 | ₹ 7.00

୫୦ଶ ଭାଗ ୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 36 | ମୂଲ୍ୟ ₹୭/-

ଡିନ୍ ଏଲ୍‌ଗାର ପ୍ଲେୟର ଅଫ୍ ଦି ମ୍ୟାଚ

ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଡିନ୍ ଏଲ୍‌ଗାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୪ ୦୫

୬ ଦିନରେ 'ସାଲାର'ର ୫୦୦ କୋଟି ଆୟ

ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ସାଲାର' ମୁକ୍ତିଲାଭର ୬ ଦିନରେ ୫ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ରେକର୍ଡ କରିଛି।

ମୃତ୍ୟୁଦଣ୍ଡ କୋହଳ ଭୁବନେଶ୍ୱର, ସତ୍ୟବାଦୀରେ ଏନ୍‌କାଉଣ୍ଟର

ନୂଆଦିଲ୍ଲୀ,୨୮।୧୨(ପି.ଟି.)

୮ ପୂର୍ବତନ ଭାରତୀୟ ନୌସେନା ଅଧିକାରୀଙ୍କୁ ଆଶ୍ୱସ୍ତି

ଗୁପ୍ତଚରଗିରି ଅଭିଯୋଗରେ ୨୦୨୨ ଅଗଷ୍ଟରେ ଗିରଫ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କ ମୃତ୍ୟୁଦଣ୍ଡାଦେଶକୁ କାତାରର ଏକ ଆପିଲେଟ୍ କୋର୍ଟ କୋହଳ କରିଛନ୍ତି। ଫଳରେ ନୌସେନା ଅଧିକାରୀମାନଙ୍କୁ ଆଶ୍ୱସ୍ତି ମିଳିଛି। ଡାହରା ଗ୍ଲୋବାଲ ମାମଲାରେ ଆପିଲେଟ୍ କୋର୍ଟ ଗୁରୁବାର ଦଣ୍ଡାଦେଶ କୋହଳ କରିଥିବା ଭାରତ ସରକାରଙ୍କ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଦୁବାଇରେ ଅନୁଷ୍ଠିତ କପ୍‌୨୮ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାତାର ଅମିର୍ ଶେଖ୍ ତମିମ୍ ବିନ୍ ହମାଦ ଅଲ୍-ଥାନିଙ୍କୁ ଭେଟିଥିଲେ। ଏହାର କିଛି ସପ୍ତାହ ପରେ ସେଠାକାର ଅଦାଲତ ଦଣ୍ଡ କୋହଳ କରିଥିବାରୁ ଏହା ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି। ସେଠାରେ ଥିବା ଭାରତୀୟମାନଙ୍କ ସ୍ୱାଚ୍ଛନ୍ଦ୍ୟ ସମ୍ପର୍କରେ ଡିସେମ୍ବର ୧ରେ କାତାର ଅମିର୍‌ଙ୍କ ସହ ଆଲୋଚନା ହୋଇଥିଲା ବୋଲି ମୋଦି କହିଥିଲେ।

ଦୋହାସ୍ଥିତ ଅଲ୍ ଡାହରା ଗ୍ଲୋବାଲ ଟେକ୍‌ନୋଲୋଜିରେ ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀ କାମ କରୁଥିବାବେଳେ ଗତବର୍ଷ ଅଗଷ୍ଟରେ ସେମାନଙ୍କୁ ଗିରଫ କରାଯାଇଥିଲା। ତେବେ ସେମାନଙ୍କ ବିରୋଧରେ କ'ଣ ଅଭିଯୋଗ ରହିଛି, ତାହା ସାଧାରଣରେ ପ୍ରକାଶ କରାଯାଇ ନ ଥିଲା। ଗତ ଅକ୍ଟୋବରରେ କାତାରର କୋର୍ଟ ଅଫ୍ ଫାଷ୍ଟ ଇନ୍‌ଷ୍ଟାନ୍ସ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ଭାରତ ସରକାର ଗତ ମାସରେ କାତାରର କୋର୍ଟ ଅଫ୍ ଅପିଲ୍‌ରେ ଆବେଦନ କରିଥିଲେ। ଗୁରୁବାର ଶୁଣାଣି ବେଳେ କାତାରରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଓ ଅନ୍ୟ ଅଧିକାରୀଙ୍କ ସମେତ ନୌସେନା ଅଧିକାରୀଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସବିଶେଷ ରାୟ ଆସି ନ ଥିବାବେଳେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଲିଗାଲ ଟିମ୍ ସହ ଯୋଗାଯୋଗରେ ରହିଛି। ମାମଲାର ବିଚାରରେ ଗୋପନୀୟତା ତଥା ସମ୍ବେଦନଶୀଳତା ଦୃଷ୍ଟିରୁ ବର୍ତ୍ତମାନ ସ୍ଥିତିରେ ଅଧିକ ସୂଚନା ଦେବାକୁ ମନ୍ତ୍ରଣାଳୟ ମନା କରିଦେଇଛି। ପୂର୍ବତନ ନୌସେନା ଅଧିକାରୀଙ୍କ ମଧ୍ୟରେ କ୍ୟାପ୍‌ଟେନ୍ ନଭତେଜ ଗିଲ୍, କ୍ୟାପ୍‌ଟେନ୍ ସୌରଭ ବଶିଷ୍ଠ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, ଅମିତ ନାଗପାଲ, ଏସ୍.କେ. ଗୁପ୍ତା, ବି.କେ. ବର୍ମା, ସୁଗୁଣାକାର ପକାଲ ଏବଂ ନାବିକ ରାଗେଶ କାତାର ଜେଲରେ ରହିଛନ୍ତି।

ଭୁବନେଶ୍ୱର/ସାକ୍ଷୀଗୋପାଳ,୨୮।୧୨ (ସତ୍ୟଜିତ୍ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ ଭରତ ରାଉତ)

ରଘୁ, କାଳୁଙ୍କ ନାମରେ ରହିଛି ଏକାଧିକ ମାମଲା

ନୂଆବର୍ଷ ପୂର୍ବରୁ ପୋଲିସ ଏବଂ ଅପରାଧୀ ମୁହାଁମୁହିଁ ହୋଇଛନ୍ତି। ବିଭିନ୍ନ ଅପରାଧରେ ସମ୍ପୃକ୍ତ ୨ ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ଭୁବନେଶ୍ୱର କମିଶନରେଟ ପୋଲିସ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଅପରାଧୀ ରଘୁ ବିଶ୍ୱାଳଙ୍କୁ ଏନ୍‌କାଉଣ୍ଟର କରିଥିବା ବେଳେ ତାଙ୍କ ସହଯୋଗୀ ପୁନିଆ ପୋଲିସ କବଳରୁ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ପୁରୀ ସତ୍ୟବାଦୀ ଥାନା ପୋଲିସ ଅପରାଧୀ କାଳୁ ଭୋଳଙ୍କୁ ସୁଆଣ୍ଡୋ ଗ୍ରାମ ବ୍ରିଜ୍‌ନିକଟରେ ଏନ୍‌କାଉଣ୍ଟର କରିଛି। ଉଭୟ ଅଭିଯୁକ୍ତଙ୍କୁ ଯଥାକ୍ରମେ କଟକ ଏସ୍‌ସିବି ଏବଂ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ରାସ୍ତାରେ ଗୁରୁବାର ଭୋର ପ୍ରାୟ ୩ଟା ବେଳେ ଅଭିଯୁକ୍ତ ରଘୁ ଏବଂ ପୁନିଆ ଅପରାଧ ଘଟାଇବାକୁ ଚେଷ୍ଟା କରୁଥିବା ଖବର ପାଇ ପୋଲିସ ଟିମ୍ ସେଠାକୁ ଯାଇଥିଲା। ଅପରାଧୀଦ୍ୱୟ ଧରାପଡ଼ିଯିବା ଭୟରେ ପୋଲିସକୁ ଗୁଳିମାଡ଼ କରିଥିଲେ। ଫଳରେ ମଞ୍ଚେଶ୍ୱର ପୋଲିସ ଟିମ୍ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ପାଲଟା ଗୁଳିମାଡ଼ କରିଥିଲା। ଗୁଳିମାଡ଼ରେ ରଘୁ ଆହତ ହୋଇଥିବା ବେଳେ ପୁନିଆ ବର୍ତ୍ତି ଯାଇଥିଲେ। ରଘୁଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ଆହତ ଅବସ୍ଥାରେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରଘୁଙ୍କୁ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଏକ ନମ୍ବର ବିହୀନ କେଟିଏମ୍ ବାଇକ୍, ଏକ ୭.୬୫ ପିସ୍ତଲ୍, ୫ ଖୋକା ଜବତ କରିଛି। ଏହି ଘଟଣା ସଂକ୍ରାନ୍ତରେ ମଞ୍ଚେଶ୍ୱର ଥାନାରେ ଆର୍ମସ ଆକ୍ଟ ସହ ଆଇପିସି ଦଫା ୩୦୭, ୩୫୩, ୫୦୬, ୩୪ରେ ଏକ ମାମଲା (ନଂ.୫୩୯/୨୦୨୩) ରୁଜୁ କରାଯାଇଛି। ରଘୁଙ୍କ ନାମରେ ଚନ୍ଦ୍ରଶେଖରପୁର, ଶହୀନଗର, ନୟାପଲ୍ଲୀ ଆଦି ବିଭିନ୍ନ ଥାନାରେ ଲୁଟ୍, ଡକାୟତି, ଆଦି ୧୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ରଘୁଙ୍କ ଘର ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମରେ ହୋଇଥିବା ବେଳେ ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହିରେ ରହୁଥିଲେ। ସେ ପୂର୍ବରୁ ଏକାଧିକ ଥର ଜେଲ ଯାଇ ଜାମିନରେ ଆସିବା ପରେ ପୁନିଆଙ୍କ ସହ ମିଶି ସମାନ ଅପରାଧ ଘଟାଉଥିଲେ। ତେବେ ରଘୁ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି।

ଅନ୍ୟ ଏକ ଘଟଣାରେ ପୁରୀ ଜିଲା ସଦର ଅଞ୍ଚଳର ବଟଗାଁର କାଳୁ ଭୋଳ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମ ବ୍ରିଜ୍ ନିକଟରେ ଥିବା ସାଗର ସ୍ନାନ ମେଳଣ ପଡ଼ିଆ ନିକଟରେ ମାରଣାସ୍ତ୍ର ଧରି ପୁରୀ ଓ ନିକଟବର୍ତ୍ତୀ ଅଞ୍ଚଳରେ ☞ପୃଷ୍ଠା-୨

ଆଉ ୩ କରୋନା ସଂକ୍ରମିତ ଚିହ୍ନଟ

ରାଜ୍ୟରେ ଟେଷ୍ଟିଂ ବଢ଼ିଛି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୮।୧୨(ବନ୍ଦନା ସେଠୀ)

ରାଜ୍ୟରେ କଡ଼ ଲେଉଟାଉଛି କରୋନା ମହାମାରୀ। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ୫ଜଣ ସକ୍ରିୟ ଆକ୍ରାନ୍ତ ଥିବାବେଳେ ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ୍ ସକ୍ରିୟଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ରାଜ୍ୟରେ ୨୪ ଘଣ୍ଟାରେ ୬୯୦ ଜଣଙ୍କର ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ

କ୍ରେଡିଟ୍ ରେଟିଂ ପ୍ରଭାବ



ସଂକ୍ଷେପରେ

ଜାପାନ ଉପକୂଳରେ ୨ ଭୂକମ୍ପ

ଟୋକିଓ,୨୮।୧୨: ଜାପାନ ଉପକୂଳରେ ଗୁରୁବାର କ୍ରମାଗତ ୨ଟି ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଯଥାକ୍ରମେ ୬.୫ ଏବଂ ୫.୦ ରହିଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ସୂଚନା ଦେଇଛି। ଦକ୍ଷିଣପୂର୍ବ ଉପକୂଳରେ ଅବସ୍ଥିତ କୁରିଲ ଆଇଲାଣ୍ଡରେ ରାତି ୨ଟା ୪୫ରେ ପ୍ରଥମ କମ୍ପନ ହୋଇଥିବାବେଳେ ରାତି ୩ଟା ୭ ମିନିଟ୍ ସମୟରେ ଦ୍ୱିତୀୟ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ କେନ୍ଦ୍ରର ଗଭୀରତା ଯଥାକ୍ରମେ ୨୩.୮ କି.ମି. ଏବଂ ୪୦ କି.ମି. ଗଭୀରରେ ବୋଲି ୟୁଏସ୍‌ଜିଏସ୍ କହିଛି।

କର୍ଣ୍ଣି ସେନା ମୁଖ୍ୟଙ୍କ ହତ୍ୟାକାରୀ ଘରେ ବୁଲ୍‌ଡୋଜର ବୁଲିଲା

ଜୟପୁର,୨୮।୧୨: ରାଷ୍ଟ୍ରୀୟ ରାଜପୁତ୍ କର୍ଣ୍ଣି ସେନା ଅଧ୍ୟକ୍ଷ ସୁଖଦେବ ସିଂ ଗୋଗାମେଦିଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତ ରୋହିତ ରାଠୋରଙ୍କ ଜୟପୁରସ୍ଥିତ ଘର ଉପରେ ସରକାର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରୋହିତଙ୍କ ଖଟିପୁରାସ୍ଥିତ ଘର ବେଆଇନ ଭାବେ ନିର୍ମାଣ ହୋଇଥିବା ଦର୍ଶାଇ ଜୟପୁର ବୃହତ୍ ମ୍ୟୁନିସିପାଲ କର୍ପୋରେଶନ ଗୁରୁବାର ଏହାକୁ ଭାଙ୍ଗିଦେଇଛନ୍ତି। ସୁଖଦେବଙ୍କୁ ଡିସେମ୍ବର ୫ରେ ତାଙ୍କ ବାସଭବନରେ ଗୁଳିକରି ହତ୍ୟା କରାଯାଇଥିଲା।

ଆମେରିକାରେ ଦୁର୍ଘଟଣା: ୬ ଭାରତୀୟ ବଂଶୋଦ୍ଭବ ମୃତ

ହ୍ୟୁଷ୍ଟନ,୨୮।୧୨: ଆମେରିକାର ଟେକ୍ସାସ୍‌ରେ କାର୍ ଦୁର୍ଘଟଣାରେ ଏକ ଭାରତୀୟ ବଂଶୋଦ୍ଭବ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ପରିବାର ୱାଇଏସ୍‌ଆର୍‌ସି ବିଧାୟକ ପୋନ୍ନଡ ଭେଙ୍କଟ ସତୀଶକୁମାରଙ୍କ ସମ୍ପର୍କୀୟ। ଫର୍ଟୱର୍ଥ ନିକଟ ଜନ୍‌ସନ କାଉଣ୍ଟିଠାରେ ଗତ ମଙ୍ଗଳବାର ସେମାନଙ୍କ କାର୍‌କୁ ଏକ ପିକ୍‌ଅପ୍ ଟ୍ରକ୍ ଧକ୍କା ଦେଇଥିଲା। ଉକ୍ତ ପରିବାର ଜର୍ଜିଆରେ ରହୁଥିବାବେଳେ ଖ୍ରୀଷ୍ଟମାସ ଲାଗି ଟେକ୍ସାସ ଯାଇଥିଲେ।

ଇଭିଏମ୍ ଜାଲିଆତି ରୋକା ନ ଗଲେ ଭାଜପା ୪୦୦ ଆସନ ଜିତିପାରେ

ସାମ୍ ପିଟ୍ରୋଡାଙ୍କ ଚେତାବନୀ

ନୂଆଦିଲ୍ଲୀ,୨୮।୧୨

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ଜାଲିଆତିକୁ ନେଇ ବରିଷ୍ଠ କଂଗ୍ରେସ ନେତା ସାମ୍ ପିଟ୍ରୋଡା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇଭିଏମ୍‌ରେ ହେଉଥିବା ଜାଲିଆତିର ଯଦି ସମାଧାନ କରାନ ଯାଏ, ତେବେ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ୪୦୦ରୁ ଅଧିକ ଆସନ ଜିତିପାରେ ବୋଲି ସେ କହିଛନ୍ତି। କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ବାରମ୍ବାର ଇଭିଏମ୍ ଜାଲିଆତି ଅଭିଯୋଗ କରିଆସୁଛନ୍ତି। ଅନ୍ୟପକ୍ଷରେ ଇଭିଏମ୍ ଉପରେ ହେଉଥିବା ସଂଶୟକୁ ନିର୍ବାଚନ କମିଶନ ସବୁବେଳେ ଖଣ୍ଡନ କରୁଥିବାବେଳେ ସନ୍ଦେହ ଦୂର ପାଇଁ ହାକାଥନ୍‌ର ଆୟୋଜନ କରୁଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କଂଗ୍ରେସ ୩ଟି ମୁଖ୍ୟ ରାଜ୍ୟରେ ପରାଜିତ ହେବା ପରେ ମଧ୍ୟ ଅଧିକାଂଶ ଇଭିଏମ୍ ଉପରେ ବିଶ୍ୱାସ ରଖିଛନ୍ତି। ତେବେ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ୧୦୦ ପ୍ରତିଶତ କରାଯାଉ ବୋଲି ଭାଜପା ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ସେହିପରି ଭିଭିପିଏଟି ସ୍ଲିପ୍‌ଗୁଡ଼ିକୁ ବାକ୍ସରେ ନ ପକାଇ, ତାହାକୁ ଭୋଟରଙ୍କୁ ଦିଆଯିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।

ନିର୍ବାଚନ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁରରୁ ମୁମ୍ବାଇ ଭାରତ ନ୍ୟାୟ ଯାତ୍ରା କରିବାକୁ ଯାଉଛନ୍ତି। ଆସନ୍ତା ନିର୍ବାଚନ ଭାରତର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଆମେ କେଉଁଭଳି ରାଷ୍ଟ୍ର ଗଠନ କରିବାକୁ ଚାହୁଁଛୁ ଏଥିରୁ ସ୍ପଷ୍ଟ ହେବ ବୋଲି ପିଟ୍ରୋଡ଼ା କହିଛନ୍ତି। ଆପଣମାନେ ସବୁ ଧର୍ମକୁ ସମ୍ମାନ ଦେଉଥିବା ଆମ ସମ୍ବିଧାନ ଆଧାରରେ ରାଷ୍ଟ୍ର ଗଠନ କରିବାକୁ ଚାହୁଁଛନ୍ତି, ନା ଗୋଟିଏ ଧର୍ମ ଦ୍ୱାରା କବଳିତ ରାଷ୍ଟ୍ର ଗଠନ କରିବାକୁ ଚାହୁଁଛନ୍ତି ବୋଲି ପିଟ୍ରୋଡ଼ା ପ୍ରଶ୍ନ କରିଛନ୍ତି।

ରାମମନ୍ଦିର ପ୍ରବେଶ ପଥରେ ଲାଗିବ 'ଟାୟାର କିଲର୍ସ'

ନୂଆଦିଲ୍ଲୀ,୨୮।୧୨

ଅଯୋଧ୍ୟାର ରାମମନ୍ଦିର ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାର ସମସ୍ତ ପ୍ରବେଶ ପଥରେ ବୁମ୍ ବାରିୟର, ବଲାର୍ଡ ଏବଂ ସିସିଟିଭି କ୍ୟାମେରା ରହିବ। ବିନା ଅନୁମତିରେ ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକୁ ରୋକିବା ଲାଗି ବୁମ୍ ବାରିୟର ବା ଟାୟାର କିଲର୍ସ ଲଗାଯିବ। କୌଣସି ଯାନ ଜନ୍ମଭୂମି ରାସ୍ତା ଅତିକ୍ରମ କରିବା କ୍ଷଣି ତାହାର ଭିତର ସ୍କାନ୍ ହୋଇଯିବ। ଅନୁମତି ନ ଥିବା କୌଣସି ଜିନିଷ ଉକ୍ତ ଗାଡ଼ିରେ ଥିଲେ, ତାକୁ ଅଟକାଯିବ। ଯଦି ଗାଡ଼ି ବୁମ୍ ବାରିୟରକୁ ଧକ୍କା ଦିଏ, ତେବେ ମାଟିତଳୁ ବଲାର୍ଡ ଓ ଟାୟାର କିଲର୍ସ ବାହାରି ଏହାକୁ ରୋକିବ।

୮୪ କୋଶ ଅଞ୍ଚଳ ମଦମୁକ୍ତ ହେବ

ଅଯୋଧ୍ୟାର ରାମ ଜନ୍ମଭୂମି ପରିସର ଚାରିପଟରେ ୮୪ କୋଶ ବ୍ୟାସାର୍ଦ୍ଧ ମଧ୍ୟରେ ମଦ ବିକ୍ରିକୁ ଉତ୍ତରପ୍ରଦେଶ ସରକାର ନିଷେଧ କରିଛନ୍ତି। ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପୂର୍ବରୁ ରାଜ୍ୟର ଅବକାରୀ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ସହ ଗୁରୁବାର ବୈଠକ ପରେ ଅବକାରୀ ମନ୍ତ୍ରୀ ନୀତିନ ଅଗ୍ରୱାଲ ମଦ ନିଷେଧ ନେଇ ଘୋଷଣା କରିଛନ୍ତି। ୮୪ କୋଶି ପରିକ୍ରମା ମାର୍ଗକୁ ମଦ ନିଷେଧ ଅଞ୍ଚଳ ଘୋଷଣା କରାଯାଇଛି।

ଅଭିନେତା ବିଜୟକାନ୍ତଙ୍କ ପରଲୋକ

ଚେନ୍ନାଇ,୨୮।୧୨

ତାମିଲ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ତଥା ରାଜନୈତିକ ଦଳ ଡିଏମ୍‌ଡିକେର ପ୍ରତିଷ୍ଠାତା ନେତା ବିଜୟକାନ୍ତଙ୍କର ଗୁରୁବାର ସକାଳେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ପ୍ରେମଲଥା ଓ ଦୁଇପୁଅ ଶାନମୁଗ ପାଣ୍ଡିଆନ ଏବଂ ବିଜୟ ପ୍ରଭାକରନ୍ ରହିଛନ୍ତି। ବିଜୟକାନ୍ତ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହେବା ପରେ ଗତ ମଙ୍ଗଳବାର ହସ୍ପିଟାଲରେ ଭର୍ତ୍ତିହୋଇ ଭେଣ୍ଟିଲେଟରରେ ରହିଥିଲେ। ପୂର୍ବରୁ ସେ ଦୀର୍ଘ ଅସୁସ୍ଥତା କାରଣରୁ ଏକାଧିକ ଥର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୭ରେ ସେ ଚିକିତ୍ସା ପାଇଁ ଆମେରିକା ଯାଇ ସେଠାରେ ଅଙ୍ଗ ପ୍ରତିରୋପଣ କରିଥିଲେ। ଦୀର୍ଘଦିନ ମଧୁମେହରେ ପୀଡ଼ିତ ଥିବା ବିଜୟକାନ୍ତଙ୍କ ଗୋଡ଼ ଆଙ୍ଗୁଠିଗୁଡ଼ିକୁ ଗତବର୍ଷ ଜୁନ୍‌ରେ କାଟିଦିଆଯାଇଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ମଦୁରାଇରେ ଜନ୍ମିତ ବିଜୟକାନ୍ତ ଅଭିନେତା ରଜନୀକାନ୍ତ ଏବଂ କମଲ ହାସନଙ୍କ ସହ ତାମିଲ ଚଳଚ୍ଚିତ୍ର ଶିଳ୍ପରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ୧୦୦ତମ ଚଳଚ୍ଚିତ୍ର 'କ୍ୟାପ୍‌ଟେନ୍ ପ୍ରଭାକରନ୍'ରେ ଅଭିନୟ ପରେ ପ୍ରଶଂସକମାନେ ତାଙ୍କୁ ଆଦରରେ କ୍ୟାପଟେନ୍ ଡାକୁଥିଲେ। ୧୯୮୪ରେ ୧୮ଟି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ଇତିହାସ ରଚିଥିଲେ। ଲୋକପ୍ରିୟତା ହାସଲ ପରେ ବିଜୟକାନ୍ତ ୨୦୦୫ରେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଥିଲେ। ସେ ତାଙ୍କର ଫ୍ୟାନ୍ କ୍ଲବ୍‌କୁ ଦେଶିୟା, ମୁରପୋକ୍କୁ ଦ୍ରାବିଡ କାଝାଗମ୍ (ଡିଏମ୍‌ଡିକେ)ରେ ପରିଣତ କରିଥିଲେ। ୨୦୧୧ରେ ଜୟଲଲିଥାଙ୍କ ଏଆଇଏଡିଏମ୍‌କେ ସହ ମେଣ୍ଟ କରି ଡିଏମ୍‌ଡିକେ ନିର୍ବାଚନୀ ରାଜନୀତିରେ ବେଶ୍ ସଫଳତା ପାଇଥିଲା। ୪୦ଟି ଆସନରେ ଲଢ଼ି ଡିଏମ୍‌ଡିକେ ୨୯ଟିରେ ବିଜୟୀ ହୋଇଥିଲା ଓ ବିଜୟକାନ୍ତ ବିରୋଧୀ ଦଳ ନେତା ହୋଇଥିଲେ। ୪ ଦଳୀୟ ପିପୁଲ୍ସ ୱେଲ୍‌ଫେୟାର ଫ୍ରଣ୍ଟରେ ସାମିଲ ହୋଇ ୨୦୧୬ ବିଧାନସଭା ନିର୍ବାଚନରେ ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଥିଲେ। ପରେ ଅସୁସ୍ଥତା କାରଣରୁ ସେ ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ।

ହାଫିଜ୍‌ଙ୍କ ପ୍ରତ୍ୟର୍ପଣ ଦାବିକଲା ଭାରତ

ହାଫିଜ୍ ସୟିଦ

ନୂଆଦିଲ୍ଲୀ,୨୮।୧୨

୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦଙ୍କୁ ହସ୍ତାନ୍ତର କରିବା ଲାଗି ଭାରତ ସରକାର ପାକିସ୍ତାନକୁ ନିବେଦନ କରିଛି। ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଗଲେ ସେ ଭାରତୀୟ ଆଇନ ଅନୁଯାୟୀ ବିଚାରର ସମ୍ମୁଖୀନ ହୋଇପାରିବେ। ଭାରତର ସରକାରଙ୍କ ଆନୁଷ୍ଠାନିକ ନିବେଦନକୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପାଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ୨୦୦୮ର ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ହାଫିଜ୍ ଭାରତର ମୋଷ୍ଟୱାଣ୍ଟେଡ୍ ଆତଙ୍କବାଦୀ ତାଲିକାରେ ରହିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ନିୟୁତ ଡଲାର ଦିଆଯିବ ବୋଲି ଆମେରିକା ଘୋଷଣା କରିଥିଲା।

ପ୍ରିୟଙ୍କାଙ୍କ ବିରୋଧରେ ଇଡି ଚାର୍ଜଶିଟ୍

ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ନୂଆଦିଲ୍ଲୀ,୨୮।୧୨(ପି.ଟି.)

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରା ୨୦୦୫-୦୬ରେ ଏକ ରିଅଲ ଇଷ୍ଟେଟ୍ କମ୍ପାନୀଠାରୁ ହରିୟାଣାରେ ୩ଟି ପ୍ଲଟ୍ କିଣିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉକ୍ତ ସମ୍ପତ୍ତି କିଣାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବାବେଳେ ରବର୍ଟଙ୍କ ସ୍ତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ତଦନ୍ତରେ ପ୍ରଥମ ଥର ପାଇଁ ସାମିଲ କରାଯାଇଛି। ଇଡି ଚାର୍ଜଶିଟ୍‌ରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ନାଁ ରହିଛି।

ଗତ ନଭେମ୍ବରରେ ଇଡି ୟୁଏଇର ପ୍ରବାସୀ ଭାରତୀୟ ବ୍ୟବସାୟୀ ସି.ସି. ଥାମ୍ପିଙ୍କ ବିରୋଧରେ ଦିଲ୍ଲୀ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା। ଥାମ୍ପିଙ୍କର ରବର୍ଟ ଭଦ୍ରା ଏବଂ ସୁମିତ ଚଢ଼ାଙ୍କ ସହ ସମ୍ପର୍କ ରହିଛି। ସୁମିତ୍ ହେଉଛନ୍ତି ମଧ୍ୟସ୍ଥ ସଞ୍ଜୟ ଭଣ୍ଡାରୀଙ୍କ ସମ୍ପର୍କୀୟ। ସେତେବେଳେ ଚାର୍ଜଶିଟ୍‌ରେ ରବର୍ଟ ଏବଂ ପ୍ରିୟଙ୍କାଙ୍କୁ ଅଭିଯୁକ୍ତ କରାଯାଇ ନ ଥିଲା। ପ୍ରଥମ ଥର ପାଇଁ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ କଂଗ୍ରେସ ନେତ୍ରୀଙ୍କୁ ଅଭିଯୁକ୍ତ କରାଯାଇଛି। ଦିଲ୍ଲୀର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ଚାର୍ଜଶିଟ୍‌କୁ ଗ୍ରହଣ କରି ଜାନୁୟାରୀ ୨୯ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି। ଭଣ୍ଡାରୀ ୨୦୧୬ରେ ବ୍ରିଟେନ୍ ପଳାଇଥିଲେ। ଇଡି ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଆଇନଗତ ଅନୁରୋଧକ୍ରମେ ବ୍ରିଟିଶ ସରକାର ଗତ ଜାନୁୟାରୀରେ ଭଣ୍ଡାରୀଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଅନୁମୋଦନ କରିଥିଲେ। ୨୦୧୫ରେ ୬୭ ବର୍ଷୀୟ ଥାମ୍ପିଙ୍କ ବିରୋଧରେ ବିଦେଶ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ)ରେ ମାମଲା ରୁଜୁ ହୋଇଥିବାବେଳେ ଭଦ୍ରା ଦମ୍ପତିଙ୍କ ସହ ଜମି କିଣାବିକା ହୋଇଥିବା ଇଡି ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ପୂର୍ବରୁ ଇଡି ରବର୍ଟ ଭଦ୍ରାଙ୍କୁ ଏନେଇ ଜେରା କରିଥିଲା।

୨୦୦୫ରୁ ୨୦୦୮ ମଧ୍ୟରେ ଥାମ୍ପି ହରିୟାଣାର ଫରିଦାବାଦ ଜିଲା ଅମିରପୁର ଗ୍ରାମରେ ରିଅଲ ଇଷ୍ଟେଟ୍ ଏଜେଣ୍ଟ ଏର୍.ଏଲ୍. ପହୱାଙ୍କ ଜରିଆରେ ୪୮୬ ଏକର ଜମି କିଣିଥିଲେ। ରବର୍ଟ ମଧ୍ୟ ଉକ୍ତ ଗ୍ରାମରୁ ପହୱାଙ୍କ ଜରିଆରେ ୪୦.୦୮ ଏକର ଜମି କିଣି ୨୦୨୦ ଡିସେମ୍ବରରେ ଏହାକୁ ପହୱାଙ୍କୁ ବିକିଦେଇଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି।

ଉଦ୍ଧବ ସେନାର ୨୩ ଆସନ ଦାବି: କଂଗ୍ରେସର ନା

ମୁମ୍ବାଇ,୨୮।୧୨

ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ମହାରାଷ୍ଟ୍ରରେ ୨୩ ଆସନରେ ଲଢ଼ିବା ନିମନ୍ତେ ସହଯୋଗୀ ଦଳ ଶିବସେନା(ୟୁବିଟି) କରିଥିବା ଦାବିକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଦେଇଛି। ମହାରାଷ୍ଟ୍ର ବିକାଶ ଅଘାଡ଼ି ମେଣ୍ଟର ସହଯୋଗୀ ଦଳ ଶିବସେନା(ୟୁବିଟି), କଂଗ୍ରେସ ଏବଂ ଏନ୍‌ସିପି ମଧ୍ୟରେ ଆସନ ବୁଝାମଣା ନେଇ ଆଲୋଚନା ହୋଇଥିଲା। ମହାରାଷ୍ଟ୍ରର ୪୮ ଲୋକ ସଭା ଆସନ ମଧ୍ୟରୁ ଉଦ୍ଧବ ଠାକ୍‌ରେଙ୍କ ଦଳ ୨୩ ଆସନରେ ପ୍ରାର୍ଥୀ ଦେବା ଲାଗି ଦାବି କରିଥିଲା। ତେବେ ଶିବସେନାର ବିଭାଜନ ପରେ ଉଦ୍ଧବଙ୍କ ଗୋଷ୍ଠୀରେ ଯଥେଷ୍ଟ ପ୍ରାର୍ଥୀ ନ ଥିବା କଂଗ୍ରେସ ନେତା ସଞ୍ଜୟ ନିରୁପମ୍ କହିଛନ୍ତି। ସେହିପରି ଶରଦ ପାୱାରଙ୍କ ଏନ୍‌ସିପରେ ମଧ୍ୟ ବିଭାଜନ ହୋଇଛି। ମହାରାଷ୍ଟ୍ରରେ କେବଳ କଂଗ୍ରେସ ଏକମାତ୍ର ଦଳ, ଯାହାର ଭୋଟ ଭାଗ ସ୍ଥିର ଥିବା ଦଳ ପକ୍ଷରୁ କୁହାଯାଇଛି। ସବୁ ସହଯୋଗୀ ଦଳ ଅଧିକ ଆସନ ଚାହୁଁଛନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଶିବସେନା (ୟୁବିଟି)ର ୨୩ ଆସନ ଦାବି ଅତ୍ୟଧିକ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ କହିଛନ୍ତି।

ଫୁରସତ

ଆଉ ୨ଟି ଫିଲ୍ମରେ ବବି ଦେଓଲ ଭିଲେନ

ମୁମ୍ବାଇ: ବର୍ତ୍ତମାନ ସମୟରେ ବବି ଦେଓଲ ଫିଲ୍ମ 'ଆନିମଲ' ପାଇଁ ଅନେକ ଚର୍ଚ୍ଚାରେ ଅଛନ୍ତି। ସିନେମାରେ ବବିଙ୍କ ଭିଲେନ ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆଗରୁ ହିରୋ ହୋଇ ଯେଉଁ ଖ୍ୟାତି ଅର୍ଜନ କରି ନ ଥିଲେ, ଏବେ ଭିଲେନ ହୋଇ ସେ ସେହି ଖ୍ୟାତି ପାଇପାରିଛନ୍ତି। ଅନେକ ବର୍ଷ ପରେ ବବିଙ୍କ ପ୍ରତ୍ୟାବର୍ତ୍ତନ ଦର୍ଶକଙ୍କ ମନ କିଣିଛି। ଏହା ପୂର୍ବରୁ ତାଙ୍କୁ ଫିଲ୍ମ 'ଲଭ୍ ହଷ୍ଟେଲ'ରେ ଏକ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଥିଲା। ତେବେ ବବିଙ୍କ ହାତରେ ଆଉ ୨ଟି ବଡ଼ ସାଉଥ୍ ଫିଲ୍ମ ଲାଗିଛି। ଯେଉଁଥିରେ ମଧ୍ୟ ତାଙ୍କୁ ଭିଲେନ ଭୂମିକାରେ ଦେଖିବାକୁ ମିଳିବ। ତାମିଲ ସୁପରଷ୍ଟାର ସୂର୍ଯ୍ୟାଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କଙ୍ଗୁଭା'ରେ ବବି ଖଳନାୟକ ଭୂମିକାରେ ନଜରକୁ ଆସିବେ। ଏହି ଫିଲ୍ମ ୩୦୦ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ ହେଉଛି, ଯାହା ଆନିମଲ୍‌ଠାରୁ ୩ ଗୁଣା ଅଧିକ। ଫିଲ୍ମରେ ଦିଶା ପଟାନିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସିନେମାର ଟିଜର ସୂର୍ଯ୍ୟାଙ୍କ ଜନ୍ମଦିନରେ ରିଲିଜ୍ ହୋଇଥିଲା। ହେଲେ ଏହାର ରିଲିଜ୍ ତାରିଖ ଘୋଷଣା ହୋଇନି। ସୂଚନା ଅନୁଯାୟୀ, ଏହା ଆସନ୍ତା ବର୍ଷ ମୁକ୍ତିଲାଭ କରିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବବିଙ୍କୁ ପୱନ କଲ୍ୟାଣଙ୍କ ଅଭିନୀତ ଫିଲ୍ମ 'ହରି ହରା ବୀରା ମଲ୍ଲୁ'ରେ ମଧ୍ୟ ଭିଲେନ ଭୂମିକାରେ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଏହା ରିଲିଜ୍ ହେବାର ସମ୍ଭାବନା ରହିଛି।

ବିଶ୍ୱର ଟପ୍ ଶହେ ଜଳଖିଆରେ 'ଛୋଲେ ଭଟୁରୋ'

ନୂଆଦିଲ୍ଲୀ: ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ କିଏ ବା ନ ଚାହେଁ। ତେବେ ଭାରତରେ ଖାଦ୍ୟର ରୁଚି ସର୍ବଦା ଭିନ୍ନ ହୋଇଥାଏ। ଏମିତି କିଛି ଖାଦ୍ୟ ରହିଛି, ଯାହା ସମସ୍ତଙ୍କୁ ପସନ୍ଦ ଆସିଥାଏ। ସେପରି ଏକ ଖାଦ୍ୟ ହେଉଛି 'ଛୋଲେ ଭଟୁରୋ'। ବର୍ଷ ଶେଷ ହେଉଥିବାବେଳେ ବର୍ଷର ଏପରି କିଛି ଖାଦ୍ୟର ଲିଷ୍ଟ ରହିଛି, ଯାହା ଲୋକେ ଅଧିକ ପସନ୍ଦ କରିଛନ୍ତି। ତେବେ 'ଛୋଲେ ଭଟୁରୋ' ଭାରତୀୟଙ୍କ ଜଳଖିଆ ଭାବେ ଅନେକ ଆଦୃତ ହୋଇପାରିଛି। ଏହାର ସ୍ଥାନ 'ବିଶ୍ୱର ଟପ୍ ଶହେ ଜଳଖିଆ' ଭିତରେ ୧୮ତମ ର୍ୟାଙ୍କ୍‌ରେ ରହିଛି। ତେବେ 'ଛୋଲେ ଭଟୁରୋ' ହେଉଛି ଦୁଇଟି ଖାଦ୍ୟର ସମ୍ମିଶ୍ରଣ। ଛୋଲେ- ଏକ ସ୍ପାଇସି ଚଟପଟା ତରକାରି ଏବଂ ଭଟୁରୋ- ମଇଦାରେ ପ୍ରସ୍ତୁତ ରୁଟି। ଏହି ଖାଦ୍ୟ ଉତ୍ତର ଭାରତରେ ଅଧିକ ପ୍ରସିଦ୍ଧ ଥିବାବେଳେ ୧୯୪୦ ମସିହାରେ ଏହାର ଜନ୍ମ ଦିଲ୍ଲୀରେ ହୋଇଥିଲା। ଉତ୍ତର ଭାରତର ସମସ୍ତ ରାସ୍ତାକଡ଼ ଖାଦ୍ୟ ଭାବେ ଏହା ସହଜରେ ମିଳିଯାଏ। ଏହାକୁ ସାଧାରଣତଃ ସକାଳ ସମୟରେ ଖିଆଯାଉଥିବାବେଳେ ଦିନରେ ମଧ୍ୟ ଖାଇହୁଏ। ପୋଷଣଯୁକ୍ତ ଖାଦ୍ୟ ଭାବେ ଏହା ଗଣାଯାଏ। ଏହା ବ୍ୟତୀତ ଭାରତୀୟଙ୍କ ଆଉ ଏକ ପସନ୍ଦର ଖାଦ୍ୟ ହେଉଛି 'ପ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୯/୨୦୨୩ | Bhubaneswar, Friday, December 29/2023 | ପୃଷ୍ଠା-୧

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଗୁରୁବାର ସକାଳେ ଘନକୁହୁଡ଼ିରେ ଆଚ୍ଛାଦିତ ରାସ୍ତା ।

ଭୂତଳ ଜଳରେ ଫ୍ଲୋରାଇଡ୍, ଆର୍ସେନିକ

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ଏନ୍‌ଜିଟିଙ୍କ ଉଦ୍‌ବେଗ

- **ରାଜ୍ୟ ସରକାରଙ୍କୁ ନୋଟିସ**
- **ମାସକ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

ରାଜ୍ୟରେ ଭୂତଳ ଜଳ ପ୍ରଦୂଷିତ ହେଉଛି। ବିଶେଷକରି ଜଳରେ ଫ୍ଲୋରାଇଡ୍, ଆର୍ସେନିକ, ନାଇଟ୍ରେଟ୍, ପିଏଚ୍‌ର ମାତ୍ରା ଅଧିକ ରହୁଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହାନିକାରକ। ଭୂଗର୍ଭ ଜଳରେ ଫ୍ଲୋରାଇଡ୍ ଏବଂ ଆର୍ସେନିକ ମାତ୍ରା ଅଧିକ ରହୁଥିବାରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ରାସାୟନିକ ପଦାର୍ଥ ଅତ୍ୟନ୍ତ ମାରାତ୍ମକ ଓ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ଓଡ଼ିଶା ସମେତ ଦେଶର ୨୩୦ ଜିଲାରେ ଉକ୍ତ ବିଷାକ୍ତ ଦ୍ରବ୍ୟ ପାଣିରେ ଅଧିକ ପରିମାଣ ରହିଥିବା କୁହାଯାଇଛି। ନିକଟରେ କେନ୍ଦ୍ର ଭୂତଳ ଜଳ କର୍ତ୍ତୃପକ୍ଷ(ସିଜିଡବ୍ଲ୍ୟୁଏ) ପକ୍ଷରୁ ଏନ୍‌ଜିଟିଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଏହା ରାଜ୍ୟ ବିଷୟ ହୋଇଥିବାରୁ ସିଜିଡବ୍ଲ୍ୟୁଏ ଏହା ଉପରେ କୌଣସି ପଦକ୍ଷେପ ନେଇପାରିବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ଏକ ଜନସ୍ୱାସ୍ଥ୍ୟ ଜଡ଼ିତ ମାମଲା ହୋଇଥିବା ବେଳେ ରାଜ୍ୟଗୁଡ଼ିକ ଉପରେ ଦାୟିତ୍ୱ ଛାଡ଼ି ସିଜିଡବ୍ଲ୍ୟୁଏ ନିଜ ଦାୟିତ୍ୱରୁ ହଟି ଯାଉଥିବା ନେଇ ଏନ୍‌ଜିଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଭୂତଳ ଜଳ ପ୍ରଦୂଷଣକୁ ନେଇ ଏନ୍‌ଜିଟି ପକ୍ଷରୁ ଡିସେମ୍ବର ୨୬ ତାରିଖରେ ଓଡ଼ିଶା ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଭୂତଳ ଜଳରେ ଥିବା ମାତ୍ରାଧିକ ଫ୍ଲୋରାଇଡ୍ ଏବଂ ଆର୍ସେନିକ ଭଳି ମାରାତ୍ମକ ରାସାୟନିକ ଦ୍ରବଣର ନିରାକରଣ ପାଇଁ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆସନ୍ତା ମାସକ ମଧ୍ୟରେ ଜଣାଇବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଓଡ଼ିଶାର ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ଅଧିକାଂଶ ସ୍ଥାନରେ ଭୂଗର୍ଭ ଜଳରେ ଫ୍ଲୋରାଇଡ୍‌ର ମାତ୍ରା ଅଧିକ ରହୁଛି। ନିକଟରେ ଆଇଆଇଟି ଖଡଗପୁର, ମୁମ୍ବାଇସ୍ଥିତ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର ଏବଂ ହୋମି ଭାବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟର ଏକ ଟିମ୍ ଉକ୍ତ ୨ ଜିଲାର ୨୨ଟି ନଳକୂପ ଓ କୂପରୁ ଜଳ ନମୁନା ସଂଗ୍ରହ କରିଥିଲେ। ସେଥିରୁ ପ୍ରାୟ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମୁନାରେ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି। ଏପରି କି କେତେକ ନମୁନାରେ ପ୍ରତି ଲିଟର ଜଳରେ ୩.୫ ମିଲିଗ୍ରାମ୍‌ରୁ ଊର୍ଦ୍ଧ୍ୱ ଫ୍ଲୋରାଇଡ୍ ଥିବା ଜଣାପଡ଼ିଛି। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ମାନକ ଅନୁଯାୟୀ, ପ୍ରତି ଲିଟର ଜଳରେ ୧.୧ ମିଲିଗ୍ରାମ୍ ଫ୍ଲୋରାଇଡ୍ ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ହୋଇଥାଏ। ଫ୍ଲୋରାଇଡ୍ ସହିତ ଜଳରେ ସଲ୍‌ଫାଇଡ, କ୍ୟାଲ୍‌ସିୟମ ଓ ବାଇକାର୍ବୋନେଟ ଆୟନସ୍ ଭଳି ଦ୍ରାବକ ପରିମାଣ ମଧ୍ୟ ଅଧିକ ରହିଛି। ଯେଉଁ ଜଳରେ ଫ୍ଲୋରାଇଡ୍ କମ୍ ରହିଛି ସେଠାରେ ବାଇକାର୍ବୋନେଟ ପ୍ରତିଶତ ଅଧିକ ରହିଛି।

ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଜ୍ୟର ୩୦ ଜିଲାର ୯୦ଟି ସ୍ଥାନରେ ୨୦୨୩ ଏପ୍ରିଲରେ କରାଯାଇଥିବା ପରୀକ୍ଷଣରୁ ଜଣାପଡ଼ିଛି ଯେ ୧୭ଟି ସ୍ଥାନରେ ପିଏଚ୍(ପୋଟେନସିଆଲ ହାଇଡ୍ରୋଜେନ), ୧୫ଟି ସ୍ଥାନରେ ନାଇଟ୍ରେଟ୍ ଏବଂ ଗୋଟିଏ ସ୍ଥାନରେ ଫ୍ଲୋରାଇଡ୍‌ର ପରିମାଣ ବିଆଇଏସ୍ ମାନକଠାରୁ ଅଧିକ ରହୁଛି , ଯାହାକି ପାନୀୟ ଉପଯୋଗୀ ନୁହେଁ। ଦିନକୁ ଦିନ ଭୂତଳ ଜଳ ବ୍ୟବହାର ବୃଦ୍ଧି ପାଉଥିବାରୁ ଏହା ଚିନ୍ତାଜନକ ହୋଇଛି। ଜଳ ସମ୍ପଦ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୨୦୧୭ରେ ଘରୋଇ କ୍ଷେତ୍ରରେ ବ୍ୟବହାର ପାଇଁ ୧.୧୫ ନିୟୁତ କ୍ୟୁବିକ୍ ମିଟର (ଏମ୍‌ସିଏମ୍) ଜଳ ବ୍ୟବହାର କରାଯାଉଥିବା ବେଳେ ୨୦୨୦ରେ ୧.୨୧ ଏବଂ ୨୦୨୨ରେ ୧.୨୪ ନିୟୁତ କ୍ୟୁବିକ୍ ମିଟର ଭୂଗର୍ଭ ଜଳ ବ୍ୟବହାର କରାଯାଇଛି।

ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଯେଉଁ ସ୍ଥାନଗୁଡ଼ିକରେ ଭୂଗର୍ଭ ଜଳ ପାନୀୟ ଉପଯୋଗୀ ରହୁ ନାହିଁ ସେଠାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ପୃକ୍ତ ପୌରାଞ୍ଚଳ, ଜିଲା ଅଧିକାରୀ ଓ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ନେବା ସହ ଜନସାଧାରଣଙ୍କ ପାଇଁ ଫଳକ ଲଗାଇବା ଓ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି।

ବାପ, ପୁଅଙ୍କୁ ଏସିଡ୍ ମାଡ଼

ଫୁଲବାଣୀ,୨୮।୧୨(ରାକେଶ କୁମାର ରାଉତ)

ଏସିଡ୍ ଆକ୍ରମଣକାରୀଙ୍କୁ ପୋଲିସ ମେଡିକାଲ ନେଉଛି।

ଫୁଲବାଣୀ ସହରରେ ଜଣେ ଯୁବକଙ୍କ ସହ ତାଙ୍କ ବାପାଙ୍କୁ ଏସିଡ ମାଡ଼ ହୋଇଛି। ସମ୍ପୃକ୍ତ ଯୁବକଙ୍କ ସହ ତାଙ୍କ ବାପା ଗୁରୁତର ହୋଇଥିବା ବେଳେ ଜଣେ ସାଙ୍ଗ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଆକ୍ରମଣକାରୀଙ୍କୁଧରିଉତ୍ତମମଧ୍ୟମ ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପରେ ମେଡିକାଲରେ ଭର୍ତ୍ତି କରିଛି। ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ହୋଇଥିବା ଜଣାପଡିଛି। ଏସିଡ୍ ଆକ୍ରମଣରେ ଗୁରୁତର ହୋଇଥିବା ଯୁବକ ହେଲେ ସୁରଜ ମହାନ୍ତି, ବାପା ଚନ୍ଦ୍ର ମହାନ୍ତି ଏବଂ ସାଙ୍ଗ ରାକେଶ ମିଶ୍ର। ଏସିଡ ଫିଙ୍ଗିଥିବା ବ୍ୟକ୍ତି ହେଲେ ପ୍ରମୋଦ ସାହୁ। ମିଳିଥିବା ସୂଚନା ଅନୁସାରେ ସୁରଜ ଏବଂ ସାଙ୍ଗ ରାକେଶ ଶଶୀ ପାନଦୋକାନ ଛକରେ ଠିଆ ହୋଇଥିଲେ। ଏହି ସମୟରେ ପ୍ରମୋଦ ଆସି ସୁରଜଙ୍କୁ କିଛି ପଚାରି ଥିଲେ। ହଠାତ୍ ପ୍ରମୋଦ ଏକ ପାତ୍ରରେ ଧରି ଥିବା ଏସିଡ ସୁରଜଙ୍କ ମୁହଁକୁ ଫିଙ୍ଗି ଦେଇଥିଲେ। ପାଖରେ ଥିବା ରାକେଶଙ୍କ ଉପରେ ମଧ୍ୟ ଏସିଡ ଛିଟିକି ପଡିଥିଲା। ସୁରଜଙ୍କ ମୁହଁରେ ଏସିଡ ପଡିବାରୁ ପ୍ରାଣ ବିକଳରେ ଦୌଡ଼ି ଯାଇ ଜଣଙ୍କ ଘରେ ପଶିଯାଇଥିଲେ। ଏହି ଖବର ଶୁଣି ବାପା ଚନ୍ଦ୍ର ସେଠାକୁ ଆସିବାରୁ ପ୍ରମୋଦ ତାଙ୍କ ଉପରକୁ ମଧ୍ୟ ଏସିଡ ଫୋପାଡ଼ିଥିଲେ। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ କାବୁକରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରମୋଦଙ୍କୁ ଧରିବା ସହିତ ସମସ୍ତଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ବାପା ପୁଅଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରମୋଦ ସେମାନଙ୍କ ଉପରେ ଏସିଡ୍ ଫିଙ୍ଗିଥିବା ସନ୍ଦେହ କରାଯାଉଛି। ପ୍ରମୋଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ନିକଟରେ ସେ ଜେଲରୁ ଆସିଥିବା ସୂଚନା ମିଳିଛି। ଏସିଡ୍ ସେ କେଉଁଠୁ ଆଣିଲେ ତାହାର ତଦନ୍ତ କରାଯାଉଛି। ଏସିଡ ଆକ୍ରମଣ ଜଘନ୍ୟ ଅପରାଧ। ସବୁ ଦିଗକୁ ନେଇ ତଦନ୍ତ ଜାରିରହିଛି ବୋଲି ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି।

ଗ୍ୟାସ୍ ନିଆଁରେ ଜଳିଗଲେ ମହିଳା

ଯୋଡ଼ା,୨୮।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଗ୍ୟାସ୍‌ରୁ ନିଆଁ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ସଞ୍ଜୁଲତା ମହାନ୍ତ। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଗ୍ୟାସ୍ ଲିକ୍ ଯୋଗୁ ସଞ୍ଜୁଙ୍କ ଘରେ ନିଆଁ ଲାଗିଯାଇଥିଲା। ସେଥିରେ ସେ ପୋଡ଼ି ହୋଇ ଅର୍ଦ୍ଧଦଗ୍ଧ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଚମ୍ପୁଆ ଡାକ୍ତରଖାନା, ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି।

ଦେଶୀଡଙ୍ଗା ବୁଡ଼ି ଜଣେ ମୃତ, ୪ ନିଖୋଜ

ନନ୍ଦପୁର,୨୮।୧୨(ଶଙ୍କର ପୂଜାରୀ)

ତାନ୍‌ସିଂ ନଦୀଘାଟରେ ଅଘଟଣ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ କୁଲାରସିଂ ପଞ୍ଚାୟତର ତାନସିଂ ଗ୍ରାମ ନଦୀଘାଟରେ ଗୁରୁବାର ଏକ ଦେଶୀ ଡଙ୍ଗା ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଡଙ୍ଗାରେ ଥିବା ଅନ୍ୟ ୪ଜଣ ଏବେ ବି ନିଖୋଜ ଅଛନ୍ତି। ମୃତକ ହେଲେ ତାନ୍‌ସିଂ ଗ୍ରାମର ଲାଲମଣି ଶିସା (୫୦)। ଡଙ୍ଗାରେ ଥିବା ଗାଁର ଶଶିରେଖା ଆର୍ଲାବ (୩୫), ଶାନ୍ତି ଶିସା (୭), ନବିନା ଆର୍ଲାବ (୧୪), ପୁଷ୍ପାଞ୍ଜଳି ଆର୍ଲାବ (୬) ନିଖୋଜ ଅଛନ୍ତି। ସୂଚନାନୁଯାୟୀ, ସମସ୍ତେ ଏକ ପାରିବାରିକ କାର୍ଯ୍ୟରେ ଯୋଗଦେବାକୁ ପାତାଳୀ ନଦୀ (ଜଲାପୁଟ ରିଜର୍ଭର) ଆରପଟେ ଥିବା ବଡେଲା ଗ୍ରାମକୁ ଯାଇଥିଲେ। ସେଠାରୁ ଦେଶୀ ଡଙ୍ଗା ନେଇ ଫେରିବାବେଳେ ହଠାତ୍ ଡଙ୍ଗାଟି ଓଲଟି ପଡ଼ିଥିଲା। ଖବରପାଇ ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଓ ନନ୍ଦପୁର ଅଗ୍ନିଶମ ବାହିନୀ ଏସ୍‌ଓ ବିଶ୍ୱଜିତ୍ ରାଉତ, ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନଙ୍କୁ ଲାଲମଣିଙ୍କ ମୃତଦେହ ମିଳିଥିଲା। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଆସନ୍ତାକାଲି ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପାତାଳୀ ନଦୀର ଜଲାପୁଟ ରିଜର୍ଭର ଜଳରାଶି ଚାରି ପାର୍ଶ୍ୱରେ ଥିବା କୁଲାରସିଂ, ପରଜା ବଡପଡା, ପାଡୁଆ, ଗୋଲୁର, ପାଛଲୁଙ୍ଗ, ବିଲାପୁଟ, କୁଲାବିର ପଞ୍ଚାୟତବାସୀଙ୍କ ଯାତାୟାତ ନିମନ୍ତେ ୨ଟି ମୋଟର ବୋଟ ପ୍ରଦାନ କରାଯାଇଛି। ତାହା ଅଧିକାଂଶ ସମୟ ଅଚଳ ରହୁଥିବାରୁ ଲୋକେ ଦେଶୀ ଡଙ୍ଗା ବ୍ୟବହାର କରି ଏଭଳି ଦୁର୍ଘଟଣାର ଶିକାର ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଚଳ ମୋଟର ଡଙ୍ଗାର ମରାମତି ସାଙ୍ଗକୁ ପଞ୍ଚାୟତ ପିଛା ଗୋଟିଏ ଲେଖାଏ ମୋଟର ଡଙ୍ଗା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଆଦିମ ଜନଜାତିଙ୍କ ଭୋଟ ଉପରେ ଭାଜପାର ଆଖି

ଭୁବନେଶ୍ୱର,୨୮।୧୨(ସୁନିତ୍ ମିଶ୍ର)

ଦେଶ ତଥା ରାଜ୍ୟଗୁଡ଼ିକର ଆଦିମ ଜନଜାତିମାନଙ୍କ ଭୋଟ ନେବା ସକାଶେ କେନ୍ଦ୍ରର ଏନ୍‌ଡିଏ ନେତୃତ୍ୱାଧୀନ ଭାଜପା ସରକାର ଯୋଜନା ଆରମ୍ଭ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ(ପିଏମ୍-ଜନମନ) ଯୋଜନା ଆଧାରରେ ଦେଶର ୭୫ ବର୍ଗ ଆଦିମ ଜନଜାତିଙ୍କ ଭୋଟ ନେବା ପାଇଁ ଏବେ ଭାଜପା ଯୋଜନା କରିଛି। ଏହି ଯୋଜନାରେ ଆଦିମ ଜନଜାତିଙ୍କୁ ପକ୍କାଘରଠାରୁ ଆରମ୍ଭକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କା, ଶୌଚାଳୟ ଏବଂ ସମସ୍ତଙ୍କ ଘରେ ପାନୀୟ ଜଳ, କମ୍ୟୁନିଟି ସେଣ୍ଟର, ମାଗଣା ଗ୍ୟାସ୍ ଆଦି ଯୋଗାଇଦେବାକୁ କେନ୍ଦ୍ର ସରକାର ବ୍ୟବସ୍ଥା କରୁଛନ୍ତି। ଏହିସବୁ ସୁବିଧା ଦେଇ ଦେଶରେ ବସବାସ କରୁଥିବା ଆଦିମ ଜନଜାତି ତଥା ଆଦିବାସୀମାନଙ୍କ ଭୋଟ ଭାଜପା ହାତେଇପାରିବ ବୋଲି ବିଶ୍ୱାସ ରଖୁଛି। ଛତିଶଗଡ଼ ନିର୍ବାଚନ ପରଠାରୁ ଭାଜପାର କେନ୍ଦ୍ରୀୟ ଶୀର୍ଷ ନେତାମାନଙ୍କ ମନରେ ଏହି ବିଶ୍ୱାସ ଜାତ ହୋଇଛି।

ମିଳିଥିବା ସୂଚନା ମୁତାବକ, କେନ୍ଦ୍ର ସରକାର ଛତିଶଗଡ଼ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଗତ ନଭେମ୍ବର ୧୫ରେ ଏହି ଯୋଜନା ଲାଗୁ କରି ଆଦିବାସୀମାନଙ୍କୁ ☞ପୃଷ୍ଠା–୨



अमित शुक्ला
संयुक्त सचिव
Amit Shukla
Joint Secretary
Tel. : 23384707
Email : amit.shukla1999@gov.in

सत्यमेव जयते

ग्रामीण विकास मंत्रालय
ग्रामीण विकास विभाग
भारत सरकार
कृषि भवन, नई दिल्ली-110001
Ministry of Rural Development
Department of Rural Development
Government of India
Krishi Bhawan, New Delhi-110001

DO.NoP-17025/26/2023-RC-Part(1) Dated: 10th December, 2023

Madam/Sir,

Please refer my D.O letter of even number dated 7th December, 2023 (copy enclosed) informing you about the workshop/Manthan Shivir to be held on 15.12.2023 in Bharat Mandapam, New Delhi in connection with PM-JANMAN. Another letter has also been sent by Rural Housing (RH) Division of the Ministry regarding the rural housing component of the programme and extending invitation to the programme (copies of the two letters are enclosed).

2. In this regard, **the Additional Secretary (RD) will review on 11th December, 2023 at 3:30 p.m., through VC,** the preparedness and the proposed action plan for the Manthan Shivir/implementation of the rural housing and rural connectivity components of the scheme in PM-PVTG habitations **The link for the VC is being sent separately.**

3. Since the event at Bharat Mandapan on 15th December, 2023 will witness the presence of High Powered Committee, comprising the Hon'ble Ministers of the concerned ministries, to review and approve the finalized action plan, your kind presence in the VC is requested, along with your officials, for facilitating resolution of issues, if any, and finalization of the action plan. A copy of the draft action plan of your States/ UT is requested to be sent in advance before the meeting.

With regards,

Yours sincerely,
(Amit Shukla)

Spl, CS/ACS/Principal Secretaries/Secretaries

(Implementing PMGSY in 15 States & 1 UT)
(Implementing PMAY in 16 States)

ରାଜ୍ୟ ସରକାରଙ୍କୁ ଆସିଥିବା କେନ୍ଦ୍ର ସରକାରଙ୍କ ଚିଠିର ନକଲ ।



ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଥିଲେ ଥାଉ ପଛେ ଗୁଣ ହଜାର
ଚରିତ୍ର ନ ଥିଲେ ସବୁ ଅସାର।

ଚରିତ୍ରବାନ ବ୍ୟକ୍ତି ଆମ ସମାଜରେ ଉଚ୍ଚପ୍ରଶଂସା ଲାଭ କରୁଥିବାବେଳେ ସେମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନଙ୍କ ସମ୍ମାନବୋଧ ରହିବା ସହ ସେମାନେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥାନ୍ତି। ତେବେ ଅଶେଷ ଗୁଣରେ ପରିପୂର୍ଣ୍ଣ ହୋଇ ସୁଦ୍ଧା ଯଦି ଜଣେ ଭ୍ରଷ୍ଟ ଚରିତ୍ରର ହୋଇଥାଏ ତେବେ ତା' ବ୍ୟକ୍ତିତ୍ୱ ବହୁ ପରିମାଣରେ ହ୍ରାସ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଥଲ ଥଲିଆ ଦହି
ଥନ୍ତଲ ପେଟି ଖାଇ ଦଉଚି
ଚାହୁଁଛି ଥାକୁଲୀ ମୁହିଁ ।

କଥାରେ ଅଛି ମାରିନେଲେ ମହାପାତ୍ରେ ଚାହିଁଥାରେ ଜଳକା। ଖାଇବା ଲୋକ ସବୁ ଖାଇଯାଉଥିବା ବେଳେ ଚାହିଁବା ଲୋକ କେବଳ ଚାହିଁ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ସବୁଠି ଭଲହେଲା, ଏଠି କାହିଁକି ହେଉନି

ଅନୁଗୋଳ, ୨୮।୧୨(ଅମିତ କୁମାର ସାମଲ)/ ପାଲଲହଡ଼ା (ଦିବ୍ୟଜ୍ୟୋତି ଦାଶ)/ ପରଜଙ୍ଗ (ନିଗମାନନ୍ଦ ଦଳବେହେରା)

- **ଅନୁଗୋଳ-ଢେଙ୍କାନାଳର ବିଭିନ୍ନ ସଭାରେ ବର୍ଷିଲେ ପାଣ୍ଡିଆନ**
- **୫୫ନଂ. ଜାତୀୟ ରାଜପଥକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ କଲେ ଟାର୍ଗେଟ**

ସବୁଠି ଜାତୀୟ ରାଜପଥ କାର୍ଯ୍ୟ ଭଲ କରିଛନ୍ତି। ଓଡ଼ିଶା ଭିତରେ ମଧ୍ୟ ଭାରତ ସରକାରଙ୍କ ପକ୍ଷରୁ ହେଉଥିବା ଜାତୀୟ ରାଜପଥ ନିର୍ମାଣ ଭଲ ଚାଲିଛି। ହେଲେ ଢେଙ୍କାନାଳ ଓ ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ କାହିଁକି ସେଥିରୁ ବାଦ ପଡ଼ିଛି। କ'ଣ ପାଇଁ ଏଠାରେ ନିର୍ମାଣ ହେଉଥିବା ରାଜପଥ ୭/୮ ବର୍ଷ ହେଲା ସରିଯାଉନି। ଗୁରୁବାର ଅନୁଗୋଳ ଓ ଢେଙ୍କାନାଳ ଜିଲା ଗସ୍ତରେ ଯାଇଥିବା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ପ୍ରଶ୍ନଛଳରେ ଏହି ମାଟିର ପୁଅ ତଥା କେନ୍ଦ୍ରମନ୍ତ୍ରୀଙ୍କୁ ଏପରି ଟାର୍ଗେଟ କରିଛନ୍ତି।

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଯୋଗଦେଇ ୫୫ନଂ. ଜାତୀୟ ରାଜପଥ, କେନ୍ଦ୍ରୀୟ ଶିକ୍ଷା ବ୍ୟବସ୍ଥାକୁ ମୁଖ୍ୟ ପ୍ରସଙ୍ଗ କରି କେନ୍ଦ୍ରମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ୧୦ ବର୍ଷ ହେବ କେନ୍ଦ୍ର କ୍ୟାବିନେଟ୍‌ରେ ମନ୍ତ୍ରୀ ଥିଲେ ବି କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନ ଥିବା ଅଭିଯୋଗ କରିଥିଲେ। ଏଥିସହ ସେ ଆହୁରି କହିଥିଲେ, ଗତ ଜୁନ୍ ମାସରେ ଥରେ ଆସିଥିଲି। ଶହେ କୋଟି ଟଙ୍କା ଏହି ଅଞ୍ଚଳ ପାଇଁ ଅନୁମୋଦନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଶହେ କୋଟି ଅନୁମୋଦନ କରିବେ। ଏହାପରେ ୫-ଟି ଅଧ୍ୟକ୍ଷ ପାଲଲହଡ଼ା ବ୍ଲକର ଖମାର ଗସ୍ତ କରିଥିଲେ। ଖମାର କଲେଜ ପଡ଼ିଆରେ ସାଧାରଣ ସଭାରେ ଯୋଗଦେଇ ସମବେତ ସହସ୍ରାଧିକ ଜନତାଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମା'ମାନଙ୍କ ଉଦାହରଣ ଦେଇଥିଲେ। ଏଠାରେ ସଂକ୍ଷିପ୍ତ ଉଦ୍‌ବୋଧନ ବେଳେ ମଧ୍ୟ ୫-ଟି ଅଧ୍ୟକ୍ଷ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ୧୦ ବର୍ଷ ହେଲା କେନ୍ଦ୍ରମନ୍ତ୍ରୀ ପାଲଲହଡ଼ା ନିର୍ବାଚନମଣ୍ଡଳୀ ସହ ନିଜ ପଞ୍ଚାୟତର କୌଣସି ବିକାଶ କାମ କରି ନ ଥିବା କହିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ବାଚନମଣ୍ଡଳୀର ବିକାଶ ପାଇଁ ୧୦୦ କୋଟି, ଏପରି କ କେନ୍ଦ୍ରମନ୍ତ୍ରୀଙ୍କ ପଞ୍ଚାୟତର ଉନ୍ନତି ପାଇଁ ୧.୫ କୋଟି ଟଙ୍କା ମଞ୍ଜୁର କରିଥିବା ପାଣ୍ଡିଆନ ପ୍ରକାଶ କରିଥିଲେ। ପରେ ଢେଙ୍କାନାଳ ଜିଲାର ପରଜଙ୍ଗ ନିର୍ବାଚନମଣ୍ଡଳୀରେ ପହଞ୍ଚି ସରାଙ୍ଗସ୍ଥିତ ଅନନ୍ତଶୟନ ବିଷ୍ଣୁ ମୂର୍ତ୍ତି ଦର୍ଶନ କରିବା ସହ ସ୍ଥାନୀୟ ଯାତ୍ରା ପଡ଼ିଆ ଓ ପରଜଙ୍ଗ ମିନି ଷ୍ଟାଡିୟମରେ ବିଶାଳ ଜନସଭାରେ ବିରୋଧୀଙ୍କ ଉପରେ ବର୍ଷିଥିଲେ। ପାଣ୍ଡିଆନ କହିଥିଲେ, ଏହି ମାଟିର ପୁଅ କେନ୍ଦ୍ରରେ ୧୦ ବର୍ଷ ହେବ ମନ୍ତ୍ରୀ ଥିଲେ ବି ମା' ମାଟିକୁ ଭୁଲି ଯାଉଛନ୍ତି। ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୧୦୦୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ପୂର୍ବ ଗସ୍ତ ବେଳେ ମିଳିଥିବା ୫୦୦ ଅଭିଯୋଗରୁ ଇତିମଧ୍ୟରେ ପ୍ରାୟ ୪୫୦ଟି ସମାଧାନ ହୋଇସାରିଥିବା ପାଣ୍ଡିଆନ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ ଜୁଜୁ ବିହାରୀ ଦାଶ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅନୁଗୋଳ ଜିଲାର ଖମାର କଲେଜ ପଡ଼ିଆ ସଭା ମଞ୍ଚରେ ୫-ଟି ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି।

ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ, ଉତ୍ତେଜନା

ବଲାଙ୍ଗୀର, ୨୮।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଶେଷବର୍ଷ ଛାତ୍ର ତଥା ହାଉସ ସର୍ଜନ ବିଶ୍ୱରଞ୍ଜନ ସାହୁଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରାଯାଇଛି। ହସ୍ପିଟାଲରୁ କଲେଜ ହଷ୍ଟେଲକୁ ଫେରୁଥିବା ବେଳେ ବାଟରେ ଛପି ରହିଥିବା ୨ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଡାକ୍ତରୀ ଛାତ୍ର ସାହୁଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ କରାଯାଇଥିବା ଖବର ପ୍ରଚାରିତ ହେବା ପରେ ବହୁ ଡାକ୍ତରୀ ଛାତ୍ରୀଛାତ୍ର ହସ୍ପିଟାଲ ପରିସରକୁ ଆସି ପ୍ରତିବାଦ ଜଣାଇଥିଲେ। କେତେକ ଛାତ୍ରୀଛାତ୍ର ଉତ୍ତ୍ୟକ୍ତ ହୋଇ ହସ୍ପିଟାଲ ମୁଖ୍ୟଗେଟ୍ ବନ୍ଦ କରିଦେଇଥିଲେ। ଏହି ସମୟରେ ଜଣେ ଗୁରୁତର ରୋଗୀ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ଭିତରକୁ ଆସିଥିଲେ। ଆନ୍ଦୋଳନରତ ଛାତ୍ରୀଛାତ୍ର ସେଇ ଆମ୍ବୁଲାନ୍ସକୁ ହସ୍ପିଟାଲ ଭିତରକୁ ପଶିବାକୁ ନ ଦେବାରୁ ରୋଗୀ ପରିଜନ ଓ ସେଠାରେ ଥିବା ଅନ୍ୟମାନେ ଉତ୍ତ୍ୟକ୍ତ ହୋଇ ପଡିଥିଲେ। ଏହାପରେ ଡାକ୍ତରୀ ଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ପୋଲିସ ଅଧିକାରୀମାନେ ହସ୍ତକ୍ଷେପ କରିବାରୁ କିଛି ସମୟ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଡାକ୍ତରଖାନା ଭିତରକୁ ଆମ୍ବୁଲାନ୍ସ ପଶିଥିଲା। ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ ଓ ହସ୍ପିଟାଲରେ ଉତ୍ତେଜନା ଖବର ପାଇ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ଋଷିକେଶ ଖିଲାରୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପହଞ୍ଚିଥିଲେ। ଆଇସିୟୁକୁ ଯାଇ ପ୍ରଥମେ ଆହତ ଡାକ୍ତରୀ ଛାତ୍ର ବିଶ୍ୱରଞ୍ଜନ ସାହୁଙ୍କୁ ଭେଟିଥିଲେ। ସେଠାରୁ ଫେରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ଦେଇଥିଲେ। କୌଣସି ପରିସ୍ଥିତିରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଜିଲାପାଳ ରାଣା କହିଥିଲେ। ଏହା ସହିତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ। ହସ୍ପିଟାଲରୁ ଜିଲାପାଳ ଓ ଏସ୍‌ପି ଫେରିବା ପରେ ମଧ୍ୟ ଡାକ୍ତର ଛାତୀଛାତ୍ରଙ୍କ ଅସନ୍ତୋଷ ଜାରି ରହିଥିଲା। କଲେଜ ଡିନ୍ ସ୍ୱୟଂପ୍ରଭା ଏବଂ ଅଧୀକ୍ଷକ ଡା ମାନସୀ ପଣ୍ଡା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଓପିଡିକୁ ଆଣିଥିଲେ। ସେଠାରେ ଦୁଇଜଣ ମହିଳା ଡାକ୍ତର ଓ ଜଣେ ଆଟେଣ୍ଡାଣ୍ଟଙ୍କ ଉପସ୍ଥିତିରେ ସମ୍ପୃକ୍ତା ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ମହିଳାଙ୍କ ଗର୍ଭପାତ ହୋଇଯାଇଥିବା ଜଣାପଡିଥିଲା। ସେତେବେଳେ କର୍ତ୍ତବ୍ୟରତ ହାଉସ ସର୍ଜନ ସାହୁ ମଧ୍ୟ ସମ୍ପୃକ୍ତା ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କଥାକୁ ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କୁଆଡେ ଆପତ୍ତି ଉଠାଇଥିଲେ। ମହିଳାଙ୍କ ଗୋପନୀୟତା ଭଙ୍ଗ କରାଯାଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଯୁବକ ଓ ଅନ୍ୟ ଜଣେ ଏକ ବାଇକରେ ହସ୍ପିଟାଲଠାରୁ ପ୍ରାୟ ୫କିଲୋମିଟର ଦୂର ଲାଲଟିକ୍ରା ଗ୍ରୀଡ ପାଖରେ ଜଗି ରହିଥିଲେ। ସମ୍ପୃକ୍ତ ହାଉସ ସର୍ଜନ ସନ୍ଧ୍ୟା ପ୍ରାୟ ୬ଟାରେ କଲେଜ ହଷ୍ଟେଲକୁ ତାଙ୍କର ଜଣେ ସାଙ୍ଗଙ୍କ ସହ ଏକ ବାଇକରେ ଫେରୁଥିବାବେଳେ ତାଙ୍କୁ ସେମାନେ ଅଟକାଇଥିଲେ। ରାସ୍ତା ଉପରେ ସମ୍ପୃକ୍ତ ଯୁବକ ଜଣକ ହାଉସ ସର୍ଜନ ସାହୁଙ୍କୁଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ଏହି ଘଟଣାକୁ ନେଇ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କୌଣସି ପରିସ୍ଥିତିରେ ସେମାନେ ଆଉ ଡ୍ୟୁଟି କରିବେ ନାହିଁ ବୋଲି ଅଡି ବସିଛନ୍ତି। ଅନ୍ୟପକ୍ଷେ ଟାଉନ୍ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଅଭିଯାନ ଆରମ୍ଭ କରିଛି।

ଆହତ ଡାକ୍ତରୀ ଛାତ୍ର ବିଶ୍ୱରଞ୍ଜନ ସାହୁ।

ଭୁବନେଶ୍ୱର, ସତ୍ୟବାଦୀରେ...

ପ୍ରଥମ ପୃଷ୍ଠାରୁ...

ବଡ଼ ଅପରାଧ କରିବାକୁ ଯୋଜନା କରୁଥିବା ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ତୁରନ୍ତ ଥାନାଧିକାରୀ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ କାଳୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ତାଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। ମାତ୍ର ଏହା ନ ଶୁଣି କାଳୁ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ଥାନା ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ ଆହତ ହୋଇଥିଲେ। ଏହାଦେଖି ପୋଲିସ ନିଜକୁ ବଞ୍ଚାଇବାକୁ ଯାଇ ଥାନାଧିକାରୀ ବିଜୟକେତନ ନିଜ ସର୍ଭିସ୍ ରିଭଲଭରରୁ କାଳୁଙ୍କ ଗୋଡ଼କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁଳିଟି କାଳୁଙ୍କ ଡାହାଣ ଗୋଡ଼ରେ ବାଜିବାରୁ ସେ ସେଠାରେ ପଡ଼ିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ ମଧ୍ୟ ପୁରୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରୁ କାଳୁ ବ୍ୟବହାର କରୁଥିବା ଗୋଟିଏ ୭.୬୫ ଏମ୍‌ଏମ୍ ପିସ୍ତଲ ଏବଂ ଗୋଟିଏ ରାଉଣ୍ଡ ଜୀବନ୍ତ ଗୁଳି ପୋଲିସ ଜବତ କରିଛି। କାଳୁ ଭୋଳଙ୍କ ନାମରେ ପୂର୍ବରୁ କ୍ରାଇମବ୍ରାଞ୍ଚରେ ମାମଲା ସହିତ ପୁରୀ ସଦର ଥାନା, ଚନ୍ଦନପୁର, ବାଲିସାହି ଓ ସତ୍ୟବାଦୀ ଥାନାରେ ୧୮ସଙ୍ଗିନ ମାମଲା ରହିଛି। ଘଟଣାର ଗମ୍ଭୀରତା ଦୃଷ୍ଟିରୁ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି। ଅପରପକ୍ଷରେ ଯେଉଁମାନେ ଅପରାଧ କରୁଛନ୍ତି ସେମାନେ ସୁଧୁରିଯାନ୍ତୁ ନଚେତ ଆଗକୁ ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି କହିଛନ୍ତି।

ଆଉ ୩ କରୋନା...

ଟେଷ୍ଟିଂ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଓଡ଼ିଶାରେ କରୋନା ସ୍ଥିତିକୁ ନେଇ ଆତଙ୍କିତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ କୋଭିଡ୍ ଟେଷ୍ଟିଂ ବଢିଛି। ବୁଧବାର ୬୯୦ଟି ଟେଷ୍ଟ ହୋଇଥିବାବେଳେ ସେଥିରୁ ୩୭୮ଟି ହେଉଛି ଆର୍‌ଟିପିସିଆର୍। ସମସ୍ତ ସଂକ୍ରମିତ ହୋମ୍ ଆଇସୋଲେଶନରେ ଅଛନ୍ତି, କେହି ମେଡିକାଲରେ ନାହାନ୍ତି। ଜାତୀୟସ୍ତରୀୟ ତଥ୍ୟ ଅନୁସାରେ, ଆକ୍ରାନ୍ତ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ ୯୨%ରୁ ଊର୍ଦ୍ଧ୍ୱ ହୋମ୍ ଆଇସୋଲେଶନରେ ଅଛନ୍ତି। କୋଭିଡ୍ ପାଇଁ ମେଡିକାଲରେ ଆଡ୍‌ମିଟ୍ ହେବା ବହୁତ କମ୍। ଆଗକୁ ସଂକ୍ରମିତଙ୍କ ସଂଖ୍ୟା ବଢିବା ନେଇ ସ୍ଥିତି ଅନୁଧ୍ୟାନ କରାଯାଉଛି। ଏବେଠାରୁ ସଂଖ୍ୟା ବଢିବ କି ନାହିଁ କହିହେବ ନାହିଁ। ତେବେ ଯଦି ବଢେ, ତେବେ ଭୟାବହତା ଆଶଙ୍କା କମ୍ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ଡିସେମ୍ବର ୩ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କୋଭିଡ୍ କେସ୍ ଶୂନ ଥିବାବେଳେ ୨୩ରେ ରାଜ୍ୟରୁ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲେ। ପରେ ଆଉ ୫ଦିନ ମଧ୍ୟରେ ଏହି ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ଲଗାତାର ଭାବେ ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି, ଯାହାକି ଚିନ୍ତାର କାରଣ ପାଲଟିଛି।

ଆଦିମ ଜନଜାତିଙ୍କ...

ଉପରୋକ୍ତ ସୁବିଧା ଯୋଗାଇଦେବେ ବୋଲି ଘୋଷଣା କରିଥିଲେ, ଯାହାର ସଫଳତା ଛତିଶଗଡ଼ର ଗତ ବିଧାନସଭା ନିର୍ବାଚନରେ ଭାଜପାକୁ ମିଳିଥିବା ସେମାନେ ଏବେ କହୁଛନ୍ତି। ସେହି କ୍ରମରେ ଓଡ଼ିଶାରେ ବସବାସ କରୁଥିବା ୧୩ ଜିଲାର ଆଦିମ ଜନଜାତିଙ୍କ ଭୋଟ ଉପରେ ମଧ୍ୟ ଭାଜପା ନଜର ପକାଇଛି। ଆଦିମ ଜନଜାତିଙ୍କ ଭୋଟ୍ ନେବା ସକାଶେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ଯେଉଁଭଳି ନିୟମ ରଖିଥିଲେ ତାକୁ ମଧ୍ୟ କେତେକାଂଶରେ ଏହି ଯୋଜନାରେ କୋହଳ କରିଦେଇଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଜାନୁୟାରୀ ୧୨ ରେ ଓଡ଼ିଶାର ମୟୂରଭଞ୍ଜ ଏବଂ ଦେବଗଡ଼ର ଦୁଇ ଜଣ ହିତାଧିକାରୀଙ୍କ ସହ କଥା ହୋଇ ଟଙ୍କା ପ୍ରଦାନ କରିବାକୁ ଯୋଜନା କରିଛନ୍ତି। ଅନ୍ୟପଟେ ଏହି ଯୋଜନାରେ ରାଜ୍ୟ ଯେତେଜଣ ହିତାଧିକାରୀ ଚିହ୍ନଟ କରିବ ସମସ୍ତଙ୍କୁ ଏତେ ତର୍ଜମା ନ କରି ଘର ମିଳିଯିବ ବୋଲି କେନ୍ଦ୍ରର କିଛି ଅଧିକାରୀ କହିଥିବା ମଧ୍ୟ ଜଣାପଡିଛି।

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗତ ୧୫ ତାରିଖରେ ଦିଲ୍ଲୀର ଭାରତ ମଣ୍ଡପଠାରେ ଏକ ମଛନ ଶିବିର କରାଯାଇ ପିଏମ୍-ଜନମନ ଯୋଜନା ଲାଗୁ କରିବା ନେଇ ଏକ କର୍ମଶାଳା ହୋଇଥିଲା। ଏହି ଯୋଜନା ଲାଗୁ ନେଇ ଅତିଶୀଘ୍ର ତଥ୍ୟ ଦେବା ପାଇଁ ମଧ୍ୟ ରାଜ୍ୟଗୁଡିକରୁ ଯାଇଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜାନୁୟାରୀ ୧୨ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଦେଶର ୧୮ ରାଜ୍ୟ ଏବଂ ୨ କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବରରେ ବସବାସ କରୁଥିବା କେତେଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଘର ତିଆରି ଲାଗି ୨ ଲକ୍ଷ, ପାଇଖାନା ପାଇଁ ୧୨ ହଜାର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୭ ହଜାର ଟଙ୍କା ଏହିପରି ଜଣେ ହିତାଧିକାରୀଙ୍କୁ ୨ ଲକ୍ଷ ୩୯ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ସେମାନେ ରହୁଥିବା ଅଞ୍ଚଳର ରାସ୍ତା ନିର୍ମାଣ ଲାଗି କି.ମି. ପିଛା କୋଟିଏ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ଆସିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହିପରି ଗତ ଡିସେମ୍ବର ୮ ପରଠାରୁ ଓଡ଼ିଶା ସରକାର ପାଖକୁ କେନ୍ଦ୍ରରୁ ଘନଘନ ଚିଠି ଆସିଲାଣି। ରାଜ୍ୟ ସରକାର ମଧ୍ୟ କେନ୍ଦ୍ରର ଏହି ଯୋଜନା ଲାଗୁ କରିବା ପାଇଁ ଜୋର

झारखण्ड सरकार
GOVERNMENT OF JHARKHAND

जोहार

अबुआ आवास
किसान पाठशाला
मुख्यमंत्री रोजगार सृजन
कृषि ऋण माफी
बिरसा हरित ग्राम
सावित्रीबाई फुले किशोरी समृद्धि
ग्रामीण सड़क सुदृढ़ीकरण
सोना सोबरन धोती साड़ी
साइकिल वितरण
सरना आदिवासी धर्म कोड
100 यूनिट मुफ्त बिजली
बिरसा सिंचाई कूप
JSSC नियुक्तियां
JPSC नियुक्तियां

1932 खतियान
ओबीसी-27%, एसटी-28%, एससी-12% आरक्षण
मरङ गोमके पारदेशीय छात्रवृत्ति
हरा राशन कार्ड

मुख्यमंत्री पशुधन
आपकी योजना आपकी सरकार आपके द्वार
फूलो झानो आशीर्वाद
प्री एवं पोस्ट मैट्रिक छात्रवृत्ति
अबुआ बीर अबुआ दिशोम
गुरुजी स्टूडेंट क्रेडिट कार्ड
महिला सशक्तिकरण
CM उत्कृष्ट विद्यालय

निजी क्षेत्र में 75% आरक्षण
सर्वजन पेंशन
मुख्यमंत्री ग्राम गाड़ी

युवा झारखण्ड के बढ़ते कदम...

वर्ष

हेमन्त सोरेन
मुख्यमंत्री, झारखण्ड

कार्यक्रम
दिनांक : 29 दिसंबर, 2023
समय : अपराह्न 1 बजे से
स्थान : मोरहाबादी मैदान, रांची

सूचना एवं जनसंपर्क विभाग, झारखण्ड सरकार

PR-314645 (IPRD) 2023-24

ତୁମ ହୃଦୟରେ ସର୍ବଦା ସମସ୍ତଙ୍କ ପାଇଁ ଶୁଭେଚ୍ଛା ଜାଗ୍ରତ ହୋଇ ଥାଉ। ପ୍ରେମ ମଧ୍ୟ ଜାଗ୍ରତ ହୋଇ ଥାଉ ଏବଂ ତୁମେ ସେସବୁକୁ ଖୁବ୍ ଶାନ୍ତ ଭାବରେ ଓ ସମଭାବରେ ସବୁଠାରେ ବୁଣି ଦେଇ ଯାଅ। –ଶ୍ରୀମା

କ୍ରେଡିଟ୍ ରେଟିଂ ପ୍ରଭାବ

ଏମିଲି ଓ୍ୱିଲକିନଶନ
ବରିଷ୍ଠ ଗବେଷକ

କାନ୍ନି ଓ୍ୱିଗନାରାଜା
ଜାତିସଂଘ ସହକାରୀ ମହାସଚିବ

ମାଳଦ୍ୱୀପର ପ୍ରବାଳ ଦ୍ୱୀପପୁଞ୍ଜ ଓ ପାଚେରି ଏବେ ବିପଦରେ। ମାଳଦ୍ୱୀପରେ ୮୦% ଲୋକ ସମୁଦ୍ର ପତ୍ତନରୁ ମାତ୍ର ୧ ମିଟର ଉଚ୍ଚରେ ରହୁଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ପତ୍ତନ ବୃଦ୍ଧି ହେଲେ ଅନେକ ଦ୍ୱୀପ ବାସ ଅନୁପଯୋଗୀ ହୋଇଯାଇପାରେ। ଏହି ଶତାବ୍ଦୀ ଶେଷ ସୁଦ୍ଧା ସେଠାରେ ୫ ଲକ୍ଷ ଲୋକ ସ୍ଥାନାନ୍ତର ହେବା ସମ୍ଭାବନା ମଧ୍ୟ ଅଛି। ତେବେ ମାଳଦ୍ୱୀପ ଏହି ବିପଦକୁ ସାମ୍ନା କରିବା ଲାଗି ପ୍ରବାଳ ପାଚେରିର ପୁନରୁଦ୍ଧାରଠାରୁ ଆରମ୍ଭକରି ଭାସମାନ ସୌରଶକ୍ତି ବ୍ୟବସ୍ଥା ଯାଏ ଅନେକ ନୂତନ ପଦକ୍ଷେପ ଗ୍ରହଣ କରିଛି। କିନ୍ତୁ ପ୍ରବାଳକୁ ବଞ୍ଚାଇବା ଏତେ ସହଜ ନୁହେଁ। ବ୍ୟାପକ ପର୍ଯ୍ୟଟନ ଭିତ୍ତିଭୂମିରୁ ମାଳଦ୍ୱୀପ ଅତ୍ୟଧିକ ଆୟ କରେ। କିନ୍ତୁ ଅନ୍ୟ ଦେଶଗୁଡ଼ିକ ଭଳି ଏହା କୋଭିଡ୍–୧୯ ମହାମାରୀରେ ଭୀଷଣ କ୍ଷତିଗ୍ରସ୍ତ ହୋଇଥିଲା ଓ ଏହାର ପର୍ଯ୍ୟଟନ ଅଟକିଯାଇଥିଲା। ୨୦୨୧ରେ କରୋନା କଟକଣା କୋହଳ ହେବା ପରେ ପର୍ଯ୍ୟଟନ ପୁନର୍ବାର ଫେରିଥିଲା ଓ ଆର୍ଥିକ ପୁନରୁଦ୍ଧାର ଶୀଘ୍ର ହୋଇପାରିଥିଲା । କିନ୍ତୁ ସେହି ପୁନରୁଦ୍ଧାର ଦୁଇଟି କ୍ରମାଗତ କ୍ରେଡିଟ୍ ରେଟିଂ (ଋଣ କରୁଥିବା ଦେଶଗୁଡ଼ିକର ଏକ ଆକଳନ ଯାହା ସମୟାନୁସାରେ ପରିଶୋଧ କରିବାକୁ ସକ୍ଷମତାକୁ ନିର୍ଦ୍ଧାରିତ କରେ) ହ୍ରାସ ଦ୍ୱାରା ବାଧାପ୍ରାପ୍ତ ହେଲା । ପ୍ରଥମେ ମୁଡିସ୍ ଏବଂ ପରେ ଫିଚ୍ ଦ୍ୱାରା ଏହା କରାଗଲା। ଏହାଫଳରେ ସୁଧ ହାର ଓ ଅନ୍ୟାନ୍ୟ ଖର୍ଚ୍ଚ ଅଧିକ ବୃଦ୍ଧି ପାଇଲା । ପରିଣାମ ସ୍ୱରୂପ ମାଳଦ୍ୱୀପକୁ ଅନ୍ତଃରାଷ୍ଟ୍ରୀୟ ବଜାରରୁ ବାହାରକରି ଦିଆଯାଇଛି। ୨୦୨୧ ପରଠାରୁ ବିକାଶ କାର୍ଯ୍ୟକ୍ରମ ପାଣ୍ଠି ପାଇଁ ଏହାକୁ ଗୋଟିଏ ହେଲେ ବି ବଣ୍ଡ ଦିଆଯାଇନାହିଁ।

କେବଳ ମାଳଦ୍ୱୀପ ନୁହେଁ,ମହାମାରୀ ସମୟରେ ଜଳବାୟୁ ପରିବର୍ତ୍ତନ ବିପଦରେ ଥିବା ୧୬ଟି ସ୍ମଲ୍ ଆଇଲାଣ୍ଡ ଡେଭଲପିଂ ଷ୍ଟେଟ୍ସ (ଏସ୍ଆଇଡିଏସ୍) ମଧ୍ୟରୁ ୧୧ଟିକୁ ମଧ୍ୟ କ୍ରେଡିଟ ରେଟିଂ ଏଜେନ୍ସିମୁଡିସ୍, ଫିଚ୍ ଓ ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର୍ସ ମଧ୍ୟରୁ ଅତିକମ୍‌ରେ ଗୋଟିଏ ଦ୍ୱାରା ନକାରାତ୍ମକ କିମ୍ବା ନିମ୍ନମାନର ରେଟିଂକୁ ସାମ୍ନା କରିବାକୁ ପଡ଼ିଛି। ବାସ୍ତବରେ ଏହା ଆର୍ଥିକ ବିକାଶ ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ପଦକ୍ଷେପ ପାଇଁ ଏକ ବଡ଼ ବିପର୍ଯ୍ୟୟ । ଏକ ଦେଶର ଋଣ ପ୍ରାପ୍ୟ ଯୋଗ୍ୟତାର ଶେଷ ମାପାଙ୍କ ଭାବରେ କ୍ରେଡିଟ ରେଟିଂର ବ୍ୟବହାର ଦୀର୍ଘଦିନରୁ ଆର୍ଥିକ ସ୍ଥିରତା ପାଇଁ ବିପଦ ବୋଲି ଗ୍ରହଣ କରାଯାଇଛି ;ବିଶେଷକରି ଗ୍ଲୋବାଲ ସାଉଥ୍‌ରେ। ତେବେ କ୍ରେଡିଟ୍ ରେଟିଂ ହ୍ରାସର ଏକ ବିରାଟ ପ୍ରଭାବ ରହିଥିଲେ ମଧ୍ୟ କ୍ରେଡିଟ୍ ରେଟିଂ ଇଣ୍ଡଷ୍ଟ୍ରି ନିଜେ ସ୍ୱଚ୍ଛ କିମ୍ବା ପ୍ରତିଯୋଗୀ ହୋଇପାରିନାହିଁ। ନିକଟରେ ୟୁଏନ୍‌ଡିଇଏସ୍‌ଏ (ଜାତିସଂଘ ଆର୍ଥିକ ଓ ସାମାଜିକ ବ୍ୟାପାର ବିଭାଗ)ର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମହାମାରୀ ସମୟରେ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକର କ୍ରେଡିଟ୍ ରେଟିଂ ମୋଟ ୧୨୫ ପଏଣ୍ଟ କମିଥିଲାବେଳେ ବିକଶିତ ଦେଶଗୁଡ଼ିକ ଋଣ ଉପରେ ଖୁବ୍ ଶୀଘ୍ର ଛୁଟି କରାଯାଇଥିଲା ଓ ସେମାନଙ୍କର ରେଟିଂ କେବଳ ୬ ପଏଣ୍ଟ ହ୍ରାସ କରାଯାଇଥିଲା। ଏହା ସମ୍ଭବତଃ ଏକ ଆଂଶିକ ସତ୍ୟକୁ ପ୍ରତିଫଳିତ କରିଛି ଯେ,୩ଟି ବୃହତ୍ କାର୍ବନ ରେଟିଂ ସଂସ୍ଥା ଗ୍ଲୋବାଲ ନର୍ଥକୁ ନିୟନ୍ତ୍ରଣ କରିଥିଲେ। ତେବେ ରେଟିଂ ନିଷ୍ପତ୍ତିରେ ବହୁସମୟରେ ବିଚାରଗତ ପକ୍ଷପାତ ଲକ୍ଷ୍ୟ କରାଯାଏ। ଋଣ ପରିଶୋଧ କରିବାରେ ସରକାରଙ୍କ ଦକ୍ଷତା ମୂଲ୍ୟାୟନ ପରୋକ୍ଷରେ ଜଳବାୟୁ ସମ୍ବନ୍ଧୀୟ ବିପଦକୁ ଆୟତ୍ତ କରିଥାଏ। କିନ୍ତୁ ସ୍ଥାୟୀ ଋଣର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଥିବା ସତ୍ତ୍ୱେ ଜଳବାୟୁ ପରିବର୍ତ୍ତନ ମୁକାବିଲାର ପ୍ରୟାସକୁ ଅଣଦେଖା କରାଯାଉଛି।

ଏସ୍ଆଇଡିଏସ୍‌ଗୁଡ଼ିକ ବିଶ୍ୱରେ ସବୁଠୁ ଋଣଗ୍ରସ୍ତ ଦେଶ। ୨୦୨୦ରେ ଜିଡିପିରେ ସେମାନଙ୍କ ସାର୍ବଜନୀନ ଋଣ ହାର ଥିଲା ୮୨.୫% ଏବଂ ୨୦୨୫ ଯାଏ ୭୦%ରୁ ଅଧିକ ରଖିବାକୁ ସ୍ଥିର କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ କାରଣ କାହିଁକି? ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ୨୦୧୮ରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଜଳବାୟୁ ବିପଦ ଋଣର ହାରାହାରି ସୁଧକୁ ପୂର୍ବ ଦଶନ୍ଧି ତୁଳନାରେ ୧୧୭ ଆଧାର ପଏଣ୍ଟ ବୃଦ୍ଧି କରିଛି ଏବଂ ସେମାନଙ୍କୁ ଅତିରିକ୍ତ ସୁଧ ୪୦ ବିଲିୟନ ଡଲାର ଦେବାକୁ ବାଧ୍ୟ କରିଛି। ଆଉ କେତେକେ ପୂର୍ବାନୁମାନ କରିଛନ୍ତି , ଆସନ୍ତା ଦଶନ୍ଧି ମଧ୍ୟରେ ଏହା ୧୪୬–୧୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ଏହା ଏସ୍ଆଇଡିଏସ୍ ପାଇଁ ବିପଜ୍ଜନକ ହେବ। ଯଦି ଏହି ଦେଶଗୁଡିକ ଜଳ ପତ୍ତନ ବୃଦ୍ଧିଜନିତ ବିପଦରୁ ମୁକ୍ତହେବାକୁ ଚାହାନ୍ତି, ତେବେ ସେମାନେ ନିରନ୍ତର ଅଭିବୃଦ୍ଧି ଏବଂ ନାଗରିକ, ଭିତ୍ତିଭୂମି, ଶକ୍ତି ଓ ଖାଦ୍ୟ ସୁରକ୍ଷା ବିକାଶ କ୍ଷେତ୍ରରେ ବିନିଯୋଗ କରିବାକୁ ସକ୍ଷମ ହେବା ଦରକାର। କିନ୍ତୁ ସେମାନଙ୍କର ସୁଧ ଖର୍ଚ୍ଚ ବହୁ ଅଧିକ। ବିଶ୍ୱସ୍ତରରେ ଜଳବାୟୁ ମୁକାବିଲା ପାଇଁ ଋଣନାମା ମାଧ୍ୟମରେ ପ୍ରଦାନ କରାଯାଇଥିବା ଅର୍ଥଠାରୁ ଏହା ବହୁ ଅଧିକ। ୨୦୧୬ ରୁ ୨୦୨୦ ପର୍ଯ୍ୟନ୍ତ, ଏସ୍ଆଇଡିଏସ୍ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରି ସେମାନଙ୍କର ସ୍ଥିରତାକୁ ଦୃଢ କରିବା ପାଇଁ ବିକାଶ ଏବଂ ଜଳବାୟୁ ପାଣ୍ଠିରୁ ୯.୪୨ ବିଲିୟନ ଡଲାର ପାଇଲା ଏବଂ ବାହ୍ୟ ଋଣଦାତାମାନଙ୍କୁ ୨୬.୬ ବିଲିୟନ ଡଲାର ପ୍ରଦାନ କଲା।

ଉଲ୍ଲେଖଯୋଗ୍ୟ, ଜି୨୦ର କମନ ଫ୍ରେମ୍‌ୱାର୍କ ଫର୍ ଡେବିଟ ଟ୍ରିଟ୍‌ମେଣ୍ଟରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକ ରେଟିଂ ହ୍ରାସ୍‌ଜନିତ ବିପଦର ସମ୍ମୁଖୀନ ହେଉଛନ୍ତି । ତେବେ ଆଶ୍ଚର୍ଯ୍ୟ ଯେ, କେବଳ ୩ଟି ଯୋଗ୍ୟ ଦେଶ କମନ ଫ୍ରେମ୍‌ୱାର୍କ ଅଧୀନରେ ରିଲିଫ ପାଇଁ ଆବେଦନ କରିଛନ୍ତି। କମ୍ ରେଟିଂରେ ଥିବା ଦେଶଗୁଡ଼ିକ ସେମାନଙ୍କର ଋଣର ପୁନଃ ବୁଝାମଣା କରିବାକୁ ଚେଷ୍ଟା କରନ୍ତି, ଯାହାର ପ୍ରାୟ ଅଧା ପ୍ରାଇଭେଟ ବଣ୍ଡ୍ ହୋଲ୍ଡରଙ୍କ ଦ୍ୱାରା କରାଯାଇଥାଏ । ଏହା ଏକ ଭୟଙ୍କର ଝଟକା। କାରଣ ଏହା ସେମାନଙ୍କର ଏବଂ ଅନ୍ତର୍ଜାତୀୟ ଋଣ ବଜାର ମଧ୍ୟରେ ପୂର୍ବରୁ ରହିଥିବା ପ୍ରତିବନ୍ଧକକୁ ଆହୁରି ଦୃଢ କରିଥାଏ। ସୁରକ୍ଷିତ, ସମୃଦ୍ଧ ଓ ଜଳବାୟୁ ସହନୀୟ ଦେଶଗୁଡ଼ିକ ଅନ୍ୟ ଦେଶଗୁଡ଼ିକ ତୁଳନାରେ ନିଶ୍ଚିତ ଭାବେ ଭଲ। ଏପରିକି ଏମାନେ ପ୍ରାଇଭେଟ୍ ଋଣଦାତା ଏବଂ ବିକଶିତ ଦେଶଗୁଡ଼ିକଠାରୁ ମଧ୍ୟ ଉତ୍ତମ। ଏମାନେ ଅସ୍ଥିର ଓ ଋଣବୋଝରେ ବୁଡ଼ିଯାଇଥିବା ତଥା ଅତ୍ୟଧିକ ପରିବେଶଗତ ବିସ୍ଥାପନ ଓ ମାନବୀୟ କ୍ଷତି ସହୁଥିବା ଦେଶଗୁଡ଼ିକଠାରୁ ବି ଭଲ। କ୍ରେଡିଟ୍ ରେଟିଂ ଯଦି ଏକ ବଜାର ପରିମାପକ ଭାବେ ରହେ ତେବେ ସେମାନଙ୍କୁ ପାରଦର୍ଶୀ, ନିଷ୍ପକ୍ଷ ଏବଂ ସୃଜନାତ୍ମକ କରାଯିବା ଦରକାର।

ଶେଷରେ ଜାତିସଂଘ ମାନବ ଅଧିକାର ଆୟୋଗ ସଙ୍କଟ ସମୟରେ କ୍ରେଡିଟ ରେଟିଂ ସ୍ଥଗିତ ରଖିବା ପାଇଁ ଆହ୍ୱାନ ଦେଇଛି। ପରିବର୍ତ୍ତନଶୀଳ ମୌଳିକତାକୁ ନିୟନ୍ତ୍ରଣ କରିବାକୁ ବଜାରକୁ ଅନୁମତି ଦେବା ପାଇଁ ସିଆର୍‌ଏଗୁଡିକ ମଧ୍ୟ ଅସ୍ଥିରତା ସମୟରେ ଆର୍ଥିକ ସମୀକ୍ଷାଗୁଡିକୁ ପ୍ରକାଶ ନ କାରିବା ଉଚିତ। ସିଆର୍‌ଏର ଆଦର୍ଶଗତ ପକ୍ଷପାତ ଏବଂ ସ୍ୱଚ୍ଛତାର ଅଭାବକୁ ବିକେନ୍ଦ୍ରୀକରଣ କିମ୍ବା ଆଞ୍ଚଳିକ ଅବା ବହୁପକ୍ଷୀୟ ରେଟିଂ ଏଜେନ୍ସି ଗଠନକରି ସମାଧାନ କରାଯାଇପାରିବ । ଶେଷରେ, ଜଳବାୟୁ ବିପଦର ମୁକାବିଲାର ପ୍ରୟାସ କିପରି ସେମାନଙ୍କ ପଦ୍ଧତି ସହ ଖାପ ଖାଇବ ସେ ସମ୍ପର୍କରେ ସିଆର୍‌ଏଗୁଡ଼ିକ ମାର୍ଗଦର୍ଶନ କରିବା ଆବଶ୍ୟକ।

ଯେହେତୁ ଡୋଙ୍କ–ଫ୍ରାଙ୍କ୍ ଆକ୍ଟ ମାଧ୍ୟମରେ ୨୦୦୮ ବିଶ୍ୱ ଆର୍ଥିକ ସଙ୍କଟ ପରେ ଯୁକ୍ତରାଷ୍ଟ୍ରରେ କ୍ରେଡିଟ୍–ରେଟିଂ ବ୍ୟବସ୍ଥାରେ ସଂସ୍କାର କରାଯାଇଥିଲା, ବର୍ତ୍ତମାନ ଏସ୍ଆଇଡିଏସ୍ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦୃଷ୍ଟିରେ ରଖି ସିଆର୍‌ଏଗୁଡ଼ିକୁ ଉନ୍ନତ କରିବାକୁ ହେବ। ଜଳବାୟୁ ସଙ୍କଟ ସହ ଜଡ଼ିତ ଅଗ୍ନିକାଣ୍ଡ ଏବଂ ବନ୍ୟା ସୃଷ୍ଟି କରିବାରେ ସେମାନଙ୍କର କୌଣସି ହାତ ନ ଥିଲା। ଏହି ଦେଶଗୁଡିକ ଦଣ୍ଡ ପାଇବାକୁ ନୁହେଁ, ବରଂ ସମର୍ଥନ ପାଇବାକୁ ଯୋଗ୍ୟ।

ପ୍ରାଚୀନ ମୁଦ୍ରା

ଡ. ଭାରତୀ ପାଲ୍

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଡିସେମ୍ବର ୨୯ରେ ୯୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୩୨ରେ ଏହି ସଂଗ୍ରହାଳୟ ରେଭେନ୍‌ଶା ମହାବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଭୁବନେଶ୍ୱରରେ ଡିସେମ୍ବର ୨୯ରେ ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ କରକମଳରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଐତିହ୍ୟର ମୂକସାକ୍ଷୀ। ଭାରତବର୍ଷ ଏପରିକି ବିଶ୍ୱରେ ଥିବା ସଂଗ୍ରହାଳୟ ମଧ୍ୟରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ସଂଗ୍ରହାଳୟ ପ୍ରାଗୈତିହାସିକ ଯୁଗରୁ ଆରମ୍ଭ କରି ଐତିହାସିକ ଏପରିକି ଆଧୁନିକ ଯୁଗର ବିଭିନ୍ନ ବିରଳ କଳାକୃତି ଦ୍ୱାରା ଭରପୂର। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ବିଭିନ୍ନ ବିଭାଗ ମଧ୍ୟରୁ ମୁଦ୍ରା ବିଭାଗଟି ଉଭୟ ଗବେଷକ ଏବଂ ସାଧାରଣ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି। ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ମୁଦ୍ରା ଯଥା ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ଆଦି ଧାତୁରେ ନିର୍ମିତ ମୁଦ୍ରା ଗଚ୍ଛିତ ହୋଇରହିଅଛି। ଏହି ପ୍ରାଚୀନ ମୁଦ୍ରା ପ୍ରାଚୀନ ଇତିହାସକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରେ।

ଓଡ଼ିଶାରେ ଆବିଷ୍କୃତ ସର୍ବ ପ୍ରାଚୀନ ମୁଦ୍ରା ରୌପ୍ୟ ଲାଞ୍ଛନ । ଏହି ମୁଦ୍ରା ସମଗ୍ର ଭାରତବର୍ଷରେ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରୁ ଦେଖିବାକୁ ମିଳେ। ଓଡ଼ିଶାରେ ମୁଖ୍ୟତଃ ଦୁଇ ପ୍ରକାର ଲାଞ୍ଛନ ମୁଦ୍ରା ଦେଖିବାକୁ ମିଳେ। ଏହାକୁ ଜନପଦ ବା ଆଞ୍ଚଳିକ ମୁଦ୍ରାଭାବେ ଐତିହାସିକମାନେ ଅଭିହିତ କରିଥାନ୍ତି। ଏହି ମୁଦ୍ରା ସାଧାରଣତଃ ଷୋଡ଼ଶ ଜନପଦ ଯଥା ପୁରାଣ ବର୍ଣ୍ଣିତ ଅଙ୍ଗ, ବଙ୍ଗ, କଳିଙ୍ଗ, ପାଞ୍ଚାଳ, କୋଶଳ ଆଦି ରାଜ୍ୟରେ ଆବିଷ୍କୃତ ହୋଇଅଛି। ଦ୍ୱିତୀୟ ପ୍ରକାର ମୁଦ୍ରାଗୁଡ଼ିକ ସାଧାରଣ ବା ମୌର୍ଯ୍ୟ ଯୁଗୀୟ ମୁଦ୍ରା କୁହାଯାଏ। ଏହି ମୁଦ୍ରାଗୁଡ଼ିକ ଚତୁଷ୍କୋଣ, ତ୍ରିକୋଣ ବା ବହୁକୋଣବିଶିଷ୍ଟ ହୋଇଥାଏ। ଏହି ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ ପାଞ୍ଚଗୋଟି ପ୍ରତୀକ ଏବଂ ଅନ୍ୟ ପାର୍ଶ୍ୱରେ ଏକ ବା ଦୁଇଟି ପ୍ରତୀକ ଦେଖିବାକୁ ମିଳିଥାଏ। ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର, ଭୁବନେଶ୍ୱର ଶିଶୁପାଳଗଡ଼ ଆଦି ସ୍ଥାନରୁ ମୁଦ୍ରାଗୁଡ଼ିକ ବହୁଳ ପରିମାଣରେ ଆବିଷ୍କୃତ ହୋଇଅଛି।

ପରବର୍ତ୍ତୀ ପର୍ଯ୍ୟାୟରେ ଭାରତବର୍ଷର ଉତ୍ତରପ୍ରଦେଶ ଓ ଉତ୍ତର ପଶ୍ଚିମ ସୀମାନ୍ତରେ ରାଜତ୍ୱ କରୁଥିବା କୁଷାଣ ରାଜବଂଶ ଦ୍ୱାରା ପ୍ରଚଳିତ ତାମ୍ରମୁଦ୍ରା ଅନୁକରଣରେ ପୁରୀ–କୁଷାଣ ମୁଦ୍ରା ଦେଖିବାକୁ ମିଳେ। ଏହି କୁଷାଣ ପ୍ରତିରୂପ ମୁଦ୍ରାଗୁଡ଼ିକ ପ୍ରଥମେ ପୁରୀ ଜିଲା ମାଣିକପାଟଣା ନିକଟରୁ ଆବିଷ୍କୃତ ହୋଇଥିବାରୁ ଏହାକୁ ପୁରୀ–କୁଷାଣ ମୁଦ୍ରା ନାମରେ ଐତିହାସିକମାନେ ନାମିତ କରିଛନ୍ତି। ଓଡ଼ିଶାରୁ ଅନେକ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ତାମ୍ର ଧାତୁବିଶିଷ୍ଟ ଏହି ମୁଦ୍ରା ଆବିଷ୍କୃତ ହୋଇ ରାଜ୍ୟ ସଂଗ୍ରହାଳୟରେ ଅଛି। ଏହି ମୁଦ୍ରାଗୁଡ଼ିକର ଗୋଟିଏ ପାର୍ଶ୍ୱରେ କୁଷାଣ ରାଜା କନିଷ୍କ, ହୁବିଷ୍କ, ବାସୁଦେବ ଆଦିଙ୍କର ପ୍ରତିଛବି ଦେଖିବାକୁ ମିଳେ ଏବଂ ଅନ୍ୟ ପାର୍ଶ୍ୱରେ ଚନ୍ଦ୍ର ବା ଅର୍ଦ୍ଧଚନ୍ଦ୍ରର ପ୍ରତୀକ ଦେଖାଯାଏ। ତାମ୍ରମୁଦ୍ରା ବ୍ୟତୀତ ଏହି ବଂଶର ପାଞ୍ଚଟି ସ୍ୱର୍ଣ୍ଣମୁଦ୍ରା ମଧ୍ୟ ଆବିଷ୍କୃତ ହୋଇଅଛି।

ଖ୍ରୀଷ୍ଟୀୟ ତୃତୀୟ ୪ର୍ଥ ଶତାବ୍ଦୀରେ ଗୁପ୍ତ ସାମ୍ରାଜ୍ୟର ଅଭ୍ୟୁଦୟ ଘଟିଲା। ଏହି ବଂଶର ଶାସକମାନେ ଯଥା ଚନ୍ଦ୍ର ଗୁପ୍ତ, ସମୁଦ୍ର ଗୁପ୍ତ, ଚନ୍ଦ୍ର ଗୁପ୍ତ ଦ୍ୱିତୀୟ, କୁମାର ଗୁପ୍ତ ଆଦି ରାଜାମାନେ ସୁବର୍ଣ୍ଣ ମୁଦ୍ରା ବହୁଳ ଭାବରେ ପ୍ରବର୍ତ୍ତନ କରିଥିଲେ। ଖ୍ରୀଷ୍ଟାବ୍ଦ ୪ର୍ଥ ଶତାବ୍ଦୀରେ ସମୁଦ୍ର ଗୁପ୍ତଙ୍କର ଦାକ୍ଷିଣାତ୍ୟ ଅଭିଯାନ ସମୟରେ କଳିଙ୍ଗ ରାଷ୍ଟ୍ରର ପାର୍ବତ୍ୟ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଶାସକମାନେ ବିଶେଷ କରି ଦକ୍ଷିଣ କୋଶଳର ଅନେକ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ଏବଂ ଏହି ରାଜାମାନେ ତାଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିଥିଲେ। ଓଡ଼ିଶାରେ ଚନ୍ଦ୍ର ଗୁପ୍ତ ଏବଂ କୁମାରଦେବୀଙ୍କର ଯୁଗ୍ମ ପ୍ରତୀକ ଥିବା ମୁଦ୍ରା, ସମୁଦ୍ର ଗୁପ୍ତଙ୍କ ବୀଣା ବଜାଇବା ଦୃଶ୍ୟ, ଚନ୍ଦ୍ର ଗୁପ୍ତ ଦ୍ୱିତୀୟ ଏବଂ କୁମାର ଗୁପ୍ତଙ୍କର ଧନୁତୀରଧାରୀ ମୁଦ୍ରା ଆବିଷ୍କୃତ ହୋଇଅଛି। ଏହି ମୁଦ୍ରାରେ ଦେବୀ ଲକ୍ଷ୍ମୀଙ୍କର ପ୍ରତୀକ ଦେଖିବାକୁ ମିଳେ। ସେହିପରି ଖ୍ରୀଷ୍ଟାବ୍ଦ ୬ଷ୍ଠ–୭ମ ଶତାବ୍ଦୀରେ ଦକ୍ଷିଣ କୋଶଳ ଅର୍ଥାତ୍ ଓଡ଼ିଶାର କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଏବଂ ସମ୍ବଲପୁର ଅଞ୍ଚଳ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ଶାସନ କରୁଥିବା ଶରଭପୁରୀୟ ଶାସକମାନେ ମଧ୍ୟ ସ୍ୱର୍ଣ୍ଣମୁଦ୍ରା ପ୍ରବର୍ତ୍ତନ କରିଥିଲେ। ଏହି ଶାସକମାନେ ବୈଷ୍ଣବ ଧର୍ମାବଲମ୍ବୀ ଥିବାରୁ ସେମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ମୁଦ୍ରାରେ ବୈଷ୍ଣବ ଧର୍ମର ପ୍ରତୀକ ଗରୁଡ଼, ଶଙ୍ଖ, ଚକ୍ର ଆଦିର ପ୍ରତୀକ ଦେଖିବାକୁ ମିଳେ।

ସଂଗ୍ରହାଧକ୍ଷ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,ଭୁବନେଶ୍ୱର

ଏଇ ଭାରତରେ

ଦୁର୍ଘଟଣା ରୋକିବା ଲାଗି ସଚେତନତା କାର୍ଯ୍ୟକ୍ରମ ପ୍ରାୟତଃ ସବୁ ସମୟରେ କରାଯାଉଛି। ହେଲେ ଏହା ଉପରେ ଅଙ୍କୁଶ ଲଗାଯାଇପାରୁନାହିଁ। ଦେଖାଯାଏ, ଅଧିକାଂଶ କ୍ଷେତ୍ରରେ ସାଇକେଲ ଆରୋହୀମାନେ ରାତିରେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେବେ ସେମାନଙ୍କ ଯାତ୍ରା ସୁରକ୍ଷିତ କରିବା ଲାଗି ଲକ୍ଷ୍ନୌର ଖୁସି ପାଣ୍ଡେ ଏକ ନିଆର ଉପାୟ ଆପଣାଇଛନ୍ତି। ସେ ସାଇକେଲ ପଛରେ ଲାଇଟ ଲଗାଉଛନ୍ତି। ଅନ୍ଧାରରେ ଏହି ଲାଇଟ ସେମାନଙ୍କୁ ଦୁର୍ଘଟଣାରୁ ରକ୍ଷାକରିବ ବୋଲି କହନ୍ତି ଖୁସି। ଖୁସିଙ୍କ ବୟସ ଏବେ ୨୩। କଲେଜରେ ପଢ଼ିବା ସହ ସେ 'ସପ୍ନକି ଉଡାନ କିଫାଉଣ୍ଡେଶନ' ସଂସ୍ଥା ଗଠନ କରିତା' ମାଧ୍ୟମରେ ଏହିକାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ସେ ଚଳାଉଥିବା ଅଭିଯାନର ନାମ ରଖିଛନ୍ତି 'ପ୍ରୋଜେକ୍ଟ ଉଜାଲା'। ସେ ରାତିରେ ବିଭିନ୍ନ ସ୍ଥାନକୁ ଯାଇ ସେଠାରେ ସାଇକେଲ ପଛରେ ଲାଇଟ ଲଗାନ୍ତି। ୬ ବର୍ଷ ହେଲା ଖୁସି ଏହି କାର୍ଯ୍ୟ କରି ଆସୁଛନ୍ତି ଓ ଏବେ ସୁଦ୍ଧା ସେ ୧୫୦୦ରୁ ଅଧିକ ସାଇକେଲରେ ଲାଇଟ ଲଗାଇ ସାରିଲେଣି।

୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୯ ଡିସେମ୍ବର ୧୯୭୪

- ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ନିଖିଳଭାରତ ଶଲ୍ୟଚିକିତ୍ସକ ସଂଘର ପ୍ରଦର୍ଶନୀ ଗୃହ ଓ ଅସ୍ଥାୟୀ ଖାଇବା ଘର ଅଗ୍ନିକାଣ୍ଡରେ ଭସ୍ମୀଭୂତ।
- ପୃଥିବୀର କକ

ନିଯୁକ୍ତି ପାଇଲେ ୨୪୭୩ ମେଡିକାଲ ଅଫିସର

■ ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

■ ଲୋକଙ୍କ ପଇସାରେ ଦରମା ମିଳୁଛି, ସେମାନଙ୍କ ସେବା କରିବାକୁ ପଡ଼ିବ

ଭୁବନେଶ୍ୱର,୨୮।୧୨ (ଅନିଲ ଦାସ)

ଓଡ଼ିଶା ଲୋକଙ୍କ ପ୍ରତ୍ୟେକ ଟଙ୍କାକୁ ଦରମା ଆକାରରେ ଖର୍ଚ୍ଚ କରାଯାଉଛି। ଆମ ସମସ୍ତଙ୍କୁ ସେମାନଙ୍କ ସେବା କରିବାକୁ ପଡ଼ିବ। ପ୍ରତ୍ୟେକ ରୋଗୀଙ୍କୁ ସକାରାତ୍ମକ ମନୋଭାବରେ ଚିକିତ୍ସା କରିବାକୁ ହେବ। ଡାକ୍ତରୀ ସେବା ଯେପରି ରୋଗୀଙ୍କ ମନରେ ବିଶ୍ୱାସ ଜନ୍ମାଇବ ସେ ଦିଗରେ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ମେଡିକାଲ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ନିଯୁକ୍ତି ପର୍ବରେ ସମସ୍ତ ୨୪୭୩ ନବନିଯୁକ୍ତ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଏଥିରେ ୨୩୯୨ ଜଣ ଏମ୍‌ବିବିଏସ୍ ଡାକ୍ତର ଥିବା ବେଳେ ୮୧ ଜଣ ଦାନ୍ତ ଡାକ୍ତର ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ଅଞ୍ଚଳର ରୂପାନ୍ତରଣ କରିବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ସମସ୍ତ କ୍ଷେତ୍ରର ବିକାଶ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ଏହା ସ୍ପର୍ଶ କରିବା ଉଚିତ। ଓଡ଼ିଶା ରୂପାନ୍ତରଣରେ ସ୍ୱାସ୍ଥ୍ୟସେବା ଏକ ପ୍ରମୁଖ କ୍ଷେତ୍ର। ୫-ଟି ଉପକ୍ରମରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଉଛି। ରାଜ୍ୟ ସରକାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସବୁ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତିଟି ଜୀବନ ମୂଲ୍ୟବାନ। ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ଗଠନ ନେଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି। ସ୍ୱାସ୍ଥ୍ୟସେବା ବିକାଶ ପାଇଁ ସରକାର ବହୁମାତ୍ରାରେ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଗତ କିଛି ବର୍ଷ ମଧ୍ୟରେ ବହୁ ମେଡିକାଲ କଲେଜ ସ୍ଥାପନ କରାଯାଇଛି। ସରକାରୀ ହସ୍ପିଟାଲଗୁଡ଼ିକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଛି। ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଓଡ଼ିଶାକୁ ଡାକ୍ତର ସୃଷ୍ଟିରେ ଆଗୁଆ ରାଜ୍ୟ କରିବା ପାଇଁ ଗତ ୬ ବର୍ଷରେ ରାଜ୍ୟରେ ୮ଟି ନୂତନ ମେଡିକାଲ କଲେଜ ଓ ୨ଟି ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ କରାଯାଇଛି। ଏଥିରୁ ପ୍ରତ୍ୟେକ ବର୍ଷ ୨୫୨୫ ଜଣ ଏମ୍‌ବିବିଏସ୍ ଡାକ୍ତର ଓ ୫୮୬ ଜଣ ସ୍ପେଶାଲିଷ୍ଟ ବାହାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ନବନିଯୁକ୍ତ ମେଡିକାଲ ଅଫିସର ଏବଂ ଡେଣ୍ଟାଲ ସର୍ଜନମାନଙ୍କୁ ଉଚ୍ଚମାନର ଷ୍ଟେଥୋସ୍କୋପ ଓ ଡେଣ୍ଟାଲ କିଟ୍ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶରେ ଓଡ଼ିଶାରେ ଶିଶୁ ଓ ମାତୃ ମୃତ୍ୟୁ ହାର ବହୁ ମାତ୍ରାରେ ହ୍ରାସ ପାଇଛି।

ଏହିଅବସରରେ ୫-ଟିଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ନବନିଯୁକ୍ତ ଡାକ୍ତରଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଭିଜନ୍‌ରେ ଡାକ୍ତରମାନେ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିବା ବେଳେ ଗ୍ରାମାଞ୍ଚଳ ଲୋକଙ୍କୁ ସର୍ବଶ୍ରେଷ୍ଠ ସେବା ଯୋଗାଇ ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ବିଜୟ ମହାପାତ୍ର ଧନ୍ୟବାଦ ଦେଇଛନ୍ତି।

ଏହି ନିଯୁକ୍ତିକୁ ମିଶାଇ ରାଜ୍ୟରେ ଏପର୍ଯ୍ୟନ୍ତ ୩୬୦୦ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଗତ ନଭେମ୍ବରରେ ପ୍ରାୟ ୪ ହଜାର ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି।

୩୦, ୩୧ରେ ଓଡ଼ିଆ ଅସ୍ମିତା ସମ୍ମିଳନୀ

ଭୁବନେଶ୍ୱର,୨୮।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀର ୧୨୦ତମ ବର୍ଷ ପୂର୍ତ୍ତି ଅବସରରେ କଟକ ସହରରେ ଡିସେମ୍ବର ୩୦ ଓ ୩୧ ତାରିଖରେ ଓଡ଼ିଆ ଅସ୍ମିତା ସମ୍ମିଳନୀ ଆୟୋଜନ ହେବ। ଏହି ଐତିହାସିକ ମୁହୂର୍ତ୍ତରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭଗୀରଥ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନନ୍ୟ ସମର୍ପଣ, ମାଟି ମନସ୍କତା, ଦୂରଦୃଷ୍ଟି ଏବଂ ଅତୁଳନୀୟ ନେତୃତ୍ୱ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ଓ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଭଉଣୀଭାଇମାନେ ଏକତ୍ରିତ ହେବେ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ସ୍ୱାଭିମାନରୁ ସ୍ୱାବଲମ୍ବନର ସୁଦୂର ଯାତ୍ରାରେ ସଫଳତା, ବିଫଳତା ସହ ଅନୁଭୂତିର ବ୍ୟାଖ୍ୟା କରିବେ ନିମନ୍ତ୍ରିତ ଅତିଥି। ୧୯୦୩ରୁ ୧୯୩୬ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ସମସ୍ତ ସ୍ଥାନରୁ ସଂଗୃହୀତ ପବିତ୍ର ମାଟିକୁ ଉତ୍କଳ ସମ୍ମିଳନୀର ଅନ୍ତର୍ଦ୍ଦିଶାଳ ଇଦ୍‌ଗା ପଡ଼ିଆରେ ଏକତ୍ରୀକରଣ ଓ ସମ୍ମାନ ପ୍ରଦର୍ଶନ ସହ ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ଅସ୍ମିତା ସମ୍ମିଳନୀ ଶୋଭାଯାତ୍ରା ଆରମ୍ଭ କରାଯିବ। ପରେ ମଧୁବାବୁଙ୍କ ସମାଧିସ୍ଥଳ ଗୋରା କବରଠାରେ ଶ୍ରଦ୍ଧାଞ୍ଜଳି ପ୍ରଦାନ, କର୍ମଭୂମି ଶୈଳବାଳା ମହାବିଦ୍ୟାଳୟରେ ଜ୍ୟୋତିକୁ ସ୍ୱାଗତ ଓ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ଗଜପତି ମହାରାଜା ଓଡ଼ିଆ ଅସ୍ମିତା ସମ୍ମିଳନୀ ଓ ମଧୁବାବୁଙ୍କ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ।

କ୍ଷମା ମାଗିଲେ ଆଗରପଡ଼ା କଲେଜ ଅଧ୍ୟକ୍ଷ

ଭଦ୍ରକ/ଆଗରପଡ଼ା,୨୮।୧୨ (ସନାତନ ରାଉତ/ସୁଶାନ୍ତ ଦାଶ)

ଭଦ୍ରକ ଜିଲା ଆଗରପଡ଼ା କଲେଜରେ ଗତ ୨୨ ତାରିଖରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କଲେଜ ପିଲାଙ୍କ ଦ୍ୱାରା ମଡର୍ଣ୍ଣ ରାମାୟଣ (ଗୀତିନାଟ୍ୟ) ପରିବେଷଣ ହୋଇଥିଲା। ଏଥିରେ ରାମ ସୀତାଙ୍କ ଚରିତ୍ରକୁ ନେଇ ଅପମାନଜନକ ପରିବେଷଣ ହୋଇଥିବା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ

ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଡର୍ଣ୍ଣ ରାମାୟଣ ପରିବେଷଣ ଘଟଣା

ପାଇଥିଲା। ଏପରିକି ରାମନବମୀ କମିଟି ପକ୍ଷରୁ ଆଗରପଡ଼ା ଥାନାରେ ଅଭିଯୋଗ କରାଯାଇଥିବା ବେଳେ ଏବିଭିପି ପକ୍ଷରୁ କଲେଜ ଅଧ୍ୟକ୍ଷ, କାର୍ଯ୍ୟକ୍ରମର ନୋଡାଲ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମହଲରୁ ସମାଲୋଚିତ ହେବା ପରେ ଗୁରୁବାର ଖବରଦାତା ସମ୍ମିଳନୀ ଡକାଇ କଲେଜ ଅଧ୍ୟକ୍ଷ ନାରାୟଣ ପାତ୍ର ଏହି ଘଟଣା ପାଇଁ ଭୁଲ୍ ସ୍ୱୀକାର କରିବା ସହ ମର୍ମାହତ ହୋଇଥିବା କହିଛନ୍ତି। ଆଗକୁ କଲେଜରେ କୌଣସି ଧର୍ମକୁ ଆଘାତ ଦେଲା ଭଳି କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ଆଗରପଡ଼ା ଅଞ୍ଚଳର ବୁଦ୍ଧିଜୀବୀ, ରାମନବମୀ କମିଟିର କର୍ମକର୍ତ୍ତା ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ସେ ନିଃସର୍ତ୍ତ କ୍ଷମା ମାଗିଥିଲେ।

ଟ୍ରକ୍ ପଛରେ ପିଟିଲା ପିକ୍‌ନିକ୍ ବସ୍

୩୫ ଆହତ, ୫ଗୁରୁତର

ଦୁର୍ଘଟଣାଗ୍ରସ୍ତ ବସ୍।

ଘସିପୁରା(ନିରଞ୍ଜନ ସାହୁ)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)୨୮।୧୨

କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ ଧକୋଠା ନିକଟ ୨୦ନଂ.ଜାତୀୟ ରାଜପଥ ଭାଲୁକୁମା ଛକରେ ଗୁରୁବାର ଟ୍ରକ୍ ପଛରେ ଏକ ପିକ୍‌ନିକ୍ ବସ୍ ଧକ୍କା ଦେଇଛି। ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨ ଗୁରୁତର ହୋଇଥିବା ବେଳେ ୨୦ ଆହତ ହୋଇଛନ୍ତି। ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବ୍ରହ୍ମୋସୀ କୋଚିଂ ସେଣ୍ଟରରୁ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକ ୨ଟି ବସ୍ ଯୋଗେ ସମଲପୁର ପିକ୍‌ନିକ୍ ପାଇଁ ଆସିଥିଲେ। ପିକ୍‌ନିକ୍ ସାରି ଫେରିବା ସମୟରେ ଭାଲୁକୁମାଠାରେ ଏହି ବସ୍ ଏକ ଟ୍ରକ୍ ପଛପାର୍ଶ୍ୱରେ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବସ୍‌ର ଆଗ ପାର୍ଶ୍ୱ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଓ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି। ୨୦ ଛାତ୍ରୀଛାତ୍ର, ଅନ୍ୟ ଶିକ୍ଷକ ଆହତ ହୋଇଛନ୍ତି। ତେବେ ଯାତ୍ରୀଙ୍କ କହିବା ଅନୁଯାୟୀ, ହଠାତ୍ ଟ୍ରକ୍‌ଟି ବସ୍‌କୁ ଓଭରଟେକ୍ କରି ବ୍ରେକ୍ ଲଗାଇଦେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ପଳାଇଥିଲା। ଘସିପୁରା ପୋଲିସ ତଦନ୍ତ ଆରମ୍ଭ କରିଛି।

ସୋନପୁର,୨୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ନିକଟସ୍ଥ କଦମତଳ ଛକ ନିକଟରେ ଗୁରୁବାର ସକାଳେ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡାହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ପିକ୍‌ନିକ୍ ବସ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୧୫ ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୧୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଘନକୁହୁଡି ଯୋଗୁ ଡ୍ରାଇଭର ଠିକ୍ ଭାବେ ରାସ୍ତା ଜାଣି ନ ପାରିବାରୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

ସୋନପୁର ସହର ବଡ଼ବଜାରଠାରେ ଥିବା ଏକ ଘରୋଇ କମ୍ପ୍ୟୁଟର ସେଣ୍ଟରର ୬୬ ଜଣ ଛାତ୍ରୀଛାତ୍ର ଓ ଅଭିଭାବକ କୋରାପୁଟ ଜିଲାର ଦେଓମାଳିକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ପିକ୍‌ନିକ୍ ସାରି ଭୋଳେନାଥ ନାମକ ଏକ ଘରୋଇ ବସ୍ (ନଂ ଓଡି୦୫ଏଏଚ-୮୧୮୮)ରେ ଛାତ୍ରୀଛାତ୍ର ଓ ଅଭିଭାବକ ସୋନପୁର ଅଭିମୁଖେ ଫେରୁଥିଲେ। ତେବେ ସୋନପୁରଠାରୁ ୧୩ କିଲୋମିଟର ଦୂର ଏକ ଢାବା ନିକଟରେ ବସ୍‌ଟି ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଟ୍ରକ୍ (ନଂ ଓଡି୧୬ଡି-୯୮୧୮)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍ ଭିତରେ ଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଆହତ ହୋଇଥିଲେ। ଖବର ପାଇ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଓ ସୋନପୁର ଆଇଆଇସି ପଦ୍ମସିନୀ ମେହେର ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିଲେ। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍‌କୁ ଜବତ କରି ତଦନ୍ତ କରୁଛି।

ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

ଝାରସୁଗୁଡ଼ାରେ କୋଇଲା ଉତ୍ତୋଳନ ପାଇଁ ଜନଶୁଣାଣି ମାମଲା

କଟକ,୨୮।୧୨ (କାର୍ତ୍ତିକ ସାହୁ)

ଝାରସୁଗୁଡ଼ା ଜିଲାର କୁରଲୋଇ ନର୍ଥ କୋଲ୍ ବ୍ଲକ ମାଇନିଂ ପ୍ରୋଜେକ୍ଟରୁ କୋଇଲା ଉତ୍ତୋଳନ ପୂର୍ବରୁ ହୋଇଥିବା ଜନଶୁଣାଣି ବିରୋଧରେ ହାଇକୋର୍ଟରେ ଦାଏର ମାମଲାର ଶୁଣାଣି ହୋଇଛି। ହାଇକୋର୍ଟ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ମୁମ୍ବାଇର ବେଦାନ୍ତ ଲିମିଟେଡ୍ କମ୍ପାନୀ ୨୦୨୧ରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟଠାରୁ ଝାରସୁଗୁଡ଼ା ଜିଲାର କୁରଲୋଇଠାରେ କୋଇଲା ଉତ୍ତୋଳନ ନିମନ୍ତେ ଅନୁମତି ପ୍ରାପ୍ତ ହୋଇଛି। ହେଲେ କୋଇଲା ଉତ୍ତୋଳନ ପୂର୍ବରୁ ଗତ ଅଗଷ୍ଟ ୧ରେ ଏକ ଜନଶୁଣାଣି ହୋଇଥିଲା। ଏହି ପ୍ରୋଜେକ୍ଟ ଯୋଗୁ ପ୍ରାୟ ୧୦ଟି ଗ୍ରାମର ଜନସାଧାରଣଙ୍କ ସମେତ ଶିକ୍ଷାନୁଷ୍ଠାନ, କେନାଲ ଆଦି ପ୍ରଭାବିତ ହେବ। ସେଥିପାଇଁ କେଉଁ ପ୍ରକାର ଯୋଜନା କରାଯାଇଛି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସୁକତା ରହିଥିଲା। ଉକ୍ତ ଜନଶୁଣାଣିରେ ବହୁସଂଖ୍ୟକ ଲୋକ ପହଞ୍ଚିଥିବାବେଳେ ଅଳ୍ପ ପରିମାଣର ଲୋକଙ୍କୁ ବସିବାର ସୁଯୋଗ ଦିଆଯାଇଥିଲା। ଅନ୍ୟମାନେ ଯେତେ ଅନୁରୋଧ କଲେ ବି ଜନଶୁଣାଣିରେ ସେମାନଙ୍କୁ ସାମିଲ କରାଯାଇ ନ ଥିଲା। ଏହା ବିରୋଧରେ ଗୋପୀନାଥ ମାଝିଙ୍କ ସମେତ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଜନଶୁଣାଣିକୁ ରଦ୍ଦ କରି ପୁଣିଥରେ ଜନଶୁଣାଣି କରାଇବା ନିମନ୍ତେ ଆବେଦନକାରୀମାନେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଏଥିରେ ବେଦାନ୍ତ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଝାରସୁଗୁଡ଼ା ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆପ୍ରଜ ସୁହାଇଲ ମାମଲା ପରିଚାଳନା କରୁଛନ୍ତି।

PARADIP PORT AUTHORITY
E-TENDER CALL NOTICE
TD/TM/GEN-235(Vol-VII)/23/2445, dtd.22.12.2023
Name of the work: **"Allotment of 06(Six) nos. of Mechanical Iron Ore/Iron Ore Pellet plots as IOHP."** License Fees: **Rs.2,92,05,000/-**, Wharfage Fees: **Rs.18,98,620/-**, Last date & time of submission of bid: 11.01.2024 up to 15:00 hrs. Date and time of opening (technical bid): 11.01.2024 up to 15:00 hrs.
Refer our website for details https://eprocure.gov.in/eprocure/app & http://paradipport.gov.in/.
Sd/- Traffic Manager
Paradip Port Authority
PPA/PR/73/2023-2024 dtd.26.12.2023

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.eT-M-KUR-ANGL-WR-239-23
କାର୍ଯ୍ୟର ନାମ : 01 ବର୍ଷ ସମୟ ଅବଧି ନିମନ୍ତେ ଅନୁଗୁଳ ୟାର୍ଡ଼ ଠାରେ ପରୀକ୍ଷଣ ସମୟରେ ଧ୍ୱାଗନ ଗୁଡ଼ିକର ମରାମତି ।
ବିଜ୍ଞାପିତ ମୂଲ୍ୟ (₹) 48,23,558.51, EMD (₹): 96,500.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540/-, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.12.2023ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.01.2024ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ଼
PR-928/O/23-24

ପୂର୍ବ ତଟ ରେଳପଥ
ଫାଇଲ୍ ନଂ. DRM/Engg/KUR/23-24/E-Tender/118, ତା.21.12.2023ରିଖ
(1) ଟେଣ୍ଡର ସଂ. eTender-CenKUR-379-2023, ତା.20.12.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟାଲ) ସେକ୍ସନ ଅଧୀନସ୍ଥ ସାଇଟ୍ ଠାରେ AT/SKV ପ୍ରକ୍ରିୟା (ସିଙ୍ଗଲ ସଟ୍ କ୍ରୁସିବଲ ଟେକ୍‌ନିକ୍) ଦ୍ୱାରା 60KG/60EI-R260/60EI-R350 ଗ୍ରେଡ୍ ରେଲ୍‌ଗୁଡ଼ିକ ନିମନ୍ତେ ଓ୍ୱେଲ୍ଡିଙ୍ଗ୍ ଅଂଶର ଯୋଗାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 165.02 ଲକ୍ଷ, EMD (₹) : 2,32,500.00 ।
(2) ଟେଣ୍ଡର ସଂ. e-tender-eastkur-380-2023, ତା.15.12.2023ରିଖ
ବିବରଣୀ : ରୁଟିନ୍ ଓଭରହାଲିଙ୍ଗ୍ (ROH) ଡିପୋ/ପାରାଦ୍ୱୀପ ନିଜସ୍ୱ ସିକ୍ ଲାଇନ୍ ଠାରେ ଫ୍ରେଟ୍ ଧ୍ୱାଗନ ରକ୍ଷଣାବେକ୍ଷଣ ସୁବିଧାର ଉନ୍ନତିକରଣ । (P.Way କାର୍ଯ୍ୟ ପାଇଁ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 31.75 ଲକ୍ଷ, EMD (₹) : 63,500.00 ।
(3) ଟେଣ୍ଡର ସଂ. e-tender-eastkur-381-2023, ତା.15.12.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳ

ଘରୋଇକରଣ ନାଁରେ ଦାୟିତ୍ୱହୀନତା

ବ୍ୟାସନଗର ମ୍ୟୁନିସିପାଲିଟି

- ସହରରେ ପରିମଳ ବିପର୍ଯ୍ୟସ୍ତ
- ଖର୍ଚ୍ଚ ବଢୁଛି, ଲୋକ ବଳ କମୁଛି

ଯାଜପୁର/ଯାଜପୁରରୋଡ, (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି),୨୮।୧୨ :

ଘରୋଇକରଣ ବ୍ୟାସନଗର ମ୍ୟୁନିସିପାଲିଟିକୁ ଦାୟିତ୍ୱରୁ ଖସିବା ସୁଯୋଗ ଦେଇଛି । ସହରର ୨୬ଟି ୱାର୍ଡର ପରିମଳ ଦାୟିତ୍ୱର ଘରୋଇକରଣ କରି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହରବାସୀଙ୍କ ପାଇଁ ବଡ କାର୍ଯ୍ୟ କରିଛନ୍ତି ଭାବି ଆତ୍ମତୃପ୍ତିରେ ମସଗୁଲ ଅଛନ୍ତି । ଅପରପକ୍ଷେ ମାସିକ ଖର୍ଚ୍ଚ କ୍ରମଶଃ ବଢୁଥିବାବେଳେ ସମ୍ପୃକ୍ତ ୱାର୍ଡ ଅଞ୍ଚଳ ଓ ଅଞ୍ଚଳବାସିନ୍ଦା କୁଢ କୁଢ ଅଳିଆ ଆବର୍ଜନା ଓ ନର୍ଦ୍ଦମାନର ଦୁର୍ଗନ୍ଧରେ ଦହଗଞ୍ଜ ହେଉଛନ୍ତି । ମଶାଙ୍କ ବଂଶ ବୃଦ୍ଧିରେ ଦିନବେଳା ବି ଘରେ ଶାନ୍ତିରେ ବସି ହେଉନାହିଁ । ତଥାପି ମୌଳିକ ପୌରସେବା ପାଇଁ ଉର୍ଦ୍ଧିଷ୍ଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଓ ଜନ ପ୍ରତିନିଧିମାନେ ଲୋକଙ୍କ ଦୁଃଖ ପ୍ରତି ବେଖବର ଥିଲା ଭଳି ଅଭିନୟ କରୁଛନ୍ତି ।

୨୬ଟି ୱାର୍ଡ ବିଶିଷ୍ଟ ବ୍ୟାସନଗର ପୌର ପରିଷଦର ବିଭିନ୍ନ ୱାର୍ଡର ପରିମଳ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଘରୋଇକରଣ କରାଯାଇଛି । ୨୦୨୩ରୁ ସବ୍ୟସାଚୀ ମହାକୁଡ ନାମକ ଏକ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଜାନୁୟାରୀରୁ ମେ ମାସ ପର୍ଯ୍ୟନ୍ତ ଏହି ସଂସ୍ଥା ଜରିଆରେ ୧୬୫ ଜଣଙ୍କୁ ନିଯୁକ୍ତି ଦିଆଯାଇ ସହରର ସଫେଇ କାର୍ଯ୍ୟ ହେଉଥିଲା। ଏଥିପାଇଁ ମେ ମାସରେ ୨୨ ଲକ୍ଷ ୨୧ ହଜାର ୭୫୨ ଟଙ୍କା ପର୍ଯ୍ୟନ୍ତ ଉକ୍ତ ଠିକାସଂସ୍ଥାକୁ ପ୍ରଦାନ କରାଯାଇଥିଲା। ଜୁନରୁ ନୂଆ ଟେଣ୍ଡର ହେବା ପରେ ଲୋକବଳ ହ୍ରାସ ପାଇ ୧୩୩ ଜଣକୁ ପହଞ୍ଚିଥିଲା। କିନ୍ତୁ ମାସିକ ଖର୍ଚ୍ଚ ବଢି ଜୁଲାଇରେ ୨୪.୬୮ ଲକ୍ଷ, ଅଗଷ୍ଟରେ ୨୫.୨୭ ଲକ୍ଷ, ସେପ୍ଟେମ୍ବରରେ ୨୮.୬୪ ଲକ୍ଷ ଏବଂ ଅକ୍ଟୋବରରେ ୩୫.୬୩ ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷେ ପରିମଳ ଦାୟିତ୍ୱରେ ନିୟୋଜିତ କର୍ମଚାରୀଙ୍କୁ ବୁଟ୍, ମାସ୍କ, ଜ୍ୟାକେଟ, ହ୍ୟାଣ୍ଡ ଗ୍ଲୋବ୍ସ ଇତ୍ୟାଦି ସୁରକ୍ଷା ସାମଗ୍ରୀ ଦେବାରେ ଠିକାସଂସ୍ଥା ଅବହେଳା କରୁଥିବା ଅଭିଯୋଗ ହେଉଛି। ମ୍ୟୁନିସିପାଲିଟିର ସର୍ତ୍ତ ଅନୁଯାୟୀ ପ୍ରତ୍ୟେକ ୱାର୍ଡରେ ସଫେଇ କର୍ମଚାରୀ, ଜଣେ ସୁପରଭାଇଜର ରଖିବା ଓ ସଫେଇ ପାଇଁ ଆବଶ୍ୟକ ସମସ୍ତ ସାଜସରଞ୍ଜାମ ସଂପୃକ୍ତ ଠିକା ସଂସ୍ଥା ବହନ କରିବା କଥା । କିନ୍ତୁ ମାସିକ ପାଖାପାଖି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଠିକାସଂସ୍ଥା ପକ୍ଷରୁ ଆବଶ୍ୟକ ସଫେଇ କର୍ମଚାରୀ ନିୟୋଜନ କରି କେବଳ ଲାଭ ଜଗିବାରେ ବ୍ୟସ୍ତ ଥିବା ଅଭିଯୋଗ ହୋଇଛି। ପୁଣି ଉକ୍ତ ଲାଭ ଟଙ୍କାରେ ପିସି ଆକାରରେ ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କ ପକେଟ୍ ଗରମ ହେଉଥିବା ଚର୍ଚ୍ଚା ହେଉଛି। ଏହି ପରିସ୍ଥିତିରେ ଉପରୋକ୍ତ ସଂସ୍ଥା ଯାହା ସଫେଇ କାର୍ଯ୍ୟ କରୁଥିବ ତାହା ସହଜେ ଅନୁମେୟ । ଏହିକ୍ରମରେ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିଶେଷକରି ସହରର ଚୋର୍ଦ୍ଦା, କହ୍ନେଇପୁର, ଧବଳଗିରି, ଡୋଲିପୁର, ନହକା, ରେଳୱେ ଓଭରବ୍ରିଜ, ମୁଣ୍ଡୋମାଳ, ମହତାବନଗର ଆଦି ଅଞ୍ଚଳରୁ ଉପଯୁକ୍ତ ସମୟରେ ମଇଳା ଆବର୍ଜନା ଉଠୁ ନ ଥିବା ଦେଖିବାକୁ ମିଳିଛି। ସାଧାରଣରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ନାଳଗୁଡିକ ସଫା ନ ହୋଇ ପଙ୍କ କାଦୁଅ ଜମି ରହିଛି । ରାସ୍ତାରେ କୁଢ କୁଢ ଆବର୍ଜନା ପଡିଛି । ମ୍ୟୁନିସିପାଲିଟିର ଜଣେ ଅଧିକାରୀଙ୍କ କହିବାନୁଯାୟୀ କାଉନସିଲରମାନେ ତାଙ୍କ ୱାର୍ଡ ଠିକ୍ ଭାବେ ସଫେଇ ହେଉଥିବା ସାର୍ଟିଫିକେଟ ଦେଲେ ଯାଇ ଠିକାସଂସ୍ଥାକୁ ପ୍ରାପ୍ୟ ପୈଠ କରାଯାଇଥାଏ । ଏଥିରୁ ସ୍ପଷ୍ଟ ହୁଏ, କାଉନସିଲରଙ୍କ ଉପରେ ଠିକା ସଂସ୍ଥାର ସଫେଇ କାର୍ଯ୍ୟ ନିର୍ଭର କରୁଛି । କିନ୍ତୁ ବ୍ୟାସନଗର ପୌର ପରିଷଦରେ ପରିମଳ ବ୍ୟବସ୍ଥାର ସୁଧାର ପାଇଁ ଦାବି ହୋଇ ଆସୁଥିଲେ ହେଁ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ପରିମଳ ବ୍ୟବସ୍ଥା ସୁଚାରୁରୂପେ ଚାଲିଛି। ତଥାପି ଯେଉଁଠି ଅଭିଯୋଗ ହେଉଛି, ସେଥିପ୍ରତି ଗୁରୁତ୍ୱ ଦିଆଯାଇ ସୁଧାର ଆଣିବାକୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଉଛି।

ବ୍ୟାସନଗର ମ୍ୟୁନିସିପାଲିଟି ରୋଡ୍ କଡ଼ରେ ଅଳିଆ ଗଦା ହୋଇଛି ।

ଇମ୍ଫା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଶିବିରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ ।

କାଳିଆପାଣି,୨୮।୧୨(ଅସିତ ମହାନ୍ତ):

ଇମ୍ଫା କମ୍ପାନୀର ବିଆଇପିଏଫ୍ ପକ୍ଷରୁ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବ୍ଲକ୍ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଓସ୍ତିଆ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ଶିବିରକୁ ଶ୍ରମିକନେତା ନାରାୟଣ ଚନ୍ଦ୍ର ଧୀର ଓ ଚିଙ୍ଗୁଡ଼ିପାଳ ସରପଞ୍ଚ ଅଞ୍ଜଳି ଦେହୁରି ଉଦ୍‌ଘାଟନ କରିଥିଲେ। ଖଣିର କାର୍ମିକ ବିଭାଗ ଉପମହାପ୍ରବନ୍ଧକ ମନୋଜ ଗୁପ୍ତା ଓ ଲୋକ ସମ୍ପର୍କ ବିଭାଗ ପରିଚାଳକ ପ୍ରଭାତ ସିଂହ ଉପସ୍ଥିତ ଥିଲେ। ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ରାଜେଶ ମହାନ୍ତି, ଭେଷେଜ ବିଶେଷଜ୍ଞ ସମ୍ୟାଶ୍ରୁ ସେଠୀ ଓ ଆୟୁଷ ଡା. ସୁବାସ ମହାନ୍ତ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଓସ୍ତିଆ ଓ ଏହାର ଆଖ ପାଖଅଞ୍ଚଳର ୧୭୭ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣାରେ ଔଷଧ ନେଇଥିଲେ। ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ମିଲନ ରଞ୍ଜନ କର, ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନର ମହାମାୟା ମହାଦେବ ପାଲ ଶିବିରକୁ ପରିଚାଳନ କରିଥିଲେ। ଫାର୍ମାସିଷ୍ଟ ଧନେଶ୍ୱର ବେହେରା, ବଂଶୀଧର ମହାନ୍ତି, ମାମାଲି ଜେନା, ଶମ୍ଭୁନାଥ ନାୟକ, ରଶ୍ମିତା ଜେନା, ହେମଲତା ମହାନ୍ତ ଓ ଓସ୍ତିଆ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ବିରଜା ଓମେନ୍ସ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ରକ୍ତଦାନ ଶିବିରରେ କଲେଜର ଅଧ୍ୟାପିକା ଓ ଅନ୍ୟମାନେ ।

ଯାଜପୁର ଟାଉନ,୨୮।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ସ୍ଥାନୀୟ ବିରଜା ଓମେନ୍ସ ଡିଗ୍ରୀ କଲେଜ ପରିସରରେ ନୂଆ-ଓ, ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଯାଜପୁର ସଦର ମେଡିକାଲର ଡା. ସୁଜିତ ମନୋହର ସ୍ୱାଇଁ ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁକାନ୍ତିଲତା ସାହୁ ଉଦ୍‌ଘାଟନ କରିଥିଲେ। ଯାଜପୁର ସଦର ମେଡିକାଲ ଟିମର୍ ପାର୍ଥସାରଥି ପୁହାଣ, ଦେବବ୍ରତ ବେହେରା, କିଷାନ ଯେନା, ସୀତାଂଶୁ ସ୍ୱାଇଁ, ଅଜୟ ଯେନା, ହୃଷୀକେଶ ଯେନା, ନବୀନ ଚାନ୍ଦ ସେଠୀ, ସନ୍ତୋଷ ବିଶ୍ୱାଳ ଏବଂ ମହାବିଦ୍ୟାଳୟର ସୁଶ୍ରୀ ଦାସ, ପର୍ଶୁରାମ ନାୟକ, ବିଶ୍ୱଜିତ୍ ନାୟକ ଓ ଅଧ୍ୟାପକ ବିଶ୍ୱରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।। ଅଧ୍ୟକ୍ଷା ଡ. ସାହୁ, ଅଧ୍ୟାପକ ବିଶ୍ୱରଂଜନ ମହାନ୍ତି, ଅଧ୍ୟାପିକା ସୁଶ୍ରୀ ଦାସ, ତରଣୀସେନ ଜେନା, ପର୍ଶୁରାମ ନାୟକ, ଐଶ୍ୱର୍ଯ୍ୟା ରାଉତ୍, ଛାତ୍ରୀ ସୁଜାତା ସେଠୀ, ମନିଷା ବେହେରା, ସମ୍ମିତା ସାହୁ, ସୁଭସ୍ୱପ୍ନା ନାୟକ, ଉଷାରାଣୀ ମହାରଣା, ପାୟଲ ରାଜ, ତପସ୍ୱିନୀ ଦାସ, ସେଫାଲି ରାଉତରାୟ ଓ ପୂଜାରାଣୀ ଦାସ ପ୍ରମୁଖ ରକ୍ତଦାନ କରିଥିଲେ। ମୋଟ୍ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅଧ୍ୟାପିକା ଡ. ମଧୁଲିତା ମହାନ୍ତି, ଅନିତା ମହାପାତ୍ର, କନକ ମଞ୍ଜରୀ ପଟ୍ଟନାୟକ, ଛନ୍ଦା ରାୟ, ଅମ୍ବିକା କର, ମିଲି ମହାପାତ୍ର, ତରଣୀସେନ୍ ଜେନା, ତ୍ରିଲୋଚନ ପଣ୍ଡା, ମମତାରାଣୀ ପଣ୍ଡା, ମଧୁସୂଦନ ବେହେରା, ରାଜେନ୍ଦ୍ର ପରିଡ଼ା, ମାନଗୋବିନ୍ଦ ଦାସ, ଦୁଲେଇ ନାଏକ ଏବଂ ସ୍ୱେଚ୍ଛାସେବୀ ଛାତ୍ରୀମାନେ ଶିବିର ପରିଚାଳନା କରିଥିଲେ।

ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା

ଯାଜପୁର ଟାଉନ,୨୮।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଅଧିକ ଯୌତୁକ ଦାବିରେ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ନବବଧୂଙ୍କ ସାନବାପା ବୁଧିରାମ ଯେନା ଯାଜପୁରସଦର ଥାନାରେ ଏହି ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ୨୦୨୩ ଜୁଲାଇ ୭ରେ ଭଦ୍ରକ ଜିଲା ଜଳମଣ୍ଡୁଆ ଗ୍ରାମର ସୁବାସ ଯେନାଙ୍କ ଝିଅ ବନ୍ୟାରାଣୀ ଭଲପାଉଥିବା ଯାଜପୁରସଦର ଅନ୍ତର୍ଗତ ସଠିଆଟିକିରି ଗ୍ରାମର ସାଗର ଯେନାଙ୍କ ପୁଅ ପବିତ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ବରପକ୍ଷଙ୍କୁ ଯୌତୁକ ବାବଦକୁ ୮୦ ହଜାର ଟଙ୍କା ସହ ଘରର ସମସ୍ତ ଆସବାବପତ୍ର ଦେଇଥିଲେ। ପରେ ଯୌତୁକ ବାବଦରେ ଅଧିକ ୧ ଲକ୍ଷ ୨୦ ହଜାର ଟଙ୍କା ଦେବାକୁ ବର ଘର ପକ୍ଷରୁ ଦାବି କରାଯାଇଥିଲା। ଏପରି କି ବିବାହର କିଛିଦିନ ପରେ ବନ୍ୟାରାଣୀଙ୍କ ଶ୍ୱଶୁର ସାଗର ଯେନା, ଶାଶୁ ଲଳିତା ଯେନା, ଦେଢ଼ଶୁର ସୁଦର୍ଶନ ଯେନା, ନଣନ୍ଦେଇ କାବୁ ଯେନା ଓ ଅନ୍ୟ ପରିବାର ଲୋକ ମିଶି ଟଙ୍କା ଆଣିବାକୁ ଦାବିକରି ତାଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ। ଏହି ଖବର ବନ୍ୟାରାଣୀ ତାଙ୍କ ବାପଘରକୁ କହିବାରୁ ବାପଘରଲୋକେ ଆସି ଗ୍ରାମର ଭଦ୍ରଲୋକଙ୍କ ଉପସ୍ଥିତିରେ ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାପରେ ମଧ୍ୟ ବର ଘର ପରିବାର ପକ୍ଷରୁ ବାରମ୍ବାର ବନ୍ୟାରାଣୀଙ୍କୁ ନିର୍ଯାତନା ଦିଆଯାଉଥିଲା। ଟଙ୍କା ନ ଆଣିଲେ ଜୀବନରୁ ମାରିଦେବା ପାଇଁ ଧମକ ଦିଆଯାଉଥିଲା। ୨୭ ତାରିଖରେ ହଠାତ୍ ଝିଆରିଙ୍କ ଦେଢ଼ଶୁର ଫୋନ୍ କରି କହିଲେ ଯେ, ବନ୍ୟାରାଣୀଙ୍କ ଦେହ ଅତ୍ୟନ୍ତ ଖରାପ ହୋଇଛି। ତାଙ୍କୁ ଯାଜପୁର ବଡମେଡିକାଲରେ ଭର୍ତ୍ତି କରାଯାଇଛି। ବନ୍ୟାରାଣୀଙ୍କ ପରିବାର ଆସି ଦେଖିବାକୁ ପାଇଲେ ଯେ ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି ତାଙ୍କ ସାନ ବାପା ଅଭିଯୋଗରେ ଦର୍ଶାଇଛନ୍ତି।

ବନ୍ୟାରାଣୀ ଯେନା

କଂଗ୍ରେସର ପ୍ରତିଷ୍ଠା ଦିବସ

କଂଗ୍ରେସ କର୍ମୀମାନେ ସଫେଇ କରୁଛନ୍ତି ।

ଧର୍ମଶାଳା,୨୮।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୩୯ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ବହୁ କର୍ମୀ ଜାରକା ନିକଟ ଗାପବନ୍ଧୁ ଛକଠାରେ ଏକତ୍ରିତ ହୋଇ କଂଗ୍ରେସର ପ୍ରତିଷ୍ଠାତାମାନଙ୍କୁ ସ୍ମରଣ କରିଥିଲେ। ଇଂରେଜ ଶାସନ ବିରୋଧରେ କଂଗ୍ରେସ ପକ୍ଷରୁ ପ୍ରଥମେ ଆନ୍ଦୋଳନ ଆରମ୍ଭ ହୋଇ ଦେଶ ସ୍ୱାଧୀନତା ଲାଭ କରିଥିଲା ବୋଲି ଆୟୋଜିତ ପଥପ୍ରାନ୍ତ ସଭାରେ କଂଗ୍ରେସ ନେତା ପଣ୍ଡା ଦଳୀୟ ପତାକା ଉତ୍ତୋଳନ କରି ମତବ୍ୟକ୍ତ କରିଥିଲେ। କର୍ମୀମାନେ ଜାରକା ବଜାର ସଫେଇ କରିଥିଲେ। କାର୍ଯ୍ୟକ୍ରମରେ କୃଷକ ନେତା ବସନ୍ତ ପରିଡ଼ା, ପ୍ରଫୁଲ ରାୟ, ବାବୁଲି ମଲିକ, ଜିତେନ ରଥ, ନକୁଳ ଜେନା, ଅମରେନ୍ଦ୍ର ସାମଲ, ଗୌରାଙ୍ଗ ମଲିକ, ଭୀମସେନ ସାହୁ, ସତ୍ୟାନନ୍ଦ ଜେନା, ଗଗନ ବିହାରୀ ରାଉତ, ସେକ୍ ଇକବାଲ, କମଳ ଲୋଚନ ସାମଲ, ପବିତ୍ର ମୋହନ ଦାସ ଓ ରଞ୍ଜନ ମଲିକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଖରସ୍ରୋତା ପୁସ୍ତକ ମେଳା ଉଦ୍‌ଯାପିତ

ବିଞ୍ଚାରପୁର,୨୮।୧୨(ରାମକୃଷ୍ଣ ଦାସ):

ବିଞ୍ଚାରପୁର ବ୍ଲକ ଅନ୍ତର୍ଗତ ମଲିଆ ଯଜ୍ଞପଡ଼ିଆଠାରେ ୫ ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସୁଥିବା ଖରସ୍ରୋତା ପୁସ୍ତକ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମେଳା କମିଟି ସଭାପତି ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ପ୍ରାକ୍ତନ ବିଧାୟକ ପବିତ୍ର ମୋହନ ଜେନା, ମୁଖ୍ୟକ୍ତା ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ସମ୍ମାନିତ ଅତିଥି ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ, ବିଞ୍ଚାରପୁର ତହସିଲଦାର କୈଳାଶ ଚନ୍ଦ୍ର ମହାଳିକ, ନାଟ୍ୟକାର ଡ. ଦୀପକ ଯେନା ପ୍ରମୁଖ ଯୋଗଦେଇ ପୁସ୍ତକ ଓ ସାହିତ୍ୟ ଆମ ସଂସ୍କୃତି ଏବଂ ପରମ୍ପରାର ବାହକ ବୋଲି ମତବ୍ୟକ୍ତ କରିଥିଲେ। ଏହିଅବସରରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ନାଟ୍ୟକାର ଡ. ଦୀପକ ଯେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳା କମିଟିର ସମସ୍ତ ସଦସ୍ୟ, ବହୁ ସାହିତ୍ୟିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ମେଳାରେ ୫୦ରୁ ଊର୍ଦ୍ଧ୍ୱ ପୁସ୍ତକ ଷ୍ଟଲରୁ ଲୋକେ ପୁସ୍ତକ କିଣୁଥିବା ଦେଖିବାକୁ ମିଳିଥିଲା।

ନାଟ୍ୟକାର ଡ. ଦୀପକ ଯେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଜିଏସଟି ଚଢ଼ାଉ

ମୋରଡ଼ା,୨୮।୧୨(ସ୍ମାରକ ମାଜୀ)- ଟିକସ ଫାଙ୍କି ଅଭିଯୋଗରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଜଣେ ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ଜିଏସ୍‌ଟି ବିଭାଗର ଡେପୁଟି କମିଶନର କୁଳମଣି ମଲ୍ଲିକ ଏବଂ ସହକାରୀ କମିଶନର ହରିଶ୍ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ବାରିପଦା ଓ ବାଲେଶ୍ୱରର ୪ ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ବ୍ୟବସାୟୀ ମୁଚିରାମ ବେହେରାଙ୍କ ମୋରଡାସ୍ଥିତ ଘର, ଇଟାଭାଟି ଏବଂ ଫ୍ଲାଇଆସ ଇଟାଭାଟି ଉପରେ ଏକକାଳୀନ ଚଢ଼ାଉ କରିଥିଲେ।

ଗୋପାଳପୁର କ୍ରିକେଟ୍: ପୋବଳ ଚାମ୍ପିୟନ

ଧର୍ମଶାଳା,୨୮।୧୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କ୍ଷେତ୍ରପାଳ ପଞ୍ଚାୟତର ଗୋପାଳପୁର ଖେଳ ପଡ଼ିଆରେ ଗୋପାଳପୁର ଯୁବଜ୍ୟୋତି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସୁନୀଲ ଓ ଧନେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ୍‌ରେ ପଟୁଣିଆ କ୍ରିକେଟ ଟିମ୍‌କୁ ୪ ଉଇକେଟରେ ପରାସ୍ତ କରି ପୋବଳ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟକୁ କଣ୍ଟିଗଡ଼ିଆ ପ୍ରାଥମିକ କୃଷି ସମବାୟ ସମିତି ପୂର୍ବତନ ସଭାପତି ସୁଜିତ ସାହୁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୋଟ୍ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପଟୁଣିଆ ଓ ପୋବଳ କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ପ୍ରଥମେ ପଟୁଣିଆ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୭ ଉଇକେଟ୍ ହରାଇ ୯୩ ରନ ସଂଗ୍ରହ କରିଥିଲା। ପୋବଳ ୧୩ ଓଭରରେ ୬ ୱେକେଟ୍ ହରାଇ ୯୬ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳକୁ ସୀତାଂଶୁ ପରିଡ଼ା ଓ ସଞ୍ଜୟ ବେହେରା ପରିଚାଳନା କରିଥିଲେ। ସୁଜିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଓ ସମ୍ମାନିତ ଅତିଥି ବରିଷ୍ଠ ଶିକ୍ଷାବିତ୍ ଜଗନ୍ନାଥ ସାମନ୍ତରାୟ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଯୁବଜ୍ୟୋତି କ୍ରିକେଟ କ୍ଲବର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

ଅତିଥିଙ୍କ ଦ୍ୱାରା ପୋବଳ ଟିମକୁ ଚାମ୍ପିୟନ ଟ୍ରଫି ପ୍ରଦାନ ।

ଅଳିଆ ପକାକୁ ବିରୋଧ କରିବାରୁ ହାତ ହାଣିଦେଲେ

କୁଜଙ୍ଗ,୨୮।୧୨ (ମନୋଜ ପ୍ରଧାନ)

ଅଳିଆପକାଇବାକୁ ବିରୋଧ କରିବାରୁ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ହାତ ହାଣି ଦିଆଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନୂଆଗାଁର ଶତ୍ରୁଘ୍ନ ମଲ୍ଲିକ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁ

ସଂକ୍ଷେପରେ

ଦିଅର ବ୍ୟାଟ୍ ମାଡ଼ରେ ଭାଉଜ ଗୁରୁତର

ଏରସମା,୨୮।୧୨(ଦୀପ୍ତି ରଞ୍ଜନ ଖଣ୍ଡୁଆଳ): ଏରସମା ଥାନା ଅନ୍ତର୍ଗତ ଗଡହରିଶପୁର ପଞ୍ଚାୟତସ୍ଥିତ ଅସିଆ ଗ୍ରାମରେ ବୁଧବାର ରାତିରେ ଦିଅର ବ୍ୟାଟ୍ ମାଡ଼ରେ ଭାଉଜ ଗୁରୁତର ହୋଇଛନ୍ତି। ସେ ହେଲେ ଯମୁନା ରାଉତ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଯମୁନାଙ୍କ ଝିଅ ବର୍ଷାରାଣୀ ରାଉତଙ୍କ ଅଭିଯୋଗ ଅନୁସାରେ ଏରସମା ଥାନାରେ ମାମଲା (ନଂ ୫୪୬/୨୩) ରୁଜୁ କରାଯାଇଛି। ଏହାପରେ ଅଭିଯୁକ୍ତ ମନୋରଞ୍ଜନ(୪୫)ଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଭିଯୋଗ ଅନୁଯାୟୀ, ଯମୁନା ରାଉତ ନିଜ ଘରେ ରୋଷେଇ କରୁଥିଲେ। ଏହି ସମୟରେ ପଡ଼ୋଶୀ ଘରର ସମ୍ପର୍କୀୟ ଦିଅର ମନୋରଞ୍ଜନ ରାଉତ (୪୫)ତାଙ୍କ ଘରକୁ ଆସିଥିଲେ। କୌଣସି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ମନୋରଞ୍ଜନ ଏକ ବ୍ୟାଟରେ ଯମୁନାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ଲୋକେ ଧାଇଁ ଆସିବାରୁ ମନୋରଞ୍ଜନ ଫେରାର ହୋଇଯାଇଥିଲେ।

ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ

ରାହାମା,୨୮।୧୨, (ଶ୍ରୀକାନ୍ତ ଦାସ)

ତିର୍ତ୍ତୋଲସ୍ଥିତ ମହାନଦୀ ଉପକଣ୍ଠରେ, ସାରଳା ମହାବିଦ୍ୟାଳୟ ରାହମାର ୧୯୮୫-୮୭ ଯୁକ୍ତ ୨ ବିଜ୍ଞାନ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହେଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସେମାନଙ୍କ ପରିବାର ଓ ବାନ୍ଧବୀଙ୍କ ସହ ଯୋଗଦେଇଥିଲେ। ପ୍ରଥମେ ସୁଭାଷିନୀ, ସାଧନା, ସାବିତ୍ରୀ, ଅନିତା, ସୌଦାମିନୀ ଓ ହୀରାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଗୌରହରି ମିଶ୍ର ମନ୍ତ୍ର ଧ୍ୱନି ଗାନ କରିଥିଲେ। ଏହି ଅବସରରେ ଅଜିତ କୁମାର ଆଚାର୍ଯ୍ୟ, ମଦନ ଗୋପାଳ ମହାନ୍ତି, ଶୈଳେନ୍ଦ୍ର ବିଶ୍ୱାଳ, ଧନେଶ୍ୱର ପଲେଇ, ଗୌରହରି, ଶଙ୍କର୍ଷଣ ପଲ, ବିଚିତ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଶିଷ ମହାନ୍ତିଙ୍କୁ ସାମାଜିକ ସେବା ପାଇଁ ସମ୍ମାନିତ କରାଯାଇଥିଲା। ପରେ କାଦମ୍ବିନୀ ସ୍ୱାଇଁ, ଅଞ୍ଜଳି ସ୍ୱାଇଁ, ପୂର୍ଣ୍ଣିମା ପଣ୍ଡା ଓ ଗୌତମ ମହାପାତ୍ରଙ୍କ ସଙ୍ଗୀତ ସମସ୍ତଙ୍କୁ ମନମୁଗ୍ଧ କରିଥିଲା। ସଭାକୁ ସୁମନ୍ତ ସ୍ୱାଇଁ ଏବଂ ଦିଲୀପ ସ୍ୱାଇଁ ପରିଚାଳନା କରିଥିଲେ।

ଅଭିଯୋଗ ପରେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ବଣ୍ଟନ

ନାଉଗାଁ,୨୮।୧୨(ସୁଧା ବେହୁରା)

ନାଉଗାଁ ବ୍ଲକ ବଛାଳୋ ପଞ୍ଚାୟତ ଅନ୍ତର୍ଗତ ଅଲଣା-୨ ଗ୍ରାମର ୩୯ ଜଣ ହିତାଧିକାରୀଙ୍କୁ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଯୋଗାଣ ଅଧିକାରୀ ମୋତିଲାଲ ଦାସଙ୍କ ଉପସ୍ଥିତିରେ ଚାଉଳ ବଣ୍ଟନ କରାଯାଇଛି। ଏହି ଗ୍ରାମର ୪୦ ଊର୍ଦ୍ଧ୍ୱ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ଦୀର୍ଘ ୪ ମାସ ହେବ ବଞ୍ଚିତ ହେଉଥିଲେ। ଏନେଇ ସେମାନେ ମଙ୍ଗଳବାର ବିଡିଓ ତପନ ମହାପାତ୍ରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖୁବ୍‌ଶୀଘ୍ର ଚାଉଳ ବଣ୍ଟନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ହିତାଧିକାରୀମାନେ ଧାରଣାରୁ ଓହରିଥିଲେ।

ଜଗତ୍‌ସିଂହପୁରକୁ ୧୩ ସ୍ୱର୍ଣ୍ଣ ପଦକ

ଜଗତ୍‌ସିଂହପୁର, ୨୮।୧୨ (ପ୍ରମୋଦ କୁମାର ନାୟକ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଙ୍ଗଠନ ତରଫରୁ ଖୋର୍ଦ୍ଧା ଜିଲାର ବରୁଣେଇ ପାହାଡ଼ ତଳେ ଡିସେମ୍ବର ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୧୯ତମ ରାଜ୍ୟ ଜାମ୍ବୋରେଟ୍‌ରେ ଜଗତ୍‌ସିଂହପୁର ଜିଲା ଆଶାଜନକ ସଫଳତା ପାଇଛି। ଏଥିରେ ଜିଲା ସ୍କାଉଟ୍ ଓ ଗାଇଡ୍‌ମାନେ ଦଳଗତ ଭାବେ କ୍ୟାମ୍ପ ଫାୟାରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ୩ଟି ବିଭାଗ ଯଥା ପ୍ରଦର୍ଶନୀ, ଗେଟ୍ ଆଣ୍ଡ କ୍ୟାମ୍ପ କ୍ରାଫ୍ଟ ଓ ଦଳଗତ ନୃତ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ୫ଟି ବିଭାଗ ଯଥା ଆଞ୍ଚଳିକ ଯାତ୍ରା, ଫୁଡ୍ ପ୍ଲାଜା, ଭିଲେଜ ଫେୟାର, ଯୋଗ ଓ ମାର୍ଚ୍ଚପାଷ୍ଟରେ ତୃତୀୟ ସ୍ଥାନ ଦଖଲ କରିଛି। ବ୍ୟକ୍ତିଗତସ୍ତର ଅର୍ଥାତ୍ କୁଇଜ, ସ୍କିଲୋରାମା ଏବଂ ବିଜ୍ଞାନ ପ୍ରଦର୍ଶନୀରେ ମଧ୍ୟ କମାଲ ଦେଖାଇଛି। ୬ଦିନରେ ଅନୁଷ୍ଠିତ ୧୨ଟି ବିଭାଗ ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲାକୁ ୧୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ଏଥିସହ ୯ ଜଣଙ୍କୁ ସେମାନଙ୍କ ସଫଳତା ପାଇଁ ପୁରସ୍କୃତ କରାଯାଇଛି। ଜଗତ୍‌ସିଂହପୁରର ଏହି ସଫଳତା ଜାଣି ଜିଲାବାସୀ ଖୁସି ଅନୁଭବ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜାମ୍ବୋରେଟ୍‌ରେ ଜିଲାର ରସଲପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଶାଳିଜଙ୍ଗାସ୍ଥିତ ଓଡ଼ିଶା ଆଦର୍ଶ

ଜାମ୍ବୋରେଟ୍‌ରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

୧୯ତମ ରାଜ୍ୟ ଜାମ୍ବୋରେଟ୍

ବ୍ୟକ୍ତିଗତ ଭାବେ ୯ଜଣଙ୍କ କମାଲ

ଉଚ୍ଚ ବିଦ୍ୟାଳୟ, ଓଡ଼ିଶୋର କୁତାମଚଣ୍ଡୀ ବିଦ୍ୟାପୀଠ, ଜଗତ୍‌ସିଂହପୁରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶ୍ରୀକୃଷ୍ଣ ଏକାଡେମୀ, ମଣ୍ଡାସାହିର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ, ପୁରୋହିତପୁରର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକୁଦାର ସରକାରୀ ଉଚ୍ଚ ବିଦ୍ୟାଳୟ, ନାଉଗାଁ ହାଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୩୬ ସ୍କାଉଟ୍ ଓ ୨୮ ଗାଇଡ୍ ଏହିପରି ମୋଟ ୬୪ ଜଣ ପିଲା ଯୋଗ ଦେଇଥିଲେ। ସେମାନଙ୍କ ସହ ୫ ଜଣ ସ୍କାଉଟ୍ ମାଷ୍ଟର, ୨ ଜଣ ଗାଇଡ୍ କ୍ୟାପଟେନ୍ ମଧ୍ୟ ସାମିଲ ଥିଲେ। ପ୍ରତ୍ୟେକ ପ୍ରତିଯୋଗିତାର ମାର୍ଗଦର୍ଶନ ଓ ପରିଚାଳନା ପାଇଁ ଜିଲା ସଙ୍ଗଠକ କମିଶନର ତଥା କଣ୍ଟିଜେଣ୍ଟ ଲିଡର ପ୍ରତାପ ଚନ୍ଦ୍ର ରାଉତରାୟ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କାଉଟ୍ସର ଜିଲା ଟ୍ରେନିଂ କମିଶନର ହରେକୃଷ୍ଣ ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ (ସ୍କାଉଟ) ଅମୂଲ୍ୟ କୁମାର ମିଶ୍ର, ସ୍କାଉଟ ମାଷ୍ଟର ସ୍ମୃତିରଞ୍ଜନ ସ୍ୱାଇଁ, ଆଶୁତୋଷ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ (ଗାଇଡ) ଶୁଚିସ୍ମିତା ସ୍ୱାଇଁ ଓ ଗାଇଡ କ୍ୟାପଟେନ୍ ଆରେକ୍ଷିକା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲାର ଏହି ସଫଳତା ପାଇଁ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ ଓ ଗାଇଡ୍‌ର ଜିଲା ମୁଖ୍ୟ କମିଶନର ନିରଞ୍ଜନ ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ରାଜ୍ୟଶ୍ରୀ ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସମ୍ପାଦକ ବିଦ୍ୟାଧର ପ୍ରଧାନ, ଉପଦେଷ୍ଟା ବିଜୟ କୁମାର ରଥ, ଜିଲା କମିଶନର ସୁଭାଷ ଚନ୍ଦ୍ର ରାଉତ, ଜିଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଗାଇଡ୍ ବିଭାଗର ଜିଲା ସଙ୍ଗଠନ କମିଶନର ଲତା ଦେଈ ଏବଂ ଟ୍ରେନିଂ କମିଶନର ସସ୍ମିତା ଶତପଥୀ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ଯେପରି ଏହି ଅଭିଯାନ ବଳବତ୍ତର ରହିବ ସେନେଇ ଉତ୍ସାହିତ କରିଥିଲେ।

ପୋଲିସକୁ କାମୁଡ଼ି ଅଭିଯୁକ୍ତ ଫେରାର

କୁଜଙ୍ଗ,୨୮।୧୨ (ମନୋଜ ପ୍ରଧାନ)

ଏକ ଚୋରି ମାମଲାରେ ପୋଲିସ ଚଢ଼ାଉ କରିବା ବେଳେ ଅଭିଯୁକ୍ତ ପୋଲିସକୁ କାମୁଡି ଚମ୍ପଟ ମାରିଛି। ପାରଦୀପ ଅଭୟଚନ୍ଦପୁର ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ତୋଫାନ ଦାସଙ୍କ ଘରୁ ମଙ୍ଗଳବାର ରାତିରେ ଏକ ସୁନା ମୁଦି, ମୋବାଇଲ ଫୋନ ଓ ୧୦ହଜାର ଟଙ୍କା ଚୋରି ହୋଇଥିଲା। ଏ ସମ୍ପର୍କରେ ତୋଫାନ ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା (ନଂ. ୪୦୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଏହି ଥାନା ଅନ୍ତର୍ଗତ ନୂଆଗାଁର ସୁଜିତ ମହାନ୍ତି ଓରଫ ବାପିନାଙ୍କ ନାମରେ ଏକ ଚୋରି ଅଭିଯୋଗ ଥିଲା। ଏନେଇ ଥାନାରେ ମାମଲା (ନଂ.୧୫୨/୨୩) ରୁଜୁ ହୋଇଥିଲା। ଅଭୟଚାନ୍ଦପୁର ପୋଲିସ ଉଭୟ ଅଭିଯୋଗକୁ ଭିତ୍ତିକରି ବୁଧବାର ରାତିରେ ଏଏସ୍‌ଆଇ ପୁଷ୍ପଲତା ରାୟଙ୍କ ନେତୃତ୍ୱରେ ଏକ ଟିମ୍ ବାପିନାଙ୍କ ଘର ଉପରେ ଚଢ଼ାଉ କରିଥିଲା । ଏହି ସମୟରେ ହାବିଲଦାର ବାବୁଲା ଅଧିକାରୀ ଓ କନଷ୍ଟେବଲ ମନୋଜ ଦାସଙ୍କ ହାତକୁ ସେ କାମୁଡ଼ି ଫେରାର ହୋଇଯାଇଛନ୍ତି। ଅପରପକ୍ଷେ ତାଙ୍କ ପଡ଼ୋଶୀ କୃଷ୍ଣ ଚନ୍ଦ୍ର ସାହୁ ଓ ବାପିନାଙ୍କ ସ୍ତ୍ରୀ ସୁଜାତା ନାୟକ ପୋଲିସକୁ ଆକ୍ରମଣ କରିଥିଲେ। ଏନେଇ ଉଭୟ କୃଷ୍ଣ ଓ ସୁଜାତାଙ୍କୁ ପୋଲିସ ଗିରଫ କରିଛି । ଏଥିସହ ବାପିନାଙ୍କୁ ଧରିବା ପାଇଁ ତଲାସି ଜାରି ରଖିଥିବା ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

ଏଏମ୍‌ଏନ୍‌ଏସ୍ ପକ୍ଷରୁ ସୌରଶକ୍ତି ଲାଇଟ ଅନାବରଣ

ପାରାଦୀପ,୨୮।୧୨(ଶରତ ରାଉତ)

ପାରାଦୀପ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପକ୍ଷରୁ ଗୁରୁବାର ସ୍ଥାନୀୟ ଅଞ୍ଚଳରେ ସୌରଶକ୍ତି ସମ୍ପନ୍ନ ଷ୍ଟ୍ରିଟ ଲାଇଟ ଲଗାଯାଇଛି। କମ୍ପାନୀ ସିଏସ୍‌ଆର ମୁଖ୍ୟ ବିକାଶ ଯାଦଭେନ୍ଦୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୂଷାଡ଼ିଆ ବସ୍ତିରେ ରହୁଥିବା ୧୫ ଶହ ଲୋକଙ୍କ ନିମନ୍ତେ ୧୯ ଷ୍ଟ୍ରିଟ ଲାଇଟ ଲଗାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ବାଲିଡିଆ, ହାଣ୍ଡିଆ, ପାରାଦୀପ ଗଡ, ଭୀମାନାସୀ, ଚକ୍ରଧଳପୁର ଗ୍ରାମରେ ଏଭଳି ଲାଇଟ ଲଗାଯିବ ବୋଲି କୁହାଯାଇଛି।

ପାଠପଢ଼ା ବ୍ୟତିରେକ କ୍ରୀଡ଼ାରେ ପାରଦର୍ଶିତା ଲାଭକରିବା ଆବଶ୍ୟକ

ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସମ୍ମିତ ରାଉତରାୟ ଓ ଅନ୍ୟ ଅତିଥିମାନେ।

କୁଜଙ୍ଗ,୨୮।୧୨ (ମନୋଜ ପ୍ରଧାନ)

ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଆନୁକୂଲ୍ୟରେ ୨୨ଡିସେମ୍ବରରୁ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କୁଜଙ୍ଗ ବି.ବି. ହାଇସ୍କୁଲ ଓ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏହାକୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ଖୋଖୋ, କବାଡି, ଭଲବଲ୍ ଓ କ୍ରିକେଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବି.ବି. ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ସମ୍ମିତ ରାଉତରାୟ ଯୋଗଦେଇ କହିଥିଲେ, ଯୁବଗୋଷ୍ଠୀ ପାଠପଢା ବ୍ୟତିରେକ କ୍ରୀଡ଼ାରେ ପାରଦର୍ଶିତା ଲାଭକରିବା ଉଦ୍ଦେଶ୍ୟରେ ନୂଆ-ଓ, ଯୁବ ଓଡିଶା ନବୀନ ଓଡିଶା ମାଧ୍ୟମରେ ସବୁ ଗାଁରେ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଉଛି। ଆଗାମୀ ଦିନରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରି ଯୁବତୀ,ଯୁବକମାନଙ୍କୁ କୋଚ ଜରିଆରେ କ୍ରୀଡ଼ା ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଥିଲେ । କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମେତ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, କୁଜଙ୍ଗ ସମିତି ସଭ୍ୟା ସସ୍ମିତା ନାୟକ, ଅତିରିକ୍ତ ବିଡିଓ ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ରୀୟ ରାଉତ ଏହାକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ବିଜୟୀ ଦଳକୁ ୨୦ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଦିଆଯାଇଥିଲା। ସେହିପରି ରନର୍ସଅପ ଦଳକୁ ୧୫ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଓ ତୃତୀୟ ସ୍ଥାନରେ ଥିବା ଦଳକୁ ୧୦ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା । ବସନ୍ତ କୁମାର ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ମହାନ୍ତି ଏହାକୁ ପରିଚାଳନା କରିଥିଲେ।

ଅଳିଆପକାକୁ ବିରୋଧ କରିବାରୁ ହାତ ହାଣିଦେଲେ

ଥାନାରେ ମାମଲା: ୨ ଗିରଫ

କୁଜଙ୍ଗ,୨୮।୧୨ (ମନୋଜ ପ୍ରଧାନ)

ଅଳିଆପକାଇବାକୁ ବିରୋଧ କରିବାରୁ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ହାତ ହାଣି ଦିଆଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନୂଆଗାଁର ଶତ୍ରୁଘ୍ନ ମଲ୍ଲିକ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଅଭୟଚାନ୍ଦପୁର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗାଁର ବୁଲୁ ମଲ୍ଲିକ ଓ ଟୁଲୁ ମଲ୍ଲିକ। ଶତ୍ରୁଘ୍ନଙ୍କ ପୁଅ ସାଜନ ମଲ୍ଲିକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୪୦୧/୨୩) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଶତ୍ରୁଘ୍ନ ମଲ୍ଲିକଙ୍କ ଘର ଆଗରେ ବୁଲୁ ଓ ଟୁଲୁ ସବୁବେଳେ ଅଳିଆ ଆବର୍ଜନା ପକାଇ ଆସୁଥିଲେ । ଅଳିଆ ନ ପକାଇବାପାଇଁ ବୁଧବାର ଶତ୍ରୁଘ୍ନ ବାରଣ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ବୁଲୁ ଓ ଟୁଲୁ ଏକ କଟୁରିରେ ତାଙ୍କ ହାତକୁ ହାଣି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରାଜ କିଶୋର ବେହେରା କହିଛନ୍ତି।

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବୈଠକ

ପଟ୍ଟାମୁଣ୍ଡାଇ, ୨୮।୧୨ (ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ପୂର୍ବାହ୍ନରେ ରାମ ମନ୍ଦିର ପରିସରରେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ସଭ୍ୟମାନେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କୁ ୬୫ବର୍ଷ, ୭୦ବର୍ଷ, ୭୫ବର୍ଷ ଓ ୮୦ ବର୍ଷରେ ଅତିରିକ୍ତ ପେନ୍‌ସନ ପ୍ରଦାନ, ବୟସାଧିକ୍ୟ ହେତୁ ଅବସରପ୍ରାପ୍ତ କର୍ମଚାରୀମାନେ ବିଭିନ୍ନ ରୋଗର ଶିକାର ହେଉଥିବାରୁ ଅନ୍ୟ ରାଜ୍ୟ ଭଳି ଚିକିତ୍ସା ଭତ୍ତା ପ୍ରଦାନ କରିବା, ଜାନୁୟାରୀ ୩ ତାରିଖରେ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କର ରାଜ୍ୟସ୍ତରୀୟ ସଭାରେ ଯୋଗଦାନ କରିବାକୁ ସିଦ୍ଧାନ୍ତ କରାଯାଇଥିଲା। ଏ ନେଇ ଏକ ପ୍ରତିନିଧି ଦଳ ଯୋଗ ଦେବାକୁ ଚୟନ କରାଯାଇଥିଲା। ସଭା ପ୍ରାରମ୍ଭରେ ଦିବଂଗତ ସରକାରୀ କର୍ମଚାରୀ ରତ୍ନାକର ପରିଡା, ନାଟ୍ୟକାର ହରପ୍ରସାଦ ପଟ୍ଟନାୟକ, ଗୌରାଙ୍ଗ ଦାଶଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ଚତୁର୍ଭୁଜ ରାଉଳ ସଭାରେ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୌଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ଈଶ୍ୱର ଚନ୍ଦ୍ର ଲେଙ୍କା, ତ୍ରିଲୋଚନ ଜେନା, କଣ୍ଟୁରୀ ଚରଣ ସ୍ୱାଇଁ, ବିଜୟ କୁମାର ସାହୁ, ସଚ୍ଚିନନ୍ଦନ ଦାସ, ପୀତାମ୍ବର ମହାପାତ୍ର, ତପନ ପାତ୍ର, ପ୍ରଫୁଲ୍ଲ ପ୍ରଧାନ, ଗାର୍ଦ୍ଧବ ଲେଙ୍କା, ସନାତନ ତରାଇ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରାଣ ପ୍ରତିଷ୍ଠା ପାଇଁ ଅକ୍ଷତ କଳସ ଶୋଭାଯାତ୍ରା

ରାଜନଗର,୨୮।୧୨(ଭାସ୍କର ରାଉତରାୟ): ରାମ ଜନ୍ମଭୂମି ଅଯୋଧ୍ୟାରେ ନୂତନ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ହୋଇଛି। ଜାନୁୟାରୀ ୨୨ ତାରିଖରେ ବିଗ୍ରହ ପ୍ରାଣ ପ୍

ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବିଇଏମସି ମିଲେଟ ମେଳା। ସ୍ଥାନ–ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ। ସମୟ–ପୂର୍ବାହ୍ନ ୧୦ଟା।
- କଳା ବ୍ୟାଜ ପିନ୍ଧି ପ୍ରତିବାଦ। ସ୍ଥାନ–ରାମିଲିଙ୍ଗେଶ୍ୱର ପାର୍କ। ସମୟ–ପୂର୍ବାହ୍ନ ୧୧ଟା ୩୦।

ସଂକ୍ଷେପରେ

ରାଇକଲାରେ ମାଣ୍ଡିଆ ଅମଳ ଯାତ୍ରା

ଜି.ଉଦୟଗିରି,୨୮।୧୨ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ପଞ୍ଚାୟତ ଖାରିଆପଡା ମହାନାଜୁଠାରେ ମାଣ୍ଡିଆ ଅମଳ ଯାତ୍ରା ୨୦୨୩ ପାଳିତ ହୋଇଯାଇଛି। ଜନ ବିକାଶ ଦ୍ୱାରା ଅନୁଷ୍ଠିତ ଏହି ଯାତ୍ରାରେ ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏଡିଫଓ ସୁବାସ ଚନ୍ଦ୍ର ବେହେରା, ଏଏଓ ପ୍ରିୟ ଦର୍ଶନୀ ମଲିକ, ଜନ ବିକାଶ ନିର୍ଦ୍ଦେଶକ ମଦନ ସୁଆଲ ସିଂ, ଦିବ୍ୟ ଜ୍ୟୋତି ଅନୁଷ୍ଠାନ ତରଫରୁ କେଶିଆନ ପ୍ରଧାନ, ଏଫ୍‌ଓ ସୁଜାତା ଜାନି, ମୁଖ୍ୟ ଚାଷି ରିଙ୍କୁ ପ୍ରଧାନ, ସଂଯୋଜକ ସୁମନ୍ତ କୁମାର ପ୍ରଧାନ, ବ୍ଲକର ପ୍ରତି ପଞ୍ଚାୟତ ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ। ଏଥିରେ ମାଣ୍ଡିଆ ଚାଷ ସଂପର୍କିତ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ପୁଷ୍ଟି ଶସ୍ୟ ନିମନ୍ତେ ଉନ୍ନତ ପ୍ରଣାଳୀର ଚାଷ କରିବା ଅଭ୍ୟାସ କରିବାକୁ ଅତିଥି ବୃନ୍ଦ କହିଥିଲେ। ଓଡ଼ିଶା ମିଲେଟ ମିଶନ କୃଷକ ଓ କୃଷି ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ମାଣ୍ଡିଆ ଅମଳ ଯାତ୍ରା ଆରମ୍ଭ ହୋଇଥିଲା। କୃଷି ବିଭାଗ ତରଫରୁ କାଳୀ ଚରଣ ସାହୁ ଅଂଶ ଗ୍ରହଣ କରିଥିଲେ। ଏଥିରେ ଲିଙ୍ଗାଗଡ଼, ମାଲିକାପଡି, ରାଇକଲା ମାଣ୍ଡିଆ ଚାଷି ମାଣ୍ଡିଆ ବିହନ ୧୦ ପ୍ରକାର ଓ ମାଣ୍ଡିଅର ପ୍ରସ୍ତୁତି ଖାଦ୍ୟ ପ୍ରଦର୍ଶନ କରିଥିଲେ।

୧୫୭ ନଂ ଜାତୀୟ ରାଜପଥର ରାସ୍ତା ମଝିରେ ଗର୍ତ୍ତ

ଖଜୁରିପଡ଼ା,୨୮।୧୨(ବିନ୍ଦୁର ବେହେରା)

ଫୁଲବାଣୀଠାରୁ ଭୁବନେଶରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା ୧୫୭ ନଂ ଜାତୀୟ ରାଜପଥର ଦୂତି ମେଣ୍ଡି ନିକଟସ୍ଥ ସମ୍ଭେପଦର ନର୍ସରୀ ସମ୍ମୁଖରେ ରାସ୍ତା ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଏ ନେଇ ଦୁର୍ଘଟଣା ହେବାର ଆଶଙ୍କା ଯାତ୍ରୀଙ୍କ ମନରେ ଜାତ ହେଉଛି। ଯାତ୍ରୀଙ୍କ ଅଭିଯୋଗ ରାସ୍ତା ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାର ଖର୍ଚ୍ଚ କରୁଛନ୍ତି। ହେଲେ କେମିତି ମୁଖ୍ୟ ରାସ୍ତାର ମରାମତି କରୁନାହାନ୍ତି। ରାସ୍ତା ମଝିରେ ଥିବା ଗର୍ତ୍ତ ବାଇକ୍ ଆରୋହୀଙ୍କ ନଜରରେ ପଡୁ ନାହିଁ। ଯାହା ଦ୍ୱାରା ସେହି ରାସ୍ତା ଦେଇ ଯାଉଥିବା ବାଇକ ଆରୋହୀଙ୍କ ଗାଡ଼ି ଚକା ଦୁର୍ଭାଗ୍ୟ ବଶତଃ ଗର୍ତ୍ତରେ ପଡ଼ିଲେ ଦୁର୍ଘଟଣା ଘଟି ଜୀବନ ଯିବାର ଆଶଙ୍କା ରହୁଛି । ତେଣୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କରିବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି।

ବିଲରେ ନଡ଼ା ପୋଡ଼ି ବନ୍ଦ କରିବାକୁ ଦାବି

- ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର
- ବଜେଟ୍‌ରେ ଚାଷ, ଗୋପାଳନ ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା ହେଉ

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ବିଲରେ ନଡ଼ା ପୋଡ଼ାଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏହାର ପ୍ରତିବାଦରେ ଗୁରୁବାର ନବ ନିର୍ମାଣ କୃଷକ ସଙ୍ଗଠନ ତରଫରୁ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାର ନିରାକରଣ ପାଇଁ ବଜେଟ୍‌ରେ ଚାଷ ଓ ଗୋପାଳନ ପାଇଁ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ସହ ଚାଷୀର ସମସ୍ୟା ବୁଝିବା ପାଇଁ ପଦକ୍ଷେପ ନେବା ନିମନ୍ତେ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସହ ସଂଯୋଜକ ରଣଜିତ୍ ଦଳବେହେରା ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପ୍ରତି ଗାଁରେ ଧାନ ଅମଳ ସରିବା ପରେ ନଡ଼ା ଚାଷ ଜମିରେ ପୋଡି ଦିଆଯାଉଛି। ଘରେ ଗାଈଗୋରୁ ନ ଥିବାରୁ ଚାଷୀ ଖର୍ଚ୍ଚାନ୍ତ ହୋଇ ନଡ଼ାକୁ ଆଉ ଘରକୁ ଆଣୁନାହିଁ। ଯାହା ସମାଜ ପାଇଁ ଶୁଭଙ୍କର ନୁହେଁ। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଆଗଭଳି ଆଉ କ୍ଷୀର–ଦହି–ଛେନା–ଘିଅ ମିଳୁନାହିଁ। ଜମିକୁ ପ୍ରକୃତ ଜୈବିକ ସାର ମିଳୁନାହିଁ। ଏହାର ପ୍ରଭାବରେ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ପ୍ରତିଦିନ ମେଡିକାଲରେ ଲୋକଙ୍କ ଗହଳି ବଢୁଛି। ସେ ବାବଦରେ ସରକାରଙ୍କ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଚାଷ ସହ ଗୋସମ୍ପଦ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଯେବେଠାରୁ ଗୋସମ୍ପଦ କମିଲାଣି ସେବେଠାରୁ ରୋଗ ବଢ଼ିବାରେ ଲାଗିଛି। ସେଥିପାଇଁ ବଜେଟ୍‌ରେ ଚାଷ ଓ ଗୋପାଳନ ପାଇଁ ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା କରି ତା'ର ସମାଧାନ କରିବା ନିହାତି ଆବଶ୍ୟକ। ସେହିପରି ଗୋ–ବଂଶ ବୃଦ୍ଧି କରିବା ପାଇଁ ଗୋ–ପାଳକଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ପାଇଁ ଗୋଟିଏ ଜର୍ସିଗାଈ, ପୋଡ଼ ଓ ମଇଁଷିକୁ ମାସକୁ ୧୫୦୦ ଟଙ୍କା, ଦେଶୀଗାଈକୁ ୧୦୦୦ଟଙ୍କା ହିସାବରେ ଦିଆଯାଉ। ଏହାଦ୍ୱାରା ଗୋ–ବଂଶ ବୃଦ୍ଧି ହୋଇପାରିବ। ଗୁହାଳ କରିବା ପାଇଁ ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା, ଯେଉଁ ଚାଷୀମାନଙ୍କ ପାଖରେ ଗାଈ ନାହାନ୍ତି, ସେମାନଙ୍କୁ ଗାଈ ଯୋଗାଇଦେବା ତାଙ୍କୁ ଗୋଖାଦ୍ୟ କମ ଦରରେ ଯୋଗାଇବା ସହ ଗାଈ ବଳଦ ଓ ମଇଁଷି ପଶୁ ସମ୍ପଦର ସ୍ୱାସ୍ଥ୍ୟର ଯତ୍ନ ମାଗଣାରେ କରାଯାଉ। ଗାଈ ରଖିବାରେ କ୍ଷତି ହେବା ଯୋଗୁ ଗାଁ ଗହଳିରେ ଆଉ ଗାଈ ବଳଦ ନାହାନ୍ତି। ବାହାରେ ପାଣିବୋତଲ ଦର ଯେତିକି, କ୍ଷୀର ଲିଟର ଦର ସେତିକି। କ୍ଷୀର ଲିଟର ଆଜିର ଦର ଅନୁସାରେ ଅତିକମ୍‌ରେ ୬୦ଟଙ୍କା ହେବା ଦରକାର। ଗୋବଂଶ କମିଯିବା ହେତୁ ଆମକୁ ଆଉ କ୍ଷୀର, ଦହି, ଛେନା ମିଳୁନାହିଁ। ଆମେ ଯେଉଁ କ୍ଷୀର, ଦହି, ଛେନା ବାହାରୁ କିଣି ଖାଉଛେ, ତାହା ବିଭିନ୍ନ ରାସାୟନିକ ଯୁକ୍ତ ମିଶ୍ରଣରୁ ତିଆରି। ତାହାକୁ ଆମେ ଖୋଇ ରୋଗାକ୍ରାନ୍ତ ହେଉଛୁ ବୋଲି ସେ କହିଛନ୍ତି।

ବାର୍‌ହା ଆକ୍ରମଣରେ ୩ ଗୁରୁତର

ନୂଆଗାଁ,୨୮।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡା ଗ୍ରାମରେ ଗୁରୁବାର ବାର୍‌ହା ପଶି ଆକ୍ରମଣ କରିବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଅପ୍‌ସରି ଖାଟୁଲ (୧୨), ଗୋଲାପ ନାୟକ (୫୦) ଓ ଅଫିଫା ବେଗମ୍ (୮)। ମିଳିଥିବା ସୂଚନା ଅନୁଯାୟୀ, ନୂଆଗାଁ ଥାନା ସୋରଡା ଗ୍ରାମର ଗୋଲାପ ନାୟକ ଗାଧୋଇବା ପାଇଁ ଗାଁକୁ ଲାଗି ରହି ଥିବା ପୋଖରୀକୁ ଯାଇଥିଲେ। ଏହି ସମୟରେ ଏକ ଜଙ୍ଗଲି ଦନ୍ତା ବାର୍‌ହା ପଶି ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଗୋଲାପଙ୍କ ପିଠିକୁ କାମୁଡି ଦେବାରେ ସେ ଗୁରୁତର ଆହତ ହୋଇ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ଲୋକମାନେ ଦୌଡି ଆସିବାରୁ ବାର୍‌ହା ତାଙ୍କୁ ଛାଡ଼ି ଦେଇ ସୋରଡା ମୁସଲିମ୍ ସାହି ଭିତରେ ପଶି ୧୨ ବର୍ଷର ନାବାଳିକା ଅପ୍‌ସରି ଖାଟୁଲ ଓ ୮ ବର୍ଷର ନାବାଳକ ଅଫିଫା ବେଗମକୁ ଆକ୍ରମଣ କରିଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଗ୍ରାମବାସୀ ମିଶି ବାର୍‌ହାକୁ ଘଉଡାଇବାରେ ବାର୍‌ହା ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ଅନ୍ୟପଟେ ଗୁରୁତରମାନଙ୍କୁ ଉଦ୍ଧାର କରି ଗ୍ରାମବାସୀ ଦଶପଲ୍ଲା ଚିକିତ୍ସାଳୟକୁ ନେଇଥିଲେ। ଖବର ପାଇ ମହିତମା ଫରେଷ୍ଟର ମୀନକେତନ ନାୟକ ଗୁରୁତରଙ୍କ ନିକଟରେ ପହଞ୍ଚି ଚିକିତ୍ସା ବାବଦରେ ପଚାରି ବୁଝିଥିଲେ। ଗୁରୁତରଙ୍କୁ ସରକାରୀ ସହାୟତା ମିଳିବା ପାଇଁ ବନ ବିଭାଗ ପକ୍ଷରୁ ଡାକ୍ତରଖାନା ରିପୋର୍ଟ ଦାଖଲ କରାଯିବ। ସେମାନଙ୍କୁ ସରକାରୀ ସହାୟତା ମିଳିବାରେ ସହଯୋଗ କରାଯିବ ବୋଲି ବନପାଳ ନାୟକ କହିଛନ୍ତି।

୨ ବାଲି ବୋଝେଇ ହାଇୱା ଜବତ

ଜବତ ହୋଇଥିବା ବାଲି ବୋଝେଇ ହାଇୱା ।

ଖଣ୍ଡପଡ଼ା,୨୮।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ତହସିଲ ଅଧୀନ ମହାନଦୀର ବିଭିନ୍ନ ଘାଟରୁ ବେଆଇନ ଭାବେ ହାଇୱା ଗାଡ଼ି ଯୋଗେ ଚୋରାରେ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବୁଧବାର ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଅଚାନକ ଚଢାଉ କରାଯାଇ ଚୋରାରେ ବାଲି ଚାଲାଣ ହେଉଥିବା ୨ଟି ବାଲି ବୋଝେଇ ହାଇୱାକୁ ଜବତ୍ କରାଯାଇଛି। ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଓଡ଼ଗାଁ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଫାଇନାଲରେ ଗଣ୍ଡରପୁର ଟିମ୍

ଓଡ଼ଗାଁ,୨୮।୧୨ (ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମିନିଷ୍ଟାଡିୟମଠାରେ ଚାଲିଥିବା ୫ମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଓଡ଼ଗାଁ କପ୍–୨୦୨୩ର ଗୁରୁବାର ଆୟୋଜିତ ପ୍ରଥମ ସେମିଫାନାଲ ମ୍ୟାଚ୍‌ରେ ବରଗଡ଼ର ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ୍‌କୁ ୨–୧ ଗୋଲରେ ପରାସ୍ତ କରି ଭୁବନେଶ୍ୱର ଗଣ୍ଡରପୁର ଟିମ୍ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ଥିଲା। ଅନ୍ତିମ ସମୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।ଖେଳର ପ୍ରଥମାର୍ଦ୍ଧର ୫ ମିନିଟରେ ବରଗଡ଼ ଦଳ ପକ୍ଷରୁ ୫ ନଂ. ଜର୍ସି ବିଶ୍ୱ ଭୋଇ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗୁଆ ରଖିଥିଲେ। ଏହାପରେ ଗଣ୍ଡରପୁର ଦଳ ପକ୍ଷରୁ ବାରମ୍ବାର ଆକ୍ରମଣ ଜାରି ରହିଥିଲା। ଦ୍ୱିତୀୟାର୍ଦ୍ଧର ୩୭ତମ ମିନିଟ୍‌ରେ ଗଣ୍ଡରପୁର ପକ୍ଷରୁ ୧୦ ନଂ. ଜର୍ସି ଆକାଶ ଓରାମ ଓ ୪୨ତମ ମିନିଟରେ ୭ ନଂ. ଜର୍ସି ଚନ୍ଦନ ନାୟକ କ୍ରମାଗତ ୨ଟି ଗୋଲ ଦେଇ ଦଳକୁ ଆଗୁଆ ରଖିଥିଲେ। ଗୋଲକୁ ଶୁଖାଇବା ନିମନ୍ତେ ବରଗଡ଼ ଦଳ ଉତ୍ତମ ଖେଳ ପ୍ରଦର୍ଶନ ଜାରି ରଖିଥିଲେ। ହେଲେ ଖେଳ ସରିବାର ୨ ମିନିଟ ପୂର୍ବରୁ ରେଫରୀଙ୍କ ନିଷ୍ପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରି ବରଗଡ଼ ଦଳ ପଡ଼ିଆ ଛାଡି ଚାଲି ଯାଇଥିଲେ। ଫଳରେ ଜୁରୀ କମିଟିଙ୍କ ନିଷ୍ପତ୍ତି ଅନୁଯାୟୀ ଗଣ୍ଡରପୁର ଦଳଙ୍କୁ ବିଜୟୀ ଘୋଷିତ କରାଯାଇଥିଲା।

ଆଜିର ଖେଳକୁ ଚୁନୁ ସିଂ ପରିଚାଳନା କରିଥିବାବେଳେ ରାଜୁ ମହାନ୍ତି,ଜଗନ୍ନାଥ ପରିଡ଼ା,ଶଶୀକାନ୍ତ ଦାସିଆ,ମନୋରଞ୍ଜନ ରାଉତ ଲାଇନରେ ସହାୟତା କରିଥିଲେ। ଯୁବ ସଙ୍ଗଠକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥିରୂପେ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ,ଆଦର୍ଶ ଥାନା ଏସ୍‌ଆଇ ଚକ୍ରଧର ସିଂ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ୭ ନଂ. ଜର୍ସି ଚନ୍ଦନ ନାୟକଙ୍କୁ ଜାତୀୟ କ୍ରୀଡାରେ ବ୍ରୋଞ୍ଜ ପଦକ ବିଜେତା ବର୍ଷାରାଣୀ ସାହୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ତଥା ଟୁର୍ନାମେଣ୍ଟ କମିଟି ସମ୍ପାଦକ ଲୋକନାଥ ସାହୁ,ପୂର୍ବତନ ସରପଞ୍ଚ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଶାନ୍ତ ପାତ୍ର,ନରେଶ ପାଣିଗ୍ରାହୀ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ୨ୟ ସେମିଫାଇନାଲ ଜଗା ୟୁନାଇଟେଡ଼ ଓ ୟଙ୍ଗ ଉତ୍କଳ ମଧ୍ୟରେ ଅନୁଷ୍ଠିତ ହେବ

କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିଲା ଜିଲା ସଙ୍ଗଠନ

ବ୍ରହ୍ମପୁର,୨୮।୧୨(ନରସିଂହ ସାହୁ)

କଂଗ୍ରେସର ୧୩୯ତମ ପ୍ରତିଷ୍ଠା ଦିବସ ଗଞ୍ଜାମ ଜିଲା କମିଟି ପକ୍ଷରୁ ଗୁରୁବାର ବ୍ରହ୍ମପୁର ବାପୁଜୀ ଆଶ୍ରମରେ ପାଳିତ ହୋଇଯାଇଛି। ପ୍ରଦେଶ କିଷାନ କଂଗ୍ରେସ ସଭାପତି ଅମୀୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ପତାକା ଉତ୍ତୋଳନ କରିଥିଲେ। ଭାରତର ସର୍ବପୁରାତନ ରାଜନୈତିକ ଦଳ କଂଗ୍ରେସର ଇତିହାସ ନେଇ ସେ ଆଲୋକପାତ କରିଥିଲେ। କିଷାନ କଂଗ୍ରେସ ରାଜ୍ୟ ଉପସଭାପତି ବୃନ୍ଦାବନ ଖଟେଇ ଅନ୍ୟତମ ଅତିଥି ଥିଲେ। ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଜିର ଦିନରେ କର୍ମୀମାନେ ସଂକଳ୍ପବଦ୍ଧ ହେବାକୁ ଖଟେଇ ଆହ୍ୱାନ ଦେଇଥିଲେ।

ପୂର୍ବାହ୍ନରେ ଗାନ୍ଧୀନଗର ଛକସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ପୁରୁଣା ବସଷ୍ଟାଣ୍ଡସ୍ଥ ଇନ୍ଦିରା ଗାନ୍ଧୀ ଓ ଟାଉନ ହଲ ଛକସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ନେତା ଓ କର୍ମୀ ମାଲ୍ୟାର୍ପଣ କରିଥିଲେ। ବାପୁଜୀ ଆଶ୍ରମରେ ଆୟୋଜିତ କର୍ମୀ ସମାବେଶରେ ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ନେଇ ନେତାମାନେ ବଖାଣିଥିଲେ। ମହାନଗର କଂଗ୍ରେସ ସଭାନେତ୍ରୀ ସୁବାସିନି ପଟ୍ଟନାୟକ, ଜିଲା କଂଗ୍ରେସ ସମ୍ପାଦକ ଦଣ୍ଡପାଣି ପାତ୍ର, ପିସିସି ସଭ୍ୟ ପଦ୍ମଚରଣ ସାହୁ, ବରିଷ୍ଠ ନେତା ରବିନ୍ଦ୍ର ଅଧିକାରୀ, ସାଇ ପ୍ରସାଦ ପାତ୍ର, ନାଗେଶ୍ୱର ରେଡ଼ି, ସେବାଦଳ ମୁଖ୍ୟ କିଶୋର କପୁର, ଦିଗପହଣ୍ଡି ଏନଏସି ନଗରପାଳ ପ୍ରଫୁଲ ପଣ୍ଡା, ଜିଲା କିଷାନ କଂଗ୍ରେସ ସଭାପତି ଶ୍ୟାମବାବୁ ଦୋରା କଂଗ୍ରେସର ନୀତି ଓ ରାଜନୈତିକ ଆଦର୍ଶ ନେଇ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭାଗିରଥୀ ବେହେରା, ଡବ୍ଲୁ ବାଳକ୍ରିଷ୍ଣା, ହରେକୃଷ୍ଣ ରଥ, ମୃତ୍ୟୁଞ୍ଜୟ ପ୍ରଧାନ, ବୁଲା ଜେନା, ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଭାସ୍କର ବାଙ୍ଗାରି, ନାରୀ ନେତ୍ରୀ ସୁଜ୍ଞାନୀ ପଟ୍ଟନାୟକଙ୍କ ସମେତ ଯୁବ ଓ ଛାତ୍ର କଂଗ୍ରେସ ଏବଂ ଛାମୁଆ ସଂଗଠନର ନେତା ଓ କର୍ମୀ ଉପସ୍ଥିତ ଥିଲେ। ମହାନଗରରେ ରହୁଥିବା ପିସିସି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ଜେନା ଓ ପିସିସି ମୁଖପାତ୍ର ପୀତବାସ ପଣ୍ଡା ଅନୁପସ୍ଥିତ ଥିଲେ। ଜିଲା ସଂଗଠନ ପକ୍ଷରୁ ଆଗୁଆ ସୂଚନା ଦିଆଯାଇନଥିବା ରାଜ୍ୟ ସାଧାରଣ ସମ୍ପାଦକ ଜେନା ଜେନା ଅଭିଯୋଗ କରିଥିଲେ।

ପିଇବାପାଣି ସମସ୍ୟାକୁ ନେଇ ବିଡିଓଙ୍କ ଦ୍ୱାରସ୍ଥ

ଖଜୁରିପଡ଼ା,୨୮।୧୨(ବିନ୍ଦୁର ବେହେରା)

ଗ୍ରୀଷ୍ମ ଋତୁ ନ ଆସୁଣୁ ପିଇବା ପାଣି ସମସ୍ୟା ଦେଖାଦେଇଛି। ଟୋପାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଖାଇବା, ପିଇବା, ଗାଧୋଇବା ପାଣି ସମସ୍ୟାକୁ ନେଇ ଗୁରୁବାର ଖଜୁରିପଡ଼ା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗୁଙ୍କୁ ସାକ୍ଷାତ କରି ଦୂତି ମେଣ୍ଡି ପଞ୍ଚାୟତର ବଦଲା ସାହି ଗ୍ରାମବାସୀ ଦୁଃଖ ବଖାଣିଛନ୍ତି। ସବୁ ସମସ୍ୟା ଶୁଣିବା ପରେ ଦୁଇ ଦିନ ମଧ୍ୟରେ ପିଇବା ପାଣି ସମସ୍ୟା ଦୂରୀକରଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ପାଇ ଗ୍ରାମବାସୀ ବିଡିଓଙ୍କୁ ଧନ୍ୟବାଦ ଅର୍ପଣ କରି ଘରକୁ ଫେରିଛନ୍ତି।

ଆମ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଅତିଥିଙ୍କ ସହ ପୁରସ୍କୃତ ପ୍ରତିଭା ।

ଛତ୍ରପୁର,୨୮।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ କ୍ରୀଡ଼ା ଓ ବିଭିନ୍ନ କଳା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅନସ୍ଲୋ ପଡିଆରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ, ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ସମେତ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ବେଳେ ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ପଞ୍ଚାୟତର ନାଉଳି ଚମ୍ପିୟାନ ହୋଇଥିଲେ। ଏଥିରେ କ୍ରିକେଟ,କବାଡି ଏବଂ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବରେ ନାଉଳି ଚମ୍ପିୟାନ ହୋଇ ପୁରସ୍କୃତ ହୋଇଥିଲା। କାର୍ଯ୍ୟକ୍ରମରେ ଏନ ଦୁର୍ଯ୍ୟଧନ ରେଡ୍ଡୀ,ବାପି ଦାସ,ମାଗୁଣି ବିଷୋୟୀ,ସୋମନାଥ ନାୟକ,ଦଣ୍ଡପାଣିଙ୍କ ସମେତ ପ୍ରମୁଖ ସହଯୋଗ କରିଥିଲେ।

ମର୍ଦ୍ଦରାଜ କଲ୍ୟାଣ ମଣ୍ଡପରେ ରାଜସ୍ୱ ମେଳା

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଖଲ୍ଲିକୋଟ,୨୮।୧୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପର

ସଂକ୍ଷେପରେ

କାରଖାନା କାର୍ଯ୍ୟକ୍ଷମ ନ ହେଲେ ରାସ୍ତାରୋକୋ

କଳିଙ୍ଗନଗର,୨୮।୧୨(ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ ୪ ବର୍ଷ ଧରି ବନ୍ଦ ରହିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେବେ ଆଗାମୀ ୧୦ ଦିନ ମଧ୍ୟରେ କାରଖାନା କାର୍ଯ୍ୟକ୍ଷମ ନ ହେଲେ ଆଗାମୀ ୩ ତାରିଖରେ କାରଖାନା ସମ୍ମୁଖରେ ମୁଖ୍ୟ ରାସ୍ତା ଅବରୋଧ କରିବାକୁ କାରଖାନାର କର୍ମଚାରୀ ଚରମବାଣୀ ଶୁଣାଇଛନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ମଜଦୁର ୟୁନିୟନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନିଜର ଲୌହ ଖଣି, ରେଳପଥ ସଂଯୋଗ ଓ ଉନ୍ନତ ଭିତ୍ତିଭୂମିରହିଥିବା ସତ୍ତ୍ୱେ କାରଖାନାରେ କେବଳ ପିଗ ଆଇରନ ଉତ୍ପାଦନ ମଧ୍ୟରେ ସୀମିତ ରହିଥିଲା। ମଝିରେମଝିରେ ଅଳ୍ପ କିଛି ସମୟ ପାଇଁ ଚାଲୁଥିବା ଏହି କାରଖାନା ୪ବର୍ଷ ତଳେ ହଠାତ ବନ୍ଦ ହୋଇଯାଇଥିଲା' କାରଖାନା କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ସିଧାସଳଖ ନିଯୁକ୍ତିରୁ ବରଖାସ୍ତ ନକରି 'ନୋ ୱାର୍କ ନୋ ପେ' ଲାଗୁ କରି ବିଜ୍ଞପ୍ତି ଜାରି କରିଥିଲେ। ଏହାପରେ ପରେ କାରଖାନା ଚଳାଇବାକୁ ରାଜ୍ୟ ସରକାରଙ୍କଠାରୁ ଆବଶ୍ୟକୀୟ 'କନସେଣ୍ଟ ଟୁ ଅପରେଟ' ମିଳି ନ ଥିଲା। କାରଖାନାର ୨ଶହ ପାଖାପାଖି କର୍ମଚାରୀଙ୍କୁ ସେମାନଙ୍କ ଦରମା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହେଉଛି। ଭିଟାମାଟି ହରାଇ ବିସ୍ଥାପନର ବୋଝ ବୋହି ନିଯୁକ୍ତି ପାଇଥିବା ଲୋକେ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ମଜଦୁର ୟୁନିୟନ ପକ୍ଷରୁ ରାସ୍ତା ଅବରୋଧ କରିବାକୁ ଶେଷ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି।

ପୋଲିସକୁ କାମୁଡ଼ି ଅଭିଯୁକ୍ତ ଫେରାର

କୁଜଙ୍ଗ,୨୮।୧୨ (ମନୋଜ ପ୍ରଧାନ) ଚୋରି ମାମଲାରେ ପୋଲିସ ଚଢ଼ାଉ କରିବା ବେଳେ ଅଭିଯୁକ୍ତ ପୋଲିସକୁ କାମୁଡି ଚମ୍ପଟ ମାରିଛନ୍ତି। ପାରାଦୀପ ଅଭୟଚନ୍ଦପୁର ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଥାନା ଗୋବିନ୍ଦପୁର ଗ୍ରାମର ତୋଫାନ ଦାସଙ୍କ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଥିଲା। ତୋଫାନ ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା (ନଂ. ୪୦୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଏହି ଥାନା ଅନ୍ତର୍ଗତ ନୂଆଗାଁର ସୁଜିତ ମହାନ୍ତି ଓରଫ ବାପିନାଙ୍କ ନାମରେ ଏକ ଚୋରି ଅଭିଯୋଗ ଥିଲା। ଏନେଇ ଥାନାରେ ମାମଲା (ନଂ.୧୫୨/୨୩) ରୁଜୁ ହୋଇଥିଲା। ଉଭୟ ଅଭିଯୋଗକୁ ଭିତ୍ତିକରି ବୁଧବାର ରାତିରେ ଏଏସ୍‌ଆଇ ପୁଷ୍ପଲତା ରାୟଙ୍କ ନେତୃତ୍ୱରେ ଏକ ଟିମ୍ ବାପିନାଙ୍କ ଘରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତ ହାବିଲଦାର ବାବୁଲା ଅଧିକାରୀ ଓ କନଷ୍ଟେବଲ ମନୋଜ ଦାସଙ୍କ ହାତକୁ କାମୁଡ଼ି ଫେରାର ହୋଇଯାଇଛନ୍ତି। ଅପରପକ୍ଷେ ତାଙ୍କ ପଡ଼ୋଶୀ କୃଷ୍ଣ ଚନ୍ଦ୍ର ସାହୁ ଓ ବାପିନାଙ୍କ ସ୍ତ୍ରୀ ସୁଜାତା ପୋଲିସକୁ ଆକ୍ରମଣ କରିଥିବାରୁ କୃଷ୍ଣ ଓ ସୁଜାତାଙ୍କୁ ପୋଲିସ ଗିରଫ କରିଛି। ବାପିନାଙ୍କୁ ଧରିବା ପାଇଁ ତଲାସି ଜାରି ରଖିଥିବା ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

ଶିଳାନ୍ୟାସର ୨ ମାସ ପରେ ବି କାମ ଆରମ୍ଭ ହେଲାନି

- ଟମକା-ମଙ୍ଗଳପୁର ରାସ୍ତା
- ଲୋକଙ୍କ ମନରେ ସନ୍ଦେହ ବଢୁଛି

କାଳିଆପାଣି,୨୮।୧୨(ଅସିତ ମହାନ୍ତ): ଟମକା-ମଙ୍ଗଳପୁର ରାସ୍ତା ଶିଳାନ୍ୟାସକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ଏଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ। ରାସ୍ତା ପାଇଁ ଆବଶ୍ୟକ ଜମି ଅଧିଗ୍ରହଣର ଆନୁଷଙ୍ଗିକ ରୋଡ୍ ଖୁଣ୍ଟି ଓ ଲେବୁଲ ମେଜର ମେଣ୍ଟ ଭଳି ପ୍ରାଥମିକ କାର୍ଯ୍ୟକୁ ବିଠିକାଦାର ଆରମ୍ଭ କରିନାହାନ୍ତି। ଫଳରେ ରାସ୍ତା ନିର୍ମାଣ ହେବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହି ରାସ୍ତାର ଶିଳାନ୍ୟାସ କରି ଖଣି ଅଞ୍ଚଳବାସୀଙ୍କ ବହୁ ଦିନର ଦାବିପୂରଣ ହେଲା ବୋଲି ସଭାରେ କହିଥିଲେ। ପାଣିକୋଇଲି ପୂର୍ତ୍ତ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ରହି ଏକ ବର୍ଷ ଭିତରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାନେଇ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇ ଖଣି ଅଞ୍ଚଳର ଦୁଃଖ ଦୂର ହୋଇଗଲା ବୋଲି କହିଥିଲେ।

ରାସ୍ତା ନିର୍ମାଣ ପାଇଁ ହୋଇଥିବା ଶିଳାନ୍ୟାସ (ଫାଇଲ ଫଟୋ)

ଏବେ ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣର ଅଗ୍ରଗତି ବିଷୟରେ ପଚାରିଲେ ଜନ ପ୍ରତିନିଧିଙ୍କ ପାଖରେ କୌଣସି ଖବର ନ ଥିବାର ଉତ୍ତର ମିଳୁଛି। ତେଣୁ ଶିଳାନ୍ୟାସ ଏକ ଲଲିପପ୍ ବୋଲି ବିରୋଧୀ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି। ରାସ୍ତା କାର୍ଯ୍ୟ କେବଳ ଶିଳାନ୍ୟାସରେ ସୀମିତ ରହିଛି। ଏ ସମ୍ପର୍କରେ ଶିଳାନ୍ୟାସ କରିଥିବା ଦୁର୍ଗା କନ୍‌ଷ୍ଟ୍ରକ୍‌ଶନ ପ୍ରତିନିଧିଙ୍କୁ ପଚାରିବାରୁ କାର୍ଯ୍ୟାଦେଶ ମିଳିନାହିଁ। ଯେବେ ମିଳିବ ସେବେ କାମ ଆରମ୍ଭ କରିବୁ ବୋଲି ଉତ୍ତର ମିଳିଥିଲା। ପୂର୍ତ୍ତ ବିଭାଗ ଅଧିକାରୀଙ୍କ ମତାମତ ନେବାରେ ଜଣାପଡ଼ିଥିଲା, ଉଚ୍ଚ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଦେଶ ଅନୁମୋଦନ ଅପେକ୍ଷାରେ ରହିଛି।

ସୂଚନା ଥାଉକି, ଯାଜପୁର ଜିଲାର କାଳିଆପାଣି ଖଣି ଅଞ୍ଚଳ କ୍ରୋମାଇଟ ଖଣିର ଗନ୍ତାଘର ଭାବେ ପରିଚିତ। ଦୈନିକ ଏହି ୪୫ କି.ମି. ରାସ୍ତା ଉପରେ ହଜାରହଜାର ଟ୍ରକ୍ କ୍ରୋମାଇଟ ପରିବହନ ନିମନ୍ତେ ଯାତାୟାତ କରିଥାନ୍ତି। ରାସ୍ତା ଅଣଓସାରିଆ ହୋଇଥିବାରୁ ଦୈନିକ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନି ହେଉଥିବା ନଜିର ରହିଛି। ରାସ୍ତାର ଗୁରୁତ୍ୱ ରହିଥିବାରୁ ସେ ସମୟର ଜିଲାପାଳ ସତ୍ୟ ମଲିକ ଜିଲା ଖଣିଜ ପାଣ୍ଠିରୁ ୨୦୧୬ରେ ପ୍ରଥମ ବୈଠକରେ ପ୍ରଥମ କାର୍ଯ୍ୟଭାବେ ଅର୍ଥ ଅନୁଦାନ ମଞ୍ଜୁର କରିଥିଲେ। ବିଳମ୍ବ ହେଲେ ମଧ୍ୟ ଗତ ଅକ୍ଟୋବର ୧୯ରେ ୪୫ କିମି ବଦଳରେ ଟମକାଠାରୁ ସାରୁଆବିଲ ପର୍ଯ୍ୟନ୍ତ ୧୯ କିମି ଓ ମଝିରେ ରହିଥିବା ଖଣି ଓ ବଜାର ଏରିଆକୁ ଛାଡ଼ି ମଙ୍ଗଳପୁରଠାରୁ ଆଉ ୬.୫୦୦ କିମି ମୋଟ୍ ୨୫.୫୦୦ କିମି ରାସ୍ତା ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଲୋକ ଆଶା ରଖିଥିଲେ ରାସ୍ତା ଯେତେ ଶୀଘ୍ର ସରିଯିବ ଯାତାୟାତ ସେତେ ସୁଗମ ହେବ। ହେଲେ ରାସ୍ତା ହେବା ନେଇ ଆଶଙ୍କା ଦେଖା ଦେଇଥିବାରୁ ଖଣି ଅଞ୍ଚଳରେ ୪ ଥାକିଆ ରାସ୍ତା ସ୍ୱପ୍ନହୋଇ ରହିବ ବୋଲି ଦୋକାନବଜାରରେ ଲୋକେ ଆଲୋଚନା କରୁଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପାଣିକୋଇଲି ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

୧୯ ବର୍ଷରୁ କମ୍ କ୍ରିକେଟ: କେଡିଏମ୍ ଟିମ୍ ଚାମ୍ପିୟନ

ବ୍ରହ୍ମବରଦା,୨୮।୧୨ (ଯଯାତି କେଶରୀ ବେହେରା): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ହାଜିରହିମିଆଁ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୧୯ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେଡିଏମ୍ ଟିମ୍ ଚାମ୍ପିୟନ ହୋଇ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ୍ ଇଲେଭେନଷ୍ଟାର ଟିମ୍ ଓ କେଡିଏମ୍ ମଧ୍ୟରେ ହୋଇଥିଲା। ଇଲେଭେନଷ୍ଟାର ଟସ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ବିଭୂତି ଭୂଷଣ ୨୬ ରନ କରିଥିଲେ। ବିପକ୍ଷ ଦଳର ସୌମ୍ୟରଞ୍ଜନ ୩ ଉଇକେଟ ନେଇଥିଲେ। କେଡିଏମ୍ ଦଳ ୧୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା।

ଦଳପକ୍ଷରୁ ସୋହେଲ ଖାନ ୫୬ ରନ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍‌ଅଫ୍‌ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୟୀ ଟିମକୁ ଅର୍ଥରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଯୁବନେତା ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ରାଉତ, ଜୁଲଫୁକାର ଅଲ୍ଲୀ ଖାନ ଓ ୟୁନୁସ ଖାନ ପ୍ରମୁଖ ଉପସ୍ଥିତଥିଲେ। ଖେଳକୁ ସ୍ୱପ୍ନଜିତ କର ଓ ଦୀପ୍ତିମହାନ୍ତି ପରିଚାଳନା କରିଥିଲେ। ଭାଷ୍ୟକାର ଓ ସ୍କୋରର ଭାବେ ବିରେଶ ମହାନ୍ତି, ଦୀନବନ୍ଧୁ ବେହେରା, ଗିରିଜା ଭୂଷଣ ମହାନ୍ତି ଓ ଦିନବନ୍ଧୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

କଂଗ୍ରେସର ପ୍ରତିଷ୍ଠା ଦିବସ

ଯାଜପୁରରୋଡ୍,୨୮।୧୨ (ପବିତ୍ର ରଞ୍ଜନ ମହାନ୍ତି): ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ ସ୍ଥାନୀୟ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ କାର୍ଯ୍ୟାଳୟଠାରେ କେକେସି. (କାମଗାର କାର୍ମିକ କଂଗ୍ରେସ)ର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ କଂଗ୍ରେସର ସଂଗ୍ରାମମୟ ଇତିହାସ ଉପରେ ଏକ କବିତା ପଠନ କରିଥିଲେ। ରାଜ୍ୟ ଉଠା ଜଳସେଚନ ନିଗମର ସାଧାରଣ ସମ୍ପାଦକ ନିରଞ୍ଜନ ପରିଡା, ବ୍ୟାସନଗର କେକେସି ଅଧ୍ୟକ୍ଷ ପଦ୍ମନାଭ ନାୟକ, କୋରେଇ ବ୍ଲକ୍ ସଭାପତି ମହେନ୍ଦ୍ର ମହାପାତ୍ର ଓ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ଲୋକମାନ ବେଗକପ, ସତ୍ୟାନନ୍ଦ କାଣ୍ଡି ଓ ବେଣୁଧର ରଣା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନେତାଠାରୁ କର୍ମୀ ପର୍ଯ୍ୟନ୍ତ ସମସ୍ତେ ଶପଥ ନେଇଥିଲେ। ରାଘବ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

ବାଲିଘାଟରେ ଖଣି ବିଭାଗର ଚଢ଼ାଉ, ୪ ଟ୍ରାକ୍ଟର ଜବତ

ଜବତ ହୋଇଥିବା ଟ୍ରାକ୍ଟର।

ଚଣ୍ଡିଖୋଲ,୨୮।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲା ଦର୍ପଣ ତହସିଲ ଅଞ୍ଚଳରେ ଚାଲିଛି ଲଘୁ ଖଣିଜ ଲୁଟ୍। ବୁଧବାର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ମାଣ୍ଡୁକା ପାହାଡ଼ରେ ବେଆଇନ ଖନନ ପାଇଁ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ୨୨୮ କୋଟି ଟଙ୍କାର ଜରିମାନା ଧାର୍ଯ୍ୟ କରିବା ପରେ ଗୁରୁବାର ଖଣି ବିଭାଗ ପକ୍ଷରୁ ଏହି ତହସିଲ ଅନ୍ତର୍ଗତ ବାଲିକୁଦା ଘାଟରେ ଚଢ଼ାଉ କରାଯାଇ ୪ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଜବତ ଟ୍ରାକ୍ଟରଗୁଡ଼ିକୁ ବାଲିଚନ୍ଦ୍ରପୁର ଥାନା ଜିମା ଦିଆଯାଇଛି।

ଯାଜପୁର ରୋଡ୍ ଖଣି ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଟ୍ରାକ୍ଟର ଡ୍ରାଇଭରମାନେ ଫେରାର ହୋଇ ଯାଇଥିଲେ। ଏନେଇ ଖଣି ବିଭାଗ ଉପନିର୍ଦ୍ଦେଶକ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ.୪୫୩/୨୩ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଦର୍ପଣ ତହସିଲଦାର ମାନସ ତ୍ରିପାଠୀ ଓ ବାଲିଚନ୍ଦ୍ରପୁର ପୋଲିସ ଟିମ୍ ସହଯୋଗ କରିଥିଲେ।

ସୂଚନା ଅନୁଯାୟୀ, ଦୀର୍ଘ ଦିନହେବ ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀର ବିଭିନ୍ନସ୍ଥାନରେ ବେଆଇନ ବାଲିଘାଟ ଚାଲୁଛି। ବିରୂପା ନଦୀର ନାନପୁର, କଳାଶ୍ରୀ, ଖଡ଼ଗପୁର, ଗେଙ୍ଗୁଟି ନଦୀର ବିଦ୍ୟାଧରପୁର, ବେଣାପୁର, ଖଡ଼ିଅଙ୍ଗ, ସାଉଡ଼ିଆ, ବାଲିକୁଦା ଓ କେଲୁଅ ନଦୀର ଜନକ, ନିଆଳି ଆଦି ସ୍ଥାନରେ ବେଆଇନ ବାଲିଘାଟ ଚାଲୁଛି। ମାସକ ତଳେ ବଢ଼ଚଣା ପୋଲିସ ବିଦ୍ୟାଧରପୁର ବାଲିଘାଟରେ ଚଢ଼ାଉ କରି ୪ ଟ୍ରାକ୍ଟର ଜବତ କରିବା ସହ ମାଲିକମାନଙ୍କ ନାମରେ ମାମଲା ରୁଜୁ କରିଥିଲା। ତେବେ ତହସିଲ ପ୍ରଶାସନ ଓ ପୋଲିସ ପକ୍ଷରୁ ଚଢ଼ାଉ ନ ହେବାରୁ ବେଆଇନ ବାଲିଘାଟ ପୁନର୍ବାର ଜୋରଦାର ଚାଲିଛି। ଯଦି ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ ହୁଅନ୍ତା ତେବେ ବେଆଇନ ବାଲିଘାଟ ବନ୍ଦ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗ

ପାଣିକୋଇଲି,୨୮।୧୨(ବିକାଶ କୁମାର ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନ୍ଦପୁର ପଞ୍ଚାୟତ ବ୍ରଜନଗର ଗ୍ରାମରେ ଜଣେ ୬୦ ବର୍ଷୀୟା ବୃଦ୍ଧା ଓ ତାଙ୍କ ବୋହୂମାନଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ରଜନଗର ଗ୍ରାମର ଶେଷଦେବ ଧଳଙ୍କ ସ୍ତ୍ରୀ ସସ୍ମିତାଙ୍କ ଅଭିଯୋଗ ମୁତାବକ ମୂଳାପାଳ ଗ୍ରାମର ଆନନ୍ଦ ପାଳ ଓ ତାଙ୍କ ଗ୍ରାମର ସୁବାସ ଧଳ ଏବଂ ଅନ୍ୟ କେତେଜେଣ ମିଶି ସଙ୍ଗବଦ୍ଧ ଭାବେ ତାଙ୍କ ଘରକୁ ଆସି ଗାଳିଗୁଲଜ କରିବା ସହ କବାଟ ବାଡେଇଥିଲେ। ସସ୍ମିତା କବାଟ ଖୋଲିବା ମାତ୍ରେ ସେମାନେ ମାରଣାସ୍ତ୍ର ସହ ତାଙ୍କ ଘରେ ପଶି ତାଙ୍କ ପୁଅମାନଙ୍କୁ ମାରିବାକୁ ଖୋଜିଥିଲେ। ପୁଅମାନଙ୍କୁ ନ ପାଇ ସେମାନେ କେଉଁଠାରେ ଅଛନ୍ତି ବୋଲି ସସ୍ମିତାଙ୍କୁ ମାଡ଼ମାରି ପଚାରିବା ସହ ନାନା ଧମକ ଦେଇଥିଲେ। ପାଟି ଶୁଣି ଘରର ବୋହୂମାନେ ଆସିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସସ୍ମିତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୩୮୮/୨୩ ରୁଜୁ କରିଛି।

ଅଗ୍ନି ବିପନ୍ନ ପରିବାରକୁ ସହାୟତା

ବିଧାୟକ ଅମର ପ୍ରସାଦ ଶତପଥୀ ଅଗ୍ନିବିପନ୍ନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ବଢ଼ଚଣା,୨୮।୧୨(ଦିଲୀପ କୁମାର ମହାନ୍ତି): ବୁଧବାର ରାତିରେ ବଢ଼ଚଣା ବ୍ଲକ ଦର୍ପଣ ତହସିଲ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଥିବା ସୁଶାନ୍ତ ଜେନାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଗୁରୁବାର ଅପରାହ୍ନରେ ବିଧାୟକ ଅମର ପ୍ରସାଦ ଶତପଥୀ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ଆର୍ଥିକ ସହାୟତା କରିବା ସହ ତୁରନ୍ତ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବାପାଇଁ ପ୍ରଶାସନ ସହ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ଯଯାତୀ କେଶରୀ ରାଉତ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି, ନିରଞ୍ଜନ ସେନାପତି ଓ ଜୟନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ମରାମତି ହେଲା ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକ

ରାଜପଥ କଡ଼ରେ ଥିବା ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକ ବ୍ୟବସ୍ଥାର ମରାମତି କରାଯାଇଛି।

ପାଣିକୋଇଲି,୨୮।୧୨(ବିକାଶ କୁମାର ମଲ୍ଲିକ): ପାଣିକୋଇଲି ବଜାରର ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଲାଗିଥିବା ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକ ବ୍ୟବସ୍ଥାର ମରାମତି କରାଯାଇଛି। ଦୀର୍ଘ ମାସ ହେବ ଏହା ଅଚଳ ହୋଇ ପଡ଼ିଥିଲା। ୨ ରାଜପଥର ସଂଯୋଗସ୍ଥଳ ପାଣିକୋଇଲି ବଜାରେ ଦିବାରାତ୍ରି ଯାତ୍ରୀଙ୍କ ଯାତାୟାତ ଲାଗିରହୁଥିବାରୁ ଏଠାରେ ଆଲୋକର ଆବଶ୍ୟକତା ରହିଛି। ଡିସେମ୍ବର ୬ରେ ପାଣିକୋଇଲିର ଯୁବ ସାମାଜିକ କର୍ମୀ ରାକେଶ ସାହୁ ଏହି ଆଲୋକର ତ୍ୱରିତ ମରାମତି ପାଇଁ ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧୀକରଣ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହା ମରାମତି ହେବାପରେ ବଜାରବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି।

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରସୁଲପୁର,୨୮।୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ବଡ଼କଇଞ୍ଚି ପଞ୍ଚାୟତ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଓ ନୂଆ ଓଡ଼ିଶା, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୭୦୦ ପ୍ରତିଯୋଗୀଙ୍

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡା ସହର ମହିପାଳସ୍ଥିତ ଟେଲିକମ ପଡ଼ଆରେ ଆସନ୍ତା ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଏକବିଂଶତମ ରାଜ୍ୟସ୍ତରୀୟ ପୁସ୍ତକ ମେଳା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ସହରର ମାଧପୁରସ୍ଥିତ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ବାସଭବନରେ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ସମ୍ପାଦକ ଜାହିଦ ଖାନ କହିଛନ୍ତି, ଏହି ବୈଦ୍ଧିକ ମହାକୁମ୍ଭରେ ଖ୍ୟାତାନାମା ପୁସ୍ତକ ପ୍ରକାଶନ ସଂସ୍ଥା ଯୋଗ ଦେବେ। ଏଥିସହ ପ୍ରତ୍ୟେକ ଦିନ ସୃଜନଶୀଳତା କାର୍ଯ୍ୟକ୍ରମ ରହିବ।

ପ୍ରଧାନ ପଟିକିରା-ଭଗବାନପୁର ରାସ୍ତାର ସଫେଇ ସେତୁର ଶିଳାନ୍ୟାସ

ପାଟକୁରା,୨୮।୧୨(ରବୀନ୍ଦ୍ର ନାଥ ବାରିକ): ଗରଦପୁର ବ୍ଲକ ପ୍ରଧାନ ପଟିକିରା ଓ ଭଗବାନପୁର ରାସ୍ତାର ସଫେଇ ଉପରେ ସେତୁ ପାଇଁ ଶିଳାନ୍ୟାସ ହୋଇଯାଇଛି। ପାଟକୁରା ବିଜେଡି ନେତା ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ସେତୁକୁ ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଏହି ସେତୁ ପାଇଁ କୋଟିଏ ଚାଳିଶ ଲକ୍ଷ ଟଙ୍କା ବିନିଯୋଗ ହେବ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ସମିତିସଭ୍ୟା କାଞ୍ଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

କ୍ରୀଡ଼ାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

- ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା
- ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ

ମହାକାଳପଡ଼ା, ୨୮।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତିବଦ୍ଧ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ପଡ଼ିଆଠାରେ କ୍ରିକେଟ, ଭଲିବଲ, ଖୋ ଖୋ, କବାଡି, ଫୁଟବଲ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡାରେ ଲୁଣି ମାଠିଆ ଆଦିବାସୀ ଖେଳାଳିମାନେ କବାଡି ଓ ଫୁଟବଲରେ ଚାମ୍ପିୟନ ହୋଇଛନ୍ତି। ସେହିପରି ଭଲିବଲ ଖୁରୁସିଆ ଖେଳାଳିମାନେ ଚାମ୍ପିୟନ, କ୍ରିକେଟରେ ରାଜଗଡ଼ ଖେଳାଳି ଚାମ୍ପିୟନ, ସେହିପରି ଖୋ ଖୋ ଖେଳରେ ବଉଳକଣି ଖେଳାଳିମାନେ ଚାମ୍ପିୟନ ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପ୍ରତ୍ୟେକ ଚାମ୍ପିୟନ ଟିମ୍‌କୁ ୨୦ ହଜାର ଓ ରନରଅପକୁ ୧୫ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଛି। ଗୁରୁବାର ଅପରାହ୍ନରେ ସ୍ଥାନୀୟ କିଆରବାଙ୍କ ଗ୍ରାମ ଖେଳପଡିଆଠାରେ ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତାରେ ଗାଁ ଗାଁରେ ବହୁ ପ୍ରତିଭାବାନ ଯୁବ ଖେଳାଳି ଅଂଶଗ୍ରହଣ କରିଥିଲେ।

ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ସ୍ଥାନୀୟ ସରପଞ୍ଚ ରତିକାନ୍ତ ପଣ୍ଡା, ବ୍ଲକ ଏସିଓ ଦୀପକ କୁମାର ପରିଡ଼ା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପାଳ, ସମବାୟବିତ୍ ସଞ୍ଜୟ କୁମାର ଜେନା, ସରପଞ୍ଚ ପ୍ରସନ୍ନ କୁମାର ବେହେରା, ସମିତିସଭ୍ୟ ସତ୍ୟବ୍ରତ ବେହେରା ପ୍ରମୁଖ ଯୋଗଦେଇ ବ୍ଲକସ୍ତରୀୟ କ୍ରୀଡ଼ା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାକୁ ଜୋନାଲ ବ୍ଲକ କ୍ରୀଡ଼ା ସମ୍ପାଦକ ବରିଷ୍ଠ ଶିକ୍ଷକ ବ୍ୟାସଦେବ ବେବର୍ତ୍ତା ପରିଚାଳନା କରିଥିଲେ। ଶେଷରେ ଉପସ୍ଥିତ ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତି ଚାମ୍ପିୟନ ଟିମ୍‌ର ବଛା ବଛା ଖେଳାଳି ଚୟନ କରାଯିବ। ସେମାନେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ଦାୟିତ୍ୱରେ ଥିବା ଉମାକାନ୍ତ ଜେନା କହିଛନ୍ତି।

ଅତିଥିମାନେ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

ଶିକ୍ଷା ସହ ଅନ୍ତର୍ନିହିତ ପ୍ରତିଭାର ବିକାଶ ଜରୁରୀ

ବିଧାୟକ ଧ୍ରୁବ ସାହୁ ଜଣେ କୃତୀ ଛାତୀଙ୍କୁ ପୁରସ୍କୃତ କରୁଛନ୍ତି।

ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରାଜନଗର,୨୮।୧୨ (ଭାସ୍କର ରାଉତରାୟ)

ଯୁବଶକ୍ତିକୁ ବିକଶିତ କରି ନିଜ ଗୋଷ୍ଠୀ, ରାଜ୍ୟ, ରାଷ୍ଟ୍ର ନିମନ୍ତେ ସାମର୍ଥ୍ୟକୁ ବିନିଯୋଗ କରିବାକୁ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡାର ଆୟୋଜନ ଜରୁରୀ। କେବଳ ଶ୍ରେଣୀ ପ୍ରକୋଷ୍ଠ ମଧ୍ୟରେ ଶିକ୍ଷାଦାନ ନୁହେଁ, ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରାଯିବା ଦରକାର। ଗୁରୁବାର ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଉପରୋକ୍ତ ମତ ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି, ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ ମୁଖ୍ୟବକ୍ତା ଓ ମିଶନ ଶକ୍ତିର ଷ୍ଟେଟ ପ୍ରୋଜେକ୍ଟ କୋ ଅର୍ଡିନେଟର ତଥା କବି ରୋଜାଲିନ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ମତ ରଖିଛନ୍ତି। ଅଧ୍ୟାପକ ରତ୍ନାକର ନାୟକ ଅତିଥି ପରିଚୟ, ଯୁକ୍ତ୍ୱୀ ନୋଡାଲ ଅଫିସର ପ୍ରଫେସର ପ୍ରଣୟ କୁମାର ବେହେରା ସ୍ୱାଗତ ଭାଷଣ ଓ ଯୁକ୍ତ ୨ ନୋଡାଲ ଅଫିସର ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସନ୍ଦିପ କୁମାର ମହାପାତ୍ର, ପ୍ରତାପ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୩୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବ ପରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ତାଙ୍କ ସାଥୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ମହାବିଦ୍ୟାଳୟର ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ।

ଛାତ୍ରୀମାନଙ୍କ ଆଦର୍ଶ, ପ୍ରତିବଦ୍ଧତା ଦରକାର

ଅତିଥିଙ୍କ ଗହଣରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୋରୁଆ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟ

ପାଟକୁରା, ୨୮।୧୨(ରବୀନ୍ଦ୍ର ନାଥ ବାରିକ)

ମହିଳାମାନଙ୍କ ଆଦର୍ଶ ଓ ପ୍ରତିବଦ୍ଧତାକୁ ପାଥେୟ କରି ଛାତ୍ରୀମାନେ ସ୍ୱାବଲମ୍ବୀ ହେଲେ ଦେଶ ଗଠନରେ ସହାୟକ ହୋଇପାରିବ ବୋଲି ବକ୍ତାମାନେ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗରଦପୁର ବ୍ଲକର କୋରୁଆ ଚିତ୍ରୋତ୍ପଳା ମହିଳା ମହାବିଦ୍ୟାଳୟରେ ଶେଷ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ ଦେବବ୍ରତଙ୍କ ସଭାପତିତ୍ୱରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀମାନେ ଅନୁପ୍ରାଣିତ ହେଲେ ଲୁକ୍କାୟିତ ପ୍ରତିଭା ଉଜ୍ଜୀବିତ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ପ୍ରକୁତି ବନ୍ଧୁ ଦ୍ୱାରିକାନାଥ ସେନାପତି, ଗରଦପୁର ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ବଳରାମ ଦାସ, ଶାନ୍ତନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅନାଦି ଚରଣ ସାହୁ, ଅଧ୍ୟାପିକା ତୁଳସୀ ନାୟକ ପରିଚାଳନା କରିଥିବା ବେଳେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଉପରୋକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

ବାଲି ଚୋରା ଚାଲାଣ: ୨ ଟ୍ରକ୍ ଜବତ, ଲକ୍ଷେ ଜରିମାନା

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୮।୧୨ (ଜଗନ୍ନାଥ ଧଳ/ କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତମଳାଶାସନ ଗ୍ରାମ ବ୍ରାହ୍ମଣୀ ନଦୀ ଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିଲା। ଏହି ସମୟରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ତହସିଲଦାର ମିଳିତ ଭାବେ ଚଢ଼ାଉ କରି ୨ ହାଇୱା ଜବତ କରିବା ସହ ଲକ୍ଷେ ଟଙ୍କା ଜରିମାନା ଅଦାୟ ହୋଇଛି ବୋଲି ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ କହିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘ ଦିନ ହେଲା ତମଳାଶାସନ ଗ୍ରାମ ପାଖ ଓ ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରେ ବାଲି ମାଫିଆମାନେ କୁଳଘାଇକୁ ହାଣିବା ସହ ବେଆଇନ ଭାବେ ବାଲି ଚୋରାଚାଲାଣ କରିବାରେ ଲାଗିଛନ୍ତି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରାଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ତହସିଲଦାର ଅଚାନକ ଚଢ଼ାଉ କରି ୨ଟି ହାଇୱାକୁ ଜବତ କରି ୫୦ ହାଜର ଲେଖାଏଁ ଫାଇନ କାଟି ଛାଡ଼ି ଦେଇଛନ୍ତି। ଏହି ଘାଟ ନିଲାମ ଦିଆଯାଇଛି କି ନାହିଁ ଅନୁଧ୍ୟାନ କଲା ପରେ ଜଣାପଡ଼ିବ ବୋଲି ତହସିଲଦାର ନାୟକ କହିଛନ୍ତି। ଅନ୍ୟପକ୍ଷରେ ଏହି ବାଲି ଚୋରା ଚାଲାଣ ପଛରେ ଜୈନିକ ରାଜନୈତିକ କର୍ମୀ ରହି କାରବାରର ପୁରେଧୋ ସାଜି ରାତାରାତି ବାଲି ଚୋରା କାରବାର ଚଳାଇ ଆସୁଛନ୍ତି। ଏହା ବିରୋଧରେ କିଏ ମୁହଁ ଖୋଲିଲେ ନାଲି ଆଖି ଦେଖାଇବାରେ ଲାଗିଥିବା ସାଧାରଣରେ ଅଭିଯୋଗ ହୋଇଛି। ଯାହାଦ୍ୱାରା ଭୟରେ ଲୋକେ ଚୁପ ରହିବାକୁ ବାଧ୍ୟ ହେଉଥିଲେ। ପ୍ରଶାସନ ଗୁରୁତ୍ୱ ଦେଇ ଜବତ ଗାଡ଼ି ଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ବାଲି ଚୋରା କାରବାରରେ ସମ୍ପୃକ୍ତ ରହିଥିବା ନେତାମାନଙ୍କ ଅସଲି ମୁଖା ଖୋଲିପାରିବ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ତହସିଲଦାର ଓ କର୍ମଚାରୀମାନେ ବାଲିଘାଟର ତଦାରଖ କରିବାକୁ ଯାଉଛନ୍ତି।

ବରିଷ୍ଠଙ୍କ ସମସ୍ୟାର ସମାଧାନ ସମାଜ, ରାଷ୍ଟ୍ରର ଦାୟିତ୍ୱ

ପଟ୍ଟାମୁଣ୍ଡାଇ,୨୮।୧୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମହନପୁର ପଞ୍ଚାୟତ କଣିପାଳ ଗାଁରେ ନବଦିଗନ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା ବ୍ଲକର ସାମାଜିକ କର୍ମୀମାନେ ଯୋଗଦେଇ ସଙ୍ଗଠନର ଆଭିମୁଖ୍ୟ ଓ ବରିଷ୍ଠ ନାଗରିକମାନଙ୍କ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମଗ୍ର ଦେଶରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ପ୍ରୟ ୧୮ କୋଟିରୁ ଊର୍ଦ୍ଧ୍ୱ ହେବ। ମାତ୍ର ଅଧିକାଂଶ ବରିଷ୍ଠମାନେ ବିଭିନ୍ନ ସାମାଜିକ ସମସ୍ୟା ଦେଇ ଗତି କରୁଛନ୍ତି। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କୈଳାସ ମହାନ୍ତି, ପାର୍ଥସାରଥି ନାୟକ ଯୋଗଦେଇଥିଲେ। ଗୟାଧର ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠମାନଙ୍କ ସମସ୍ୟାର ସମାଧାନ ଉଭୟ ସମାଜ ଓ ରାଷ୍ଟ୍ରର ଦାୟିତ୍ୱ ବୋଲି କହିଥିଲେ। ଦୋଳଗୋବିନ୍ଦ ସାହୁ ସଭା ପରିଚାଳନା କରିଥିବା ବେଳେ ଦାଶରଥି ସାହୁ ଧନ୍ୟବାଦ ଦେଇଥିଲେ।

ରକ୍ତଦାନ ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ

କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

ଡେରାବିଶ, ୨୮।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଗୁରୁବାର ରକ୍ତଦାନ ଶିବିର ହୋଇଯାଇଛି। ମହାବିଦ୍ୟାଳୟର ଉଭୟ ଜାତୀୟ ସେବା ଯୋଜନା ଓ ଯୁବ ରେଡ୍‌କ୍ରସର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମୀ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଏସ୍‌ସିବି ମେଡ଼ିକାଲ୍ କ୍ଲଡ ବ୍ୟାଙ୍କର ଡା. ଫରାଜ ଓ ଯୁବ ରେଡ୍‌କ୍ରସ୍ କଟକର ମୁଖ୍ୟ ଆବାହକ ଦୀପକ କୁମାର ଚୌଧୁରୀ ଓ ସେମାନଙ୍କ କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି, ଯୁବ ରେଡ୍‌କ୍ରସ୍‌ର କାଉନସେଲର ଅଧ୍ୟାପକ ପ୍ରଶାନ୍ତ ବେହେରା ପରିଚାଳନା କରିଥିଲା ବେଳେ ଅଧ୍ୟାପିକାଅଧ୍ୟାପକ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ଯୁବବର୍ଗ ହିଁ ନବୀନ ଓଡ଼ିଶାକୁ ସମୃଦ୍ଧ କରିପାରିବେ

ଛାତ୍ରୀମାନଙ୍କ ଗହଣରେ ଅତିଥିମାନେ।

କେନ୍ଦ୍ରାପଡ଼ା, ୨୮।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରମିଳା କୁମାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବବର୍ଗ ହିଁ ନବୀନ ଓଡ଼ିଶାକୁ ସମୃଦ୍ଧ କରିପାରିବେ ବୋଲି ଅତିଥିମାନେ ମତ ଦେଇଛନ୍ତି। ଏଥିରେ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଓ ପୌରାଧ୍ୟକ୍ଷା ସରିତା ସାହୁ, ପରିଚାଳନା କମିଟି ସଭାପତି ଡ. ଅମୀୟ କୁମାର ମହାନ୍ତି, ନୋଡାଲ ଅଫିସର ପ୍ରମୋଦ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ସମୃଦ୍ଧ ଓଡ଼ିଶା ପାଇଁ ଯୁବବର୍ଗଙ୍କ ମନରେ ଉତ୍ସାହ ଆସିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନା ଏବେ ଲାଗୁ କରାଯାଇଛି। ପ୍ରାଥମିକସ୍ତରରେ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ଆବଶ୍ୟକତାକୁ ଯୋଜନାରେ ଗୁରୁତ୍ୱ ଦିଆଯାଇଛି। କ୍ରିକେଟ, ଫୁଟବଲ, ହକି, କବାଡ଼ି, ଖୋ ଖୋ ଆଦି ଖେଳକୁ ଏଥିରେ ପ୍ରୋତ୍ସାହିତ କରାଯାଉଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେବା ପାଇଁ ଉତ୍ସାହିତ କରାଯାଉଛି। ଏଥିସହ ସାମାଜିକ ସମସ୍ୟା ଓ ଏହାର ସମାଧାନକୁ ପ୍ରତ୍ୟେକ୍ଷ ନିରୀକ୍ଷଣ କରି ପାରିଲେ ସ୍ଥାନୀୟ ଅଞ୍ଚଳଠାରୁ ରାଜ୍ୟ ସମୃଦ୍ଧ ହୋଇପାରିବ। ନାରୀଶକ୍ତି ଜାଗରଣ ଫଳରେ ନିଜର ଆର୍ଥିକ, ସାମାଜିକ ଓ ବୌଦ୍ଧିକ କ୍ଷେତ୍ରରେ ବିକାଶ ହେବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀମାନେ ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ, ଡ. ମମତା ସାହୁ ଓ ମହାବିଦ୍ୟଳୟର କର୍ମଚାରୀ ପ୍ରମୁଖ ପରିଚାଳନା କରିଥିଲେ।

ସ୍ୱାବଲମ୍ବୀ ହୋଇ ନିଜେ ନିଜର ମାଲିକ ହୁଅ

ମନ୍ତ୍ରୀ ପ୍ରତାପ ଦେବ ପିଲା

ପ୍ରାଣକୃଷ୍ଣଙ୍କୁ ୨ ବ୍ରୋଞ୍ଜ ପଦକ

ରାଜ୍ୟସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତା

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମଠାରେ ଚଳିତ ମାସ ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ରାଜ୍ୟ ପାରା ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ବ୍ଲକ ଜେମାଦେଇପୁରପାଟଣାର ପ୍ରାଣକୃଷ୍ଣ ବାଇ ଅଂଶଗ୍ରହଣ କରି ଜାଭଲିନ ଏବଂ ଶଟପୁଟ ଏଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରି ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ପୂର୍ବରୁ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିସାରିଛନ୍ତି। ଆଗାମୀ ଦିନରେ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିବା ନିମନ୍ତେ ଆଶା ରଖିଛନ୍ତି।

ବାଲ୍ୟବିବାହ ବନ୍ଦ ନାଁରେ ପ୍ରୋତ୍ସାହନ

- ଉଦ୍ଧାର ପରେ ନାବାଳିକାଙ୍କୁ ତରବରିଆ ଭାବେ ଛାଡ଼ି ଦିଆଯାଉଛି
- ସାମାଜିକ ତଦନ୍ତ ରିପୋର୍ଟ ନ ଥାଇ ଛଡା ଯାଉଥିବା ଉଠାଇଲା ସନ୍ଦେହ
- ଉଦ୍ଧାର ପରର ଫଲୋଅପ୍‌କୁ ଚାପ ଓ ଲାଞ୍ଚ ଅଟକାଉଥିବା ଅଭିଯୋଗ
- ସନ୍ଦେହ ଘେରରେ ସିଡବ୍ଲ୍ୟୁସିର ଭୂମିକା

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ବାଲ୍ୟ ବିବାହ ବଢ଼ି ଚାଲିଥିବାବେଳେ ଏ କ୍ଷେତ୍ରରେ ଚାଇଲ୍ଡ ୱେଲଫେୟାର କମିଟି(ସିଡବ୍ଲ୍ୟୁସି)ର ସ୍ୱଚ୍ଛତାକୁ ନେଇ ଉଠିଛି ପ୍ରଶ୍ନ। ବାଲ୍ୟ ବିବାହକୁ ବନ୍ଦ କରିବା ନାଁରେ ସିଡବ୍ଲ୍ୟୁସିର ଜଣେ ସଭ୍ୟ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ଉଠିଛି। ତେବେ ଦାୟିତ୍ୱରେ ଥିବା ସଭ୍ୟଙ୍କ କାର୍ଯ୍ୟକଳାପ ନେଇ ଜିଲା ସାରା ଚର୍ଚ୍ଚା ହେଉଥିବାବେଳେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଦିନକୁ ଦିନ ନାବାଳିକା ବିବାହ ବଢ଼ି ଚାଲିଛି ବୋଲି ମତ ପ୍ରକାଶ ପାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀଙ୍କ ସାମାଜିକ ତଦନ୍ତ ରିପୋର୍ଟ ନ ଥାଇ ସିଡବ୍ଲ୍ୟୁସି ଏକାଧିକ ନାବାଳିକାଙ୍କୁ ଛାଡି ଦେଇଥିବାରୁ ସନ୍ଦେହ ଘେରକୁ ଆସିଛି। ଯାହାର ନଜିର ବଡପଣ୍ଡୁସର ଘଟଣାକୁ ନିଆଯାଇ ପାରେ ବୋଲି କୁହାଯାଉଛି। ନାବାଳିକା ବିବାହକୁ ପଣ୍ଡ କରି ଉଦ୍ଧାର ନାବାଳିକାଙ୍କୁ ଛଡାଯିବା ପରେ ଫଲୋଅପ୍ ନ ଥିବାରୁ ଚାପ ଓ ଲାଞ୍ଚରେ ବଶବର୍ତ୍ତୀ ହୋଇ ପ୍ରସଙ୍ଗକୁ ଶୀତଳ ଭଣ୍ଡାରକୁ ଫୋପାଡ଼ି ଦିଆଯାଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ବ୍ଲକ୍ ବଡ଼ପଣ୍ଡୁସର ଗାଁ ଜଣେ ନାବାଳିକା ଭୁବନେଶ୍ୱରରେ ରୁହନ୍ତି। ତାଙ୍କର ବିବାହ ରବିବାର ନୟାଗଡ଼ର ପ୍ରତାପପ୍ରସାଦ ନିକଟସ୍ଥ ମନ୍ଦିରରେ ହେଉଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ବିବାହକୁ ବନ୍ଦ କରାଯାଇ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସିଡବ୍ଲ୍ୟୁସିରେ ହାଜର କରାଯାଇ ସିଡବ୍ଲ୍ୟୁସି ନିର୍ଦ୍ଦେଶ ଅନୁସାରେ ଶିଶୁ ଗୃହରେ ରଖାଯାଇଥିଲା। ତେବେ ସମ୍ପୃକ୍ତ ନାବାଳିକାଙ୍କୁ ରବିବାର ଉଦ୍ଧାର କରାଯାଇ ମଙ୍ଗଳବାର ଛାଡି ଦେବା ଘଟଣା ସନ୍ଦେହ ସୃଷ୍ଟି କରିଛି। ସାମାଜିକ ତଦନ୍ତ ରିପୋର୍ଟ ନ ଥାଇ ନାବାଳିକାଙ୍କୁ ଛଡାଯିବା ଘଟଣା ଅନେକ ପ୍ରଶ୍ନ ଉଠାଇଛି। ଯାହା ତଦନ୍ତ ସାପେକ୍ଷ। କେତେଜଣ ଲୋକଙ୍କ ଅଭିଯୋଗ ଅନୁସାରେ ଉଦ୍ଧାର ନାବାଳିକା ଅପରାଧୀ ନୁହନ୍ତି। ତେବେ ନାବାଳିକା ବିବାହର ସତ୍ୟାସତ୍ୟ ପ୍ରସଙ୍ଗ ଓ ନିରାକରଣ ନିମନ୍ତେ ଅତି କମରେ ନାବାଳିକାଙ୍କୁ ୭ଦିନ ଶିଶୁଗୃହରେ ରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ନାବାଳିକାଙ୍କୁ କାହିଁକି ବିବାହ କରାଯାଉଥିଲା, କିଏ ଏହି ବିବାହ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଝିଅଟି କ'ଣ କରିବାକୁ ଓ କେଉଁଠି ରହିବାକୁ ଚାହୁଁଛି। ପୁଣି ନାବାଳିକାଙ୍କୁ ବାପା ମା' ଅଥବା ସମ୍ପର୍କୀୟଙ୍କ ଜିମା ଦେବା ପରେ ସେ ଶାଶୁ ଘରେ ରହୁଛନ୍ତି ନାଁ ବାପ ଘର ଅଥବା ସମ୍ପର୍କୀୟ ଘରେ ରହୁଛନ୍ତି ତାର ସମୀକ୍ଷା, ଫଲୋଅପ୍ ହେଉନି। ଫଲୋଅପ୍ ନ ଥିବାରୁ ୯୮ ପ୍ରତିଶତ ନାବାଳିକା ଶାଶୁ ଘରେ ରହୁଛନ୍ତି। ପୋଲିସରେ ଅଭିଯୋଗ କଲେ ସୁଫଳ ମିଳୁନି। ସିଡିପିଓଙ୍କ ସହଯୋଗ ରହୁନି। ଏଭଳିସ୍ଥଳେ ନାବାଳିକା ବିବାହ ବନ୍ଦ କରାଇ ଲାଭ କ'ଣ ବୋଲି ପ୍ରକାଶ କରିଥିଲେ। ବଡପଣ୍ଡୁସର ନାବାଳିକା ବିବାହ ଘଟଣାରେ ରବିବାର ଉଦ୍ଧାର କରାଯାଇ ମଙ୍ଗଳବାର ଛାଡି ଦେବାକୁ ନେଇ ବାରମ୍ବାର ରାଜନୈତିକ ଚାପ ପଡିଥିଲା। ଏପରି କି ଜଣେ ସିଡବ୍ଲ୍ୟୁସି ସଦସ୍ୟ ଏଥିପାଇଁ ଲାଞ୍ଚ ନେଇଥିବା ଜଣାପଡିଛି। କିରିଆଲାଞ୍ଜି ନାବାଳିକାଙ୍କୁ ଛଡାଯିବା ଘଟଣାରେ ସମ୍ପୃକ୍ତ ସଦସ୍ୟ ସମ୍ପୃକ୍ତ ଥିଲେ। ଏଣୁ ସିଡବ୍ଲ୍ୟୁସି ପକ୍ଷରୁ ପ୍ରଥମେ ସ୍ୱଚ୍ଛତା ରହିବା ଦରକାର ବୋଲି କହିଛନ୍ତି। ଅନ୍ୟପକ୍ଷେ ନାବାଳିକା ବିବାହକୁ ବନ୍ଦ କରିବାକୁ ଆଇନଗତ ଦିଗକୁ ତର୍ଜମା କରାଯିବା ଦରକାର ବୋଲି କହିଛନ୍ତି। ଶିଶୁ ଗୃହର ସୁରକ୍ଷା ଅଧିକାରୀ ସତ୍ୟ ରଞ୍ଜନ ଦାସ କୁହନ୍ତି, ବଡପଣ୍ଡୁସର ନାବାଳିକା ବିବାହକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ବନ୍ଦ କରାଯାଇ ଉଦ୍ଧାର କରାଯାଇଥିଲା। ରବିବାର ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ମଙ୍ଗଳବାର ଛଡ଼ାଯାଇଥିବା ନେଇ ମୁଁ ଜାଣି ନ ଥିବା କହିଛନ୍ତି। ସିଡବ୍ଲ୍ୟୁସି ଅଧ୍ୟକ୍ଷ କିଶୋର ମହାପାତ୍ର କୁହନ୍ତି, ନାବାଳିକା ବିବାହକୁ ପଣ୍ଡ କରାଯାଇ ଉଦ୍ଧାର କରାଯାଇଥିବା ନାବାଳିକାଙ୍କୁ କେତେ ଦିନ ଶିଶୁ ଗୃହରେ ରଖାଯିବା ସେ ନେଇ ସେପରି କିଛି ନିୟମ ନାହିଁ। ତେବେ ବଡ଼ପଣ୍ଡୁସର ନାବାଳିକା କ୍ଷେତ୍ରରେ କୌଣସି ବେନିୟମ କରାଯାଇ ନାହିଁ ବୋଲି କହିଛନ୍ତି। ଲାଞ୍ଚ ଓ ଚାପରେ ସିଡବ୍ଲ୍ୟୁସିର କୌଣସି ସଦସ୍ୟ କାମ କରୁଥିବାର ଜଣାପଡିଲେ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି। ସିଡବ୍ଲ୍ୟୁସି କେବେହେଲେ ନାବାଳିକା ବିବାହକୁ ବଢ଼ାଇବାରେ ସହଯୋଗ କରିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ମହାନଦୀ କୂଳ ପଥର ଡମ୍ପିଂ କାର୍ଯ୍ୟ ଆରମ୍ଭ

କାମ ପାଇଁ ମାପଚୁପ କରାଯାଉଛି।

ଖଣ୍ଡପଡ଼ା,୨୮।୧୨ (ଅଜୟ କୁମାର ମହାରଣା)

ନୀଳମାଧବ ବିକାଶ ପ୍ରକଳ୍ପ ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ନୟାଗଡ଼ ଜଳ ସମ୍ପଦ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ବନ୍ୟା ସମୟରେ ପ୍ରବଳ ସ୍ରୋତ ଯୋଗୁ ମହାନଦୀ କୂଳ ଅତଡା ଖାଉଥିବାରୁ ମହାନଦୀର ଦକ୍ଷିଣ ପାର୍ଶ୍ୱ ମାଳବନ୍ଧକୁ ସୁଦୃଢ କରିବା ନିମନ୍ତେ ଲୁହା ତାର ଜାଲି ସହ ପଥର ପ୍ୟାକିଂ(ଡମ୍ପି) ବ୍ୟବସ୍ଥା କରାଯାଉଛି। ଏ ପରିପ୍ରେକ୍ଷୀରେ ଗୁରୁବାର ନୟାଗଡ଼ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରିତମ ଚେତନ ପୋଥାଳଙ୍କ ନେତୃତ୍ୱରେ ନୟାଗଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରାଣକୃଷ୍ଣ ବେହେରା ଓ କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାମ ମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ଗୁରୁବାର ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସମୟରେ ସ୍ୱାର୍ଥ ଟିମ୍‌ର ଦଶପଲ୍ଲା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୁମିତ କୁମାର ଜେନା ଓ ସହକାରୀ ଯନ୍ତ୍ରୀ ଇଂ. ସନାତନ ପ୍ରଧାନ ସର୍ଭେ ସମୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ନୀଳମାଧବ ମହାବିଦ୍ୟାଳୟ ସମ୍ମୁଖରେ ଥିବା ମହାନଦୀ ବୁରୁଜଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାବଚ୍ଛ ପର୍ଯ୍ୟନ୍ତ ନଦୀ ମଧ୍ୟରେ ପର୍ଯ୍ୟାୟ କ୍ରମେ ୧୩୭୦ ମିଟର ଡମ୍ପିଂ କାର୍ଯ୍ୟକୁ ଲାଗି ୭ ମିଟର ଓସାରରେ ୫୫୦ ମିଟର ଏବଂ ୧୨ ମିଟର ଓସାରରେ ୩୪୦ ମିଟର ବନ୍ଧ ନିର୍ମାଣ କରାଯିବା ପାଇଁ ନକ୍ସା ପ୍ରସ୍ତୁତି ହୋଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ବେହେରା ସୂଚନା ଦେଇଛନ୍ତି।

ସନ୍ତାନମାନଙ୍କ ଶୁଭମନାସି ମହିଳାମାନେ ପାଳିଲେ ଦାଣ୍ଡପହଁରା ଓଷା

ଦାଣ୍ଡପହଁରା ଓଷା ପାଇଁ ଭୋଗ ପ୍ରସ୍ତୁତ ହୋଇ ରହିଛି।

ଖଣ୍ଡପଡ଼ା,୨୮।୧୨(ସ୍ୱ.ପ୍ର)

ସନ୍ତାନମାନଙ୍କ ଶୁଭ କାମନା କରି ଗୁରୁବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ବଳରାମପ୍ରସାଦ, ବେଣାଗାଡ଼ିଆ, ବାଣପୁର, ସିଧାମୂଳା, ଧାନଚେଙ୍ଗଡ଼ା, ପଥରଚକଡ଼ା ଆଦି ଅଞ୍ଚଳରେ ପାରମ୍ପରିକ ଦାଣ୍ଡପହଁରା ବା ବାଟଓଷା ପାଳିତ ହୋଇଯାଇଛି। ମହିଳାମାନେ ସନ୍ଧ୍ୟାରେ ଅପମାରଙ୍ଗ ଗଛରେ ପହଁରା ପ୍ରସ୍ତୁତ କରି ଆୟୋଜିତ ଓଷା ସ୍ଥଳକୁ ଓଳାଇଥିଲେ। ପରେ ବାଲିରେ ମୂର୍ତ୍ତି ସ୍ଥାପନ କରି ନୈବେଦ୍ୟ ଦେଇ ପୂଜା କରିଥିଲେ। ଏହି ଓଷା ପାଳନ କରିବା ସମ୍ପର୍କରେ ପୁରାଣରୁ ଜଣାଯାଏ ଯେ, ପୂର୍ବେ ଜଣେ ସାଧବ ବୋହୂ କେତେଜଣ ପିଲାଙ୍କୁ ଛେନା ଗୁଡ ବାଣ୍ଟୁଥିବା ବେଳେ ଅନ୍ୟ ଜଣେ ପିଲା ଏହାକୁ ମାଗିଥିଲା। ସାଧବ ବୋହୂ ଉକ୍ତ ପିଲାକୁ ଛେନାଗୁଡ଼ ପରିବର୍ତ୍ତେ ପାଖରେ ପଡିଥିବା ଏକ ଭଙ୍ଗା ଖପରା ଦେଇ ଭଣ୍ଡାଇଥିଲେ। ଫଳରେ ସେହି ପିଲା ଅସନ୍ତୋଷ ପ୍ରକାଶ କରି ସାଧବ ବୋହୂଙ୍କୁ ଅଭିଶାପ ଦେଇଥିଲା। ଏଥିପାଇଁ ସାଧବ ବୋହୂଙ୍କର ପରବର୍ତ୍ତୀ ସମୟରେ ଥର ଥର କରି ୭ଟି ସନ୍ତାନ ଜନ୍ମ ହୋଇଥିଲେ ମଧ୍ୟ ସମସ୍ତେ ଅକାଳ ପ୍ରାଣ ହରାଇଥିଲେ। ମାତ୍ର ଜଣେ ସାଧୁଙ୍କ ପରାମର୍ଶ କ୍ରମେ ସାଧବ ବୋହୂ ଦାଣ୍ଡ ପହଁରା ଓଷା ପାଳନ କରିବା ପରେ ପିଲାମାନଙ୍କୁ ଫେରି ପାଇଥିଲେ ବୋଲି ଲୋକକଥା ରହିଛି। ଏହାକୁ ବିଶ୍ୱାସ କରି ଏବେ ବି ଓଡ଼ିଶାର ପୁରପଲ୍ଲୀର ମହିଳାମାନେ ପିଲାମାନଙ୍କ ମଙ୍ଗଳ ପାଇଁ ଦାଣ୍ଡପହଁରା ଓଷା ପାଳନ କରୁଛନ୍ତି। ଏହି ଦିନ ଗର୍ଭବତୀ ମହିଳାଙ୍କ ଇଚ୍ଛାନୁସାରେ ତାଙ୍କୁ ଖାଇବାକୁ ଦିଆ ଯାଇଥାଏ। ପରମ୍ପରା ଅନୁସାରେ ପିଲାମାନେ ଯାହା ଅଳି କରନ୍ତି କିମ୍ବା ମାଗନ୍ତି ତାହା ତାଙ୍କୁ ଦିଆଯାଏ।

ବଉଳସାହି କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଉଳସାହି ଉଚ୍ଚମାଧ୍ୟମିକ ସ୍କୁଲ ଓ ପିଣ୍ଡିକେଶ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ନୂଆ -ଓ', ଯୁବ ଓଡ଼ିଶା, ନବୀନ ଓଡିଶା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୋଉର ପଞ୍ଚାୟତ ସରପଞ୍ଚ ଦେବାଶିଷ ଦଳେଇ, ସମିତି ସଭ୍ୟା ଗୋଲାପ ଦଳବେହେରା, ଯୁକ୍ତ ୩ ଅଧ୍ୟକ୍ଷ ଚିତ୍ତରଞ୍ଜନ ଶତପଥୀ, ଯୁକ୍ତ ୩ ସଭାପତି ମୁରଲୀଧର ବରା, ବଉଳସାହି ଗ୍ରାମ୍ୟ କମିଟି ସଭାପତି ବୈକୁଣ୍ଠ ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁକ୍ତ ୨ ନୋଡାଲ ଅଫିସର ସରୋଜ କୁମାର ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁକ୍ତ ୩ ସାମାଜିକ କାର୍ଯ୍ୟକ୍ରମ ଅଫିସର ପ୍ରଭାସ କୁମାର ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁକ୍ତ ୨ ସାଂସ୍କୃତିକ ଅଫିସର ଭବାନୀ ଶଙ୍କର ମିଶ୍ର, କ୍ରୀଡ଼ା ଅଫିସର ରବୀନ୍ଦ୍ର ଦଳବେହେରା, ଯୁକ୍ତ ୩ ନୋଡାଲ ଅଫିସର ଭାସ୍କର ଚନ୍ଦ୍ର ସାମନ୍ତରାୟ, ସାଂସ୍କୃତିକ ଅଫିସର ନିଗମା ନନ୍ଦ ସ୍ୱାଇଁ, +୩ କ୍ରୀଡା ଅଫିସର କିଶୋର ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ୮ଶହରୁ ଅଧିକ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କ ସହିତ ଅନ୍ୟମାନେ ଯୋଗଦେଇଥିଲେ। ଉଭୟ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଯୁକ୍ତ ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ଗୋଦାବରୀଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ବୁଲେଟ୍-ବାଇକ୍ ଧକ୍କା, ଜଣେ ମୃତ

ଖଣ୍ଡପଡ଼ା,୨୮।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା-ଭାପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବାହାଡ଼ା ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ପୂର୍ବାହ୍ନରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ଆରଡା ଗ୍ରାମର ଅଶୋକ କୁମାର ପାଲ(୪୫)। ଆହତ ଯୁବକ ଜଣକ ବାହାଡା ଗ୍ରାମର ବାଦଲ ପ୍ରଧାନ(୨୪)। ମୃତ ଅଶୋକ ଗତ ୨୦ ବର୍ଷ ହେବ ଖଣ୍ଡପଡ଼ା ଟିପିସିଓଡିଏଲ ସେକ୍ସନରେ କାର୍ଯ୍ୟରତ ଥିଲେ। ବର୍ଷକ ପୂର୍ବରୁ ତାଙ୍କର ଭାପୁର ସେକ୍ସନକୁ ବଦଳି ହୋଇଥିଲା। ସେ ଖଣ୍ଡପଡାରେ ଘର ଭଡା ନେଇ ପ୍ରଥମରୁ ରହି ଆସୁଥିଲେ। ଗୁରୁବାର ସକାଳୁ ବାହାଡାସ୍ଥିତ ପେଟ୍ରୋଲପମ୍ପରୁ ସେ ନିଜ ବାଇକ୍‌ରେ ତେଲ ପକାଇ ଭାପୁରକୁ ଯିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବୁଲେଟ୍ ସହିତ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା। ଅଶୋକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ବୁଲେଟ୍ ଚାଳକ ବାଦଲ ମଧ୍ୟ ଗୁରୁତର ଆହାତ ହୋଇଥିଲେ। ଗୁରୁତର ଥିବାରୁ ବାଦଲଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଫତେଗଡ଼ ପୋଲିସ ତଦନ୍ତ ଜାରି ରଖିଛି।

୨ ବର୍ଷ ପରେ ଉଦ୍‌ଘାଟନ ହେବ ମିଶନ ଶକ୍ତି ଗୃହ

ପିଇଓ କ୍ୱାର୍ଟର୍ସ ଦେଖାଇ ଲୁଟ ହୋଇଥିଲା ୪ ଲକ୍ଷ

ଭାପୁର,୨୭।୧୨(ଭରତ କୁମାର ବେହେରା)

ଭାପୁର ବ୍ଲକ ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରାୟ ୪ ଲକ୍ଷ ବ୍ୟୟ ଅଟକଳରେ ଫତେଗଡ ମିଶନ ଶକ୍ତି ଗୃହ ଉଦ୍‌ଘାଟନ ହେବ। ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ବିଡ଼ିଓ ରଞ୍ଜିତ କୁମାର ମଲିକଙ୍କୁ ଉଦଘାଟନ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ମିଶନ ଶକ୍ତିସଦସ୍ୟଙ୍କୁ ସାମିଲ କରିବା ନିମନ୍ତେ ଚିଠି ଲେଖିଛନ୍ତି। ଗତ ୨ ବର୍ଷ ତଳେ ଉକ୍ତ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନାଁରେ ଅର୍ଥ ହରିଲୁଟ ଯୋଗୁ ମ' ଭଗବତୀ, ସାଇଦୁର୍ଗା ଏବଂ ମା'କାଳିକା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପ୍ରତିବାଦ କରିବା ସହ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ କେସ ରୁଜୁ କରିଥିଲେ। ଏହି ଘଟଣାରେ ନୟାଗଡ଼ ଜିଲା ପ୍ରଶାସନ ଦ୍ୱାରା ଉକ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ହଡପ ଅର୍ଥକୁ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଆଦାୟ ହୋଇଥିଲା। ଏବେ ଫତେଗଡ଼ ପଞ୍ଚାୟତ ପରିସରରେ ଏହି ଘର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିମନ୍ତେ ଏହା ଉଦ୍‌ଘାଟନ ହେବ। ଆସନ୍ତା ୨୯ ତାରିଖରେ ମାମଲା କରିଥିବା ୩ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଭାପୁର ମହିଳା ଅବଳା କି ଦୁର୍ବଳା ନୁହନ୍ତି ବୋଲି ସେ କହିଛନ୍ତି। ପିଠା ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୃହ ନିମନ୍ତେ ଅର୍ଥରାଶି ମଞ୍ଜୁର କରିଥିଲେ। ମାତ୍ର ପଞ୍ଚାୟତର ପିଇଓ କ୍ୱାର୍ଟର୍ସକୁ ମିଶନ ଶକ୍ତି ଘର ଦର୍ଶାଇ ତତ୍କାଳୀନ ବିଡ଼ିଓ ସତ୍ୟସୁନ୍ଦର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୃନ୍ଦାବନ ବରିହା ଏବଂ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀ ୪ ଲକ୍ଷ ଅର୍ଥ ହଡପ କରିଥିବା ଜଣାପଡିଥିଲା। ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଅର୍ଥ ରାଶି ଆଦାୟ କରିଥିଲା ପ୍ରଶାସନ। ସେମାନଙ୍କ ବିରୋଧରେ ଫତେଗଡ଼ ଥାନାରେ ବିଡ଼ିଓ ଲିଖିତ ଅଭିଯୋଗ ପରେ ମାମଲା(ନଂ. ୧୨୩/୨୩) ରୁଜୁ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନେଇ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷ

ନୟାଗଡ଼ ମହୋତ୍ସବ ଉଦ୍‌ଯାପିତ

୧ କୋଟି ୭୫ ଲକ୍ଷ ଟଙ୍କାର ବ୍ୟବସାୟ

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଷ୍ଟାଡିୟମରେ ୫ ଦିନ ଧରି ଚାଲୁଥିବା ନୟାଗଡ଼ ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲିଶ୍ରୀ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧ କୋଟି ୭୫ ଲକ୍ଷ ୪୩ ହଜାର ୮୫ ହଜାର ଟଙ୍କା ବ୍ୟବସାୟ ହୋଇଛି। ଶ୍ରେଷ୍ଠ ଷ୍ଟଲ ଭାବେ ନୟାଗଡ଼ ଉଦ୍ୟାନ ବିଭାଗର ଷ୍ଟଲ ଓ ବଲାଙ୍ଗୀର ଜିଲା ବେଲପଡାର ମା'ଚଞ୍ଚଳା ସ୍ୱୟଂ ସହାୟିକା ଗୋଷ୍ଠୀ ସବୁଠାରୁ ଅଧିକ ୪ଲକ୍ଷ ୩୮ ହଜାର ଟଙ୍କାର ବ୍ୟବସାୟ କରି ସମ୍ବର୍ଦ୍ଧିତ ହୋଇଛନ୍ତି।

ଉଦ୍‌ଯାପନୀ ସନ୍ଧ୍ୟାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚାରୁ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ କବି ଗୋପୀନାଥ ସେଠୀ ଏବଂ ସ୍ମିତା ସ୍ୱାଇଁ ସଂଯୋଜନା କରିଥିଲେ। ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାପତି ମୌସୁମୀ ସାହୁ, ଓଡ଼ଗାଁ ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ଜିଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ସାହୁ, ବିଜୟ ପଟ୍ଟନାୟକ, ରଜନୀରାଣୀ ଲକ୍ଷ୍ମୀପ୍ରିୟା ତରେଇ, ଜ୍ୟୋତ୍ସ୍ନାମୟୀ ପ୍ରମୁଖ ଯୋଗ ଦେଇଥିଲେ।

ପାଲା ଓ ଦାଶକାଠିଆରୁ ଆରମ୍ଭ ହୋଇଥିବା ଆଜି ସନ୍ଧ୍ୟାର କାର୍ଯ୍ୟକ୍ରମ। ନୂଆଗାଁ ବ୍ଲକ କୋରଡ଼ାର ପ୍ରଶାନ୍ତ କୁମାର ସାହୁ ଓ ନୟାଗଡ଼ର ବନଜା ବେହେରାଙ୍କ ପାଲା, ବିଶ୍ୱନାଥ ପ୍ରଧାନଙ୍କ ଦାଶକାଠିଆରୁ ଆରମ୍ଭ ହୋଇଥିଲା ମହୋତ୍ସବର ସାଂସ୍କୃତିକସନ୍ଧ୍ୟା। ପରେ ନୟାଗଡ଼ ରକ୍ଷ୍ଟାର ଅନୁଷ୍ଠାନ ପକ୍ଷରୁ ନୟାଗଡ଼ ବନ୍ଦନା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସିନେତାରକା ପୁନମ ମିଶ୍ରଙ୍କ ନୃତ୍ୟ ବେଶ ଚିତ୍ତାକର୍ଷକ ଥିଲା। ମେଲୋଡ଼ିରେ ଭୁବନେଶ୍ୱରର ଦୀପ୍ତିରେଖା ଓ ସାଥୀଙ୍କ ନୃତ୍ୟ ଦର୍ଶକକଙ୍କୁ ବହୁ ସମୟ ଧରି ମଞ୍ଚ ପାଖରେ ଅଟକାଇ ରଖିଥିଲା। ପୁନମ୍ ଓ ଦୀପ୍ତିରେଖାଙ୍କ ନାଚରେ ତାଳ ମିଳାଇ ଦର୍ଶକମାନେ ନାଚିଥିଲେ।

ପୁନମ ସହ ଦୀପ୍ତିରେଖା ନୃତ୍ୟ କରୁଛନ୍ତି।

ମେସେଜକୁ ନେଇ ମାରପିଟ

ମହିଳାଙ୍କ ମୋବାଇଲରେ ମେସେଜକୁ ନେଇ ଜିଲା ମହୋତ୍ସବର ମଞ୍ଚ ପାଖରେ ମାରପିଟ ହେବା ପରେ କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଥିପାଇଁ ଅଳ୍ପ ସମୟ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଉଭୟଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସାହିତ୍ୟ ସଭା ପରେ ପୁସ୍ତକମେଳା ଉଦ୍‌ଯାପିତ

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପ୍ରଶାସନର ପୃଷ୍ଠ ପୋଷକତା ଓ ନୟାଗଡ଼ ଜିଲା ଲେଖକ ପରିଷଦ ଏବଂ ପୁସ୍ତକ ମେଳା କମିଟିର ସହଭାଗିତାରେ ଜିଲା ମହୋତ୍ସବ ମଞ୍ଚରେ ସାହିତ୍ୟ ସଭା ପରେ ପୁସ୍ତକମେଳା ଉଦ୍‌ଯାପିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ସାହିତ୍ୟ ସଭାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧାପକ ଗୌରାଙ୍ଗ ଚରଣ ଦାଶ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବୁଲ ଖାଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସାହିତ୍ୟ ସଭାରେ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ଜୟଶ୍ରୀ ଦେବୀ ଓ କବନ୍ଧୁତୀ କାଦମ୍ବିନୀ ମହାପାତ୍ର କବିତା ସଂଯୋଜନା କରିଥିଲେ। ଶେଷରେ ପୁସ୍ତକ ମେଳା କମିଟିର ସମ୍ପାଦକ ତଥା ବାଗୁଆବାର୍ତ୍ତା ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସଭାରେ ଶତାଧିକ କବିୟତ୍ରୀ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ବହି ଷ୍ଟଲ ପକାଇଥିବା ପ୍ରକାଶକମାନଙ୍କୁ ବିଧାୟକ ସମ୍ମାନିତ କରିଥିଲେ। ଜିଲା ଲେଖକ ପରିଷଦ ତରଫରୁ ନୟାଗଡ଼ ଜିଲା ପୁସ୍ତକ ମେଳା କମିଟିର ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା।

ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା

ନୂଆଗାଁ,୨୮।୧୨(ଧନେଶ୍ୱର ସାହୁ)

ଗୋ-ପାଳନ କରି ଲୋକମାନେ ସ୍ୱାବଲମ୍ବୀ ହୁଅନ୍ତୁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଶିଖରଗୋଛା ଗ୍ରାମଠାରେ ଗୁରୁବାର ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇ ଯାଇଛି। ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ, ନୟାଗଡ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସୌଜନ୍ୟତାରେ ଅନୁଷ୍ଠିତ ଏହି ମେଳାରେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇ ମେଳାର ଆଭିମୁଖ୍ୟ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଗୋ-ପାଳନ କରିବା ପଛରେ ଅନେକ ଧାର୍ମିକ ମତ ରହିଛି। ସେହିପରି ଲୋକମାନେ ଗୋ-ପାଳନ କରି ପରିବାର ଲୋକଙ୍କୁ ରୋଜଗାରକ୍ଷମ କରାଇବା ସହ ନିଜେ ସ୍ୱାବଲମ୍ବୀ ହୁଅନ୍ତୁ। ଏହି ବାର୍ତ୍ତା ସଫଳ ଗୋ-ପାଳକଙ୍କ ଜରିଆରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ହେଉଛି ମେଳାର ମୂଖ୍ୟ ଉଦ୍ଦେଶ୍ୟ। ତେଣୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଗୋ-ପାଳକମାନେ ନିଜେ ପାଳନ କରିଥିବା ଶତାଧିକ ଗୋରୁଗାଈଙ୍କୁ ଆଣି ଏହି ମେଳାରେ ପ୍ରଦର୍ଶିତ କରିଥିଲେ। ମେଳାର ନୋଡାଲ ଅଫିସର ତଥା ଓଡ଼ଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପ୍ରତାପ ପ୍ରଧାନ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ମିଳୁଥିବା ସରକାରଙ୍କ ଯୋଜନା ଓ ରିହାତି ବାବଦରେ ଲୋକମାନଙ୍କୁ ବୁଝାଇଥିଲେ। ଏପରି କି ୫ ଶହ କୁକୁଡ଼ା , ୧୦ଛେଳି ରଖି ମଧ୍ୟ ସରକାରୀ ସହାୟତା ପାଇବା ଭଳି ଯୋଜନା ସରକାର କରିଥିବା କହିଥିଲେ। ଏହି ଅବସରରେ ମୁଦୁରାଙ୍ଗ ଗ୍ରାମର ଇଶାକ୍ ଖାଁ , କୋରଡା ଗ୍ରାମର ସୁକାନ୍ତ ବେହେରା, ଅରୁଣ ଗୋଛାୟତ , ମହିତମା ଗ୍ରାମର ଶରତ ଡାକୁଆଙ୍କୁ ସଫଳ ଗୋ-ପାଳକ ଏବଂ ରେଣୁବାଳା ବେହେରା ଓ ପ୍ରଫୁଲ ବେହେରାଙ୍କୁ ଉନ୍ନତମାନର ଛତା ପାଳନ କରିଥିବା ନେଇ ପୁରସ୍କୃତ କରାଯାଇଥିଲା। ଗୋ-ପାଳକମାନେ ପ୍ରତିଦିନ ଆଦାୟ ହେଉଥିବା କ୍ଷୀରକୁ କି ଭଳି ସୁବିଧାରେ ବିକ୍ରୀ କରି ପାରିବେ ସେଥିପାଇଁ ପୁରୀଠାରେ ଥିବା ମିଲ୍କ ୟୁନିୟନ ସହ ଆଲୋଚନା କରାଯାଉଥିବା ନେଇ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ମିଶ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା , ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ , ଉଦୟପୁର ସରପଞ୍ଚ ମମତା ବେହେରା , ସମିତି ସଭ୍ୟା ପିଙ୍କି ମହାପାତ୍ର , ଉଦୟପୁର ଗ୍ରାମ ସଭାପତି ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବ୍ଲକସ୍ତରୀୟ ମେଳାରେ ଆଶାନୁରୂପ ଭାବେ ଗୋ-ପାଳକ , ଚାଷୀ ଆଦି ଯୋଗ ନ ଦେବା ଗୋ-ପାଳନ , କୁକୁଡା ପାଳନ , ଛେଳି ପାଳନ ପ୍ରତି ଲୋକଙ୍କ ଆଗ୍ରହ ନ ଥିବା ବାରି ହୋଇ ପଡୁଥିଲା। ଏହି କାର୍ଯ୍ୟକ୍ରମକୁ ନୂଆଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର ପରିଚାଳନା କରୁଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ଜଣେ ସଫଳ ଗୋ-ପାଳକଙ୍କୁ ପୁରସ୍କୃତ କରାଯାଉଛି।

ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଜିଲାପାଳ ରବୀନ୍ଦ୍ର ନାଥ ସାହୁ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଚିତ୍ରକଳା।

ନୟାଗଡ଼,୨୮।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସହରର ପୁରୁଣା ଜେଲ ଜମିରେ ଥିବା ଦୁର୍ଗା ମଣ୍ଡପ ନିକଟରେ ଗୁରୁବାର ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ୩ ଦିନ ଧରି ଏହି ପ୍ରଦର୍ଶନୀ ଚାଲିବ। ପ୍ରତ୍ୟେହ ଦିନ ୧୧ରୁ ଅପରାହ୍ନ ୫.୩୦ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଲଳିତ କଳା ଏକାଡେମୀ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା ନୟାଗଡ଼ ଜିଲା ପ୍ରଶାସନ ସହଯୋଗରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ରାଜ୍ୟରେ ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହୀତ ବହୁ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ଚିତ୍ରକଳାକୁ ଏହି ପ୍ରଦର୍ଶନୀରେ ସ୍ଥାନିତ କରାଯାଇଛି। ଲଳିତ କଳାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ତଥା ଶିଳ୍ପୀମାନଙ୍କ କଳାକୃତି ଯେପରି ରାଜ୍ୟର ଜନସାଧାରଣ, ଅନ୍ୟ ଶିଳ୍ପୀ ତଥା ଛାତ୍ରୀଛାତ୍ରମାନେ ଦେଖିବାର ସୁଯୋଗ ପାଇ ପାରିବେ ସେଥିପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷେ ସବୁ ଜିଲାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର କିପରି ଅଧିକ ହୋଇପାରିବ ସେଥିପାଇଁ ଏକାଡେମୀ ତରଫରୁ ଅନୁରୂପ ଭାବେ ପ୍ରୟାସ କରାଯାଉଛି। ଉକ୍ତ ପ୍ରଦର୍ଶନୀରେ ୨୦୧୫ ନବକଳେବର ସମୟରେ ଜୟଶ୍ରୀ ଜେନା ଓ ଲକ୍ଷ୍ମଣ କୁମାର ନାୟକଙ୍କ ମହାତ୍ମା ଗାନ୍ଧୀ କେତେଜଣ ଲୋକଙ୍କ ସହ ଯିବାର ଚିତ୍ରକଳା ଦର୍ଶକଙ୍କ ମନ ମୋହିଛି। ସେହିପରି ଚିତ୍ର ଶିଳ୍ପୀ ରୁକୁନି ବଲ୍ଲଭ ପ୍ରଧାନ, ଗଦାଧର ସାମଲ,ଅନିମା ଚୌଧୁରୀ, ପ୍ରଶାନ୍ତ କୁମାର ବାରିକ, ଗୋପାଳ କାନୁନଗୋ, ଗୋକୁଳନନ୍ଦ ଦାସ, ଲିପ୍ସଶ୍ରୀ ନାୟକ, ବିଜୟ କୁମାର ନାୟକ ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ ୪୦ ଟି ଚିତ୍ରକଳା ସ୍ଥାନ ପାଇଛି। ଏକାଡେମୀର ସଚିବ ପଞ୍ଚାନନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଅମୟ

@ ବାବୁରାମ

@ ମାନସ

@ ମନୋରଞ୍ଜନ

@ ଶୈଳେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ରଣପୁର,୨୮।୧୨(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବକ୍ରକୋର୍ଟ ଠାରେ ଥିବା ମା'ଅସୁରୁକୁମାର ପୀଠରେ ବାଉଁଶଗଡ଼ ଉ:ପ୍ରା ବିଦ୍ୟାଳୟର ୧୯୯୮ ମସିହା ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ର ଦୀର୍ଘ ୨୭ ବର୍ଷ ପରେ ଏକାଠି ହୋଇଥିଲେ। ପରିବାର ସଦସ୍ୟଙ୍କ ସହିତ ଯୋଗଦେଇଥିବା ବନ୍ଧୁମାନେ ଏକାଠି ହେବା ପରେ କେକ୍ କାଟି ଖୁସି ମନାଇଥିଲେ। ଏହାପରେ ବଣଭୋଜିର ଆୟୋଜନ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ପିଲାଦିନର ସ୍ମୃତିକୁ ଆଲୋଚନା କରିଥିଲେ। କରୋନାରେ ଆକ୍ରାନ୍ତ ପ୍ରାଣ ହରାଇଥିବା ସହପାଠୀ ବାଉଁଶଗଡ଼ ଗ୍ରାମର ଇଂ.ପ୍ରଦୋଷ କୁମାର ପ୍ରଧାନଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭାରତୀ ନାୟକ, ବଳଭଦ୍ର ବେହେରା, ଶିବରାମ ଜେନା, ଦିଲୀପ କୁମାର ସାମନ୍ତରାୟ, ଶେଷଦେବ ବେହେରା, ଦିଲୀପ କୁମାର ପ୍ରଧାନ ଏବଂ ଅନ୍ୟବନ୍ଧୁମାନେ ସହଯୋଗ କରିଥିଲେ।

ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

ବାର୍ଡ ଫ୍ଲୁ ପାଇଁ ନମୁନା ସଂଗ୍ରହ ହେଉଛି

- ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାବେଶ
- କୁଆ, ବତକ, କୁକୁଡ଼ା, ପାରା ଆଦି ରୋଗର ବାହକ
- ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ

କେନ୍ଦ୍ରାପଡ଼ା, ୨୮।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ବହିରାଗତ ପକ୍ଷୀଙ୍କ ସମାବେଶ ହୋଇଛି। ଆସନ୍ତା ୬ ତାରିଖଠାରୁ ଏହି ବିଦେଶୀ ପକ୍ଷୀଙ୍କ ଗଣନା ଆରମ୍ଭ ହେବ। ଏହା ପୂର୍ବରୁ ରାଜନଗର ବ୍ଲକ ଅଞ୍ଚଳରେ କେତେକ କାଉ ମରୁଥିବା ସ୍ଥାନୀୟ ଅଞ୍ଚଳରେ ସୂଚନା ମିଳିଛି। ବହିରାଗତ ପକ୍ଷୀ ବାର୍ଡ ଫ୍ଲୁ ରୋଗର ବାହକ ହୋଇଥିବାରୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳ ଓ ଜିଲାର ଅନ୍ୟ ଅଞ୍ଚଳର କୁକୁଡ଼ା ଫାର୍ମ, ଗୃହ ପାଳିତ ପକ୍ଷୀଙ୍କ ମଳ ଓ ରକ୍ତ ନମୁନା ସଂଗ୍ରହ ହେଉଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ର୍ୟାପିଡ ରେସପନ୍ସ ଟିମ୍ ସହ କୁକୁଡ଼ା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ ପ୍ରସ୍ତୁତି ଆରମ୍ଭ କରାଯାଇଛି।

ଭିତରକନିକାରେ ପକ୍ଷୀ।

କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ଦୀପ୍ତି ମହାପାତ୍ର ଓ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ରଙ୍କୁ ପଚାରିବାରେ ବାର୍ଡ ଫ୍ଲୁ ପାଇଁ ଏଚ୍ ୫ ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୁଏ। ପକ୍ଷୀଙ୍କ ସହ ମିଳାମିଶା କରୁଥିବା ଲୋକେ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡ଼ା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଅଥବା ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡ ଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ ମସିହାରେ ହଂକଂରେ ଚିହ୍ନଟ ହୋଇଥିଲା। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କର ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ତରଳ ଝାଡ଼ା, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସ୍‌ଖସ୍ ହେବା, ନାକରୁ ଅନବରତ ପାଣି ଗଡ଼ିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖା ହେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି। ସେହିପରି ଏ ସମ୍ପର୍କରେ ସିଡିଭିଓ ଡା. ମହାପାତ୍ରଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ର୍ୟାପିଡ ରେସପନ୍ସ ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲ୍‌ଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଏହି ଟିମ୍ କୁକୁଡ଼ା ଫାର୍ମ ମାଲିକମାନଙ୍କୁ ଏ ସମ୍ପର୍କରେ ତାଲିମ ପ୍ରଦାନ କରିବ। ଏଥିସହ ଭିତରକନିକା ସମେତ ଜିଲାର ଅନ୍ୟ ସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକସ୍ଥ ଏଡିଆର୍‌ଆଇ (ଆନିମଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ)କୁ ପଠାଯିବା ପାଇଁ ବ୍ୟବସ୍ଥା ହୋଇଛି। ସେହିପରି ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗରେ ଶିକାର କି ଚିହ୍ନଟ ହୋଇ ନ ଥିବା ସିଡିଭିଓ ମହାପାତ୍ର କହିଛନ୍ତି।

ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

୩ ଅଭିଯୁକ୍ତ ଥାନାରେ ଅଟକ

ପାରାଦୀପ,୨୮।୧୨(ଶରତ ରାଉତ)

ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଗୁରୁବାର ଭୋର ସମୟରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଖବରପାଇ ଜଗତ୍‌ସିଂହପୁର ଜିଲା ଏସ୍‌ପି, ପାରାଦୀପ ଡିଏସ୍‌ପି ଓ ସାଇଣ୍ଟିଫିକ ଟିମ୍ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୀଡ଼ିତା ଓ ଅଭିଯୁକ୍ତମାନଙ୍କ ଡାକ୍ତରୀମାଇନା କରାଯାଇଛି। ଘଟଣା ସମ୍ବେଦନଶୀଳ ଥିବାରୁ ପୋଲିସ ସବିଶେଷ ସୂଚନା ଦେଇନାହିଁ। ଏ ସମ୍ପର୍କରେ ଡିଏସ୍‌ପି ସନ୍ତୋଷ ଜେନା କୁହନ୍ତି, ଆମେ ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ଏନେଇ ଅଭିଯୁକ୍ତମାନଙ୍କୁ ଥାନାରେ ଅଟକ ରଖାଯାଇ ପଚାରାଉଚୁରା କରାଯାଉଛି।

ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତା ମହିଳାଙ୍କ ଘରେ ବୁଧବାର କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେ ରାଗି ଘରୁ ବାହାରକୁ ପଳାଇଯାଇଥିଲେ। ତାଙ୍କୁ ଘରକୁ ବୁଝାଇ ଆଣିବା ପାଇଁ ସମ୍ପର୍କୀୟ ଭିଣୋଇ ଓ ଅନ୍ୟ ୨ ଜଣ ଯୁବକ ଯାଇଥିଲେ। ରାତିରେ ଘରକୁ ଆଣିବାବେଳେ ରାତିତମାମ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି।

ମାସେ ପରେ ଦେବୀ ଜାହାଜ ବର୍ଥ ଛାଡ଼ିଲା

ପାରାଦୀପ,୨୮।୧୨(ଶରତ ରାଉତ)

୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣାରେ ବିବାଦୀୟ ହୋଇଯାଇଥିବା ଜାହାଜ ଏମ୍‌ଭି ଦେବୀ ଗୁରୁବାର ସନ୍ଧ୍ୟାରେ ପାରାଦୀପ ବନ୍ଦର ପିଆଇସିଟି ବର୍ଥ ଛାଡ଼ିଛି। ଏହି ଜାହାଜ ଜବତ ହେବା ପରେ ଆଙ୍କରେଜ ଏରିଆରେ (ପାରାଦୀପ ବନ୍ଦର ପୋତାଶ୍ରୟ ସମ୍ମୁଖ ସମୁଦ୍ର) ରହିଛି। ଉକ୍ତ ଜାହାଜ ଭିତରେ୨୧ ଜଣ ନାବିକ ରହିବେ ବୋଲି କଷ୍ଟମ୍ସ ସୁପରିଣ୍ଟେଣ୍ଡେଣ୍ଟ ଶୁଭାଶିଷ ସାମଲଙ୍କ ଠାରୁ ସୂଚନା ମିଳିଛି। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଜାହାଜ ସେଲିଂ କରିପାରିବ ନାହିଁ ବୋଲି ସେ କହିଛନ୍ତି। ଉକ୍ତ ଜାହାଜ ୨୯ ଦିନ ପିଆଇସିଟି ବର୍ଥରେ ରହିବା ପରେ ଆଙ୍କରେଜ ଏରିଆକୁ ଯାଇଛି।

ସୂଚନାଯୋଗ୍ୟ, ପାନାମା ଦେଶର ଏହି ଦେବୀ ଜାହାଜ ଇଣ୍ଡୋନେସିଆରୁ ଖାଲି ଅବସ୍ଥାରେ ପାରାଦୀପ ଆସିଥିଲା। ଏଥିରେ ଜେଏସ୍‌ପିଏଲ୍‌ର ଷ୍ଟିଲ କାର୍ଗୋ ନେଇ ଡେନ୍‌ମାର୍କ ଯିବାର ଥିଲା। ନଭେମ୍ବର ୨୯ରେ ଜାହାଜ ବର୍ଥ୍ ହୋଇଥିଲା। ନିୟମାନୁସାରେ କଷ୍ଟମ୍ସ ଜାହାଜ ଯାଞ୍ଚ କରିବା ପରେ ପଣ୍ୟ ବୋଝେଇ ହେଉଥିଲା। ୩୦ ତାରିଖ ଦ୍ୱିତୀୟ ଶିଫ୍ଟରେ ଜାହାଜର ୨ନଂ. କ୍ରେନ ଖରାପ ହେବାରୁ ଜଣେ ଅପରେଟର ମେକାନିକ ସଜାଡିବା ପାଇଁ ଯାଇଥିଲେ। ସେତିକିବେଳେ କଳା ପଲଥିନ ଭିତରେ ଏକ ପ୍ୟାକେଟ ଦେଖି ଡରି ଯାଇଥିଲେ। ଏହା ବୋମା ବୋଲି ଗୁଜବ ହୋଇଥିଲା। ପରେ ସିଆଇଏସ୍‌ଏଫ, ପୋଲିସ ବୋମା ନିଷ୍କ୍ରିୟକାରୀ ଟିମ୍ ନେଇ ଯାଞ୍ଚ କରିବାରେ ତାହା କୋକେନ ବୋଲି ଜଣାପଡ଼ିଥିଲା। ସେଥିରୁ ୨୨ ପ୍ୟାକେଟ କୋକେନ୍ ଜବତ ହୋଇଥିଲା। ଏହାର ମୂଲ୍ୟ ୨୨୦ କୋଟି ଟଙ୍କା ହେବ ବୋଲି କଷ୍ଟମ୍ସ ପକ୍ଷରୁ କୁହାଯାଇଛି। ଏନେଇ ଏକାଧିକ ତଦନ୍ତ ଏଜେନ୍ସି ଜରିଆରେ ତଦନ୍ତ କରାଯାଇଛି। କିନ୍ତୁ କୋକେନ୍ କିପରି ଓ କେଉଁ ପରିସ୍ଥିତିରେ ଜାହାଜର କ୍ରେନ୍‌କ୍ୟାବିନ ଭିତରକୁ ଯାଇଥିଲା ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏନେଇ କଷ୍ଟମ୍ସ ବିଭାଗ ପକ୍ଷରୁ ନଂ.୨୬/୨୩ରେ ମାମଲା ରୁଜୁ କରାଯାଇଛି।

୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା

- ଆଙ୍କରେଜ ଏରିଆରେ ରହିବ
- ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ପାରାଦୀପରେ ରହିବ
- ନାବିକମାନେ ମଧ୍ୟ ଜାହାଜରେ ରହିବେ

ଗୋମାଂସ ସନ୍ଦେହରେ ଅଟକ ଟ୍ରକ୍‌ରୁ ମିଳିଲା ଟସରପୋକ

ଧର୍ମଶାଳା,୨୮।୧୨(ବଟକୃଷ୍ଣ ପରିଡ଼ା):

ଗୋମାଂସ ବୋଝେଇ ହୋଇ ଯାଉଥିବା ସନ୍ଦେହ କରି ଏକ ଟ୍ରକ୍‌କୁ ଅଟକାଇବା ପରେ ଏଥିରୁ ମାଛ ଖାଦ୍ୟ ଓ ମଲା ଟସର ପୋକ ମିଳିଛି। ଏହି ଘଟଣା ଏଠାରେ ଆଲୋଚ୍ୟର ବିଷୟ ହୋଇଛି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଡ୍ୟୁବି-୪୧-ଏଫ-୦୮୮୬ନଂ. ବିଶିଷ୍ଟ ଟ୍ରକ୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ଟ୍ରକରୁ କିଛି ତରଳ ପଦାର୍ଥ ବୋହୁଥିବା କେତେଜଣ ଯୁବକ ଦେଖିଥିଲେ। ତେଣୁ ଗୋମାଂସ ଯାଉଥିବା ସନ୍ଦେହ କରି ଯୁବକମାନେ ଧର୍ମଶାଳା ଅଞ୍ଚଳର ଗୋରକ୍ଷକମାନଙ୍କୁ ଜଣାଇଥିଲେ। ଗୋରକ୍ଷକମାନେ ରାଜପଥର ରଥିଆ ଛକ ନିକଟରେ ଗାଡ଼ି ଅଟକାଇ ପୋଲିସକୁ ଖବର ଦେଇଥିଲେ। ଗାଡ଼ିରୁ ଦୁର୍ଗନ୍ଧ ଓ ତରଳ ପଦାର୍ଥ ବାହାରୁଥିବାରୁ ପୋଲିସ ସନ୍ଦେହରେ ଟ୍ରକ୍‌କୁ ଥାନାକୁ ନେଇ ଯାଞ୍ଚ କରିଥିଲା। ଟ୍ରକ୍ ଡାଲାରୁ ପାଲ ଖୋଲିବା ପରେ ସେଥିରେ କୁକୁଡ଼ା ପୁଣ୍ଟି ଓ ମଲା ଟସର ପୋକ ଥିବା ଦେଖିବାକୁ ମିଳିଥିଲା। ମାଛ ଖାଦ୍ୟ ପାଇଁ ଏହାକୁ ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ଜଣାପଡ଼ିଥିଲା। ପରେ ପୋଲିସ ଟ୍ରକ୍‌କୁ ଛାଡ଼ିଦେଇଥିଲା।

ଗ୍ରାମାଞ୍ଚଳ କଳାକାରଙ୍କ ପ୍ରଦର୍ଶନରେ ହତବାକ୍ ଦର୍ଶକ

ମଞ୍ଚରେ ୨ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ରସୁଲପୁର,୨୮।୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ଉତ୍ସବର ୧୩ତମ ଦିବସ ଓ ୧୬ତମ କୁଆଖିଆ ମହୋତ୍ସବର ସପ୍ତମ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଖୁବ୍ ଆନନ୍ଦ ଦେଇଛି। ମଞ୍ଚରେ ଗ୍ରାମାଞ୍ଚଳ କଳାକାର ପ୍ରତିଭାମାନଙ୍କୁ ଚିହ୍ନଟ କରିବା ପାଇଁ ସମର୍ପିତ କରାଯାଇଥିଲା। ଏହି ମଞ୍ଚ ଗାଁଗହଳିର କଳାକାରମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ବଳିଷ୍ଠ ମାଧ୍ୟମ ସାଜିଛି। ରାଜ୍ୟର ବିଭିନ୍ନ କଳାକାର ପ୍ରତିଭାଙ୍କୁ ଏକାଠି କରିବା ସହ ଗାଁର କଳାକାରଙ୍କୁ ରାଜ୍ୟ ବାହାରକୁ ପଠାଇବାର ସୁଯୋଗ ସୃଷ୍ଟି କରୁଛି ବୋଲି ମହୋତ୍ସବ କମିଟି ମହାସଚିବ ଅରୁଣ ସାହୁ ପ୍ରକାଶ କରିଛନ୍ତି।

ମହୋତ୍ସବ କମିଟି ପକ୍ଷରୁ ଜିଲାର କୋଣ ଅନୁକୋଣରୁ କଳାକାର ପ୍ରତିଭାମାନଙ୍କୁ ଅଡିସନ ମାଧ୍ୟମରେ ଚିହ୍ନଟ କରାଯାଇଥିଲା। ଉକ୍ତ ପ୍ରତିଯୋଗୀମାନଙ୍କୁ ନେଇ ସଂଗୀତ ପ୍ରତିଯୋଗିତା ହୋଇଥିଲା। ପ୍ରତିଭାମାନଙ୍କର ସଂଗୀତ ପରିବେଷଣ ଦର୍ଶକମାନଙ୍କୁ ହତବାକ୍ କରିଦେଇଥିଲା। ପ୍ରତିଯୋଗୀମାନଙ୍କର ସୁମଧୁର କଣ୍ଠସ୍ୱର ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଗ୍ରାମାଞ୍ଚଳ କଳାକାରମାନଙ୍କ କଳାନୈପୁଣ୍ୟତାକୁ ଉପଭୋଗ ପାଇଁ ସ୍ଥାନୀୟ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ବିଚାରକଭାବେ ସଂଗୀତଜ୍ଞ ଅମରେଶ ଦାସ, କଣ୍ଠଶିଳ୍ପୀ ପୀତବାସ କର, ମହୋତ୍ସବ କମିଟି ସଭାପତି ରାଜେଶ ସାହୁ, ସମ୍ପାଦକ ଅରୁଣ ରାଉତ, ମହାସଚିବ ଅରୁଣ ସାହୁ ଓ ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଏହାଛଡ଼ା ନୂତନ ବର୍ଷ ୧ ଜାନୁୟାରୀ ୨୦୨୪ରେ ମହୋତ୍ସବ ମଞ୍ଚରେ ସିନେ ତାରକାମାନଙ୍କ ଉପସ୍ଥିତି ଦର୍ଶକମାନଙ୍କୁ ଖୁବ୍ ମନୋରଞ୍ଜନର ଖୋରାକ ଯୋଗାଇବ। 'ଅପରେଶନ ୧୨/୧୭' ସିନେମାକୁ ପ୍ରମୋସନ ପାଇଁ ନାୟିକା ଭୂମିକା ଦାସ, ନାୟକ ଶ୍ରେୟାଂଶ, କମେଡିନିଆନ ଅମର, ଅଭିନେତ୍ରୀ ସୋନାଲି, ତ୍ରିଶା ମଞ୍ଚରେ ଉପସ୍ଥିତ ରହିବେ। ଏହି ସନ୍ଧ୍ୟାରେ କୁଆଖିଆ ମହୋତ୍ସବ ମଞ୍ଚରେ ନାନା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହେବ। ତେଣୁ ଦର୍ଶକମାନଙ୍କର ପ୍ରବଳ ଭିଡ ଜମିବ ବୋଲି ଆକଳନ କରାଯାଉଛି।

କୁଆଖିଆ ମହୋତ୍ସବର ସପ୍ତମ ସନ୍ଧ୍ୟା

ଅଲୋଡ଼ା ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ

- ବ୍ରିଟିଶ୍ ନିର୍ମିତ ନୌବାଣିଜ୍ୟର ମୂକସାକ୍ଷୀ
- କେନାଲର ମଝି ବେଣାବୁଦା ମୂଳେ ବିଲୁଆଙ୍କ ଆଡ୍ଡାସ୍ଥଳ

ମହାକାଳପଡ଼ା,୨୮।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଦେଇ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ଯାଇଛି। ଏହି କେନାଲରେ ନଅଙ୍କ ଦୁର୍ଭିକ୍ଷ ସମୟରେ ବ୍ରିଟିଶ ଶାସକ ବିଦେଶରୁ ଖାଦ୍ୟ ଶସ୍ୟ ନେଇ କଟକ ଯୋତ୍ରାରେ ପହଞ୍ଚାଇ ଗୋଦାମ ଘରେ ଗଚ୍ଛିତ ରଖୁଥିଲେ। ପରେ ଏହି ଖାଦ୍ୟ ଶସ୍ୟକୁ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚାଉ ଥିଲେ। କିନ୍ତୁ ଏହି କେନାଲ ଅଞ୍ଚଳର ମୁଖ୍ୟ ଜୀବନ ଜୀବିକା ସହିତ ଅର୍ଥନୈତିକ ଓ ବାଣିଜ୍ୟ କ୍ଷେତ୍ରରେ ରୋଜଗାର ଯୋଗାଉଥିଲା ବୋଲି ପୁରୁଖା ବ୍ୟବସାୟୀମାନେ କହିଛନ୍ତି। ଏହି କେନାଲ କଟକ ମହାନଦୀରୁ ଉତ୍ପତ୍ତି ହୋଇ ଶେଷରେ ବଙ୍ଗୋପସାଗର ସଂଲଗ୍ନ ଜମ୍ବୁ ନିକଟ ଗୋବରୀ ନଦୀରେ ମିଶିଛି। ଏହି କେନାଲ ନିର୍ମାଣ ସମୟରେ କେତେଜଣ ଶ୍ରମିକଙ୍କ ଜୀବନ ଯାଇଥିବା ପୁରୁଖା ବ୍ୟବସାୟୀ, ଚାଷୀ, ବୁଦ୍ଧିଜୀବୀମାନଙ୍କଠାରୁ ଶୁଣିବାକୁ ମିଳିଛି।

ଏ ସମ୍ପର୍କରେ କୃଷକ ନେତା ଅଙ୍କୁର ପଲାଇ, ପୂର୍ବତନ ସରପଞ୍ଚ ନାଥ କୁମାର ଭୋଲ, ବରିଷ୍ଠ ଚାଷୀ ବାବାଜୀ ବେହେରା, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ, ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି, ଦିନ ଥିଲା ବିଦେଶରୁ ସମୁଦ୍ର ପଥ ଦେଇ ଜାହାଜରେ ଆସୁଥିବା ସାମଗ୍ରୀକୁ ବ୍ରିଟିଶ ଶାସକ ଡଙ୍ଗା ଦ୍ୱାରା କେନାଲରେ ନୌବାଣିଜ୍ୟ କାରବାର କରୁଥିଲେ। ଏହି ଅଞ୍ଚଳର ଗ୍ରାମାଞ୍ଚଳ ବ୍ୟବସାୟୀ କଟକ ମାଲଗୋଦାମରୁ ସଉଦା ପତ୍ର, ଚୌଦ୍ୱାରରୁ ବାଉଁଶ, ମଣ୍ଡାପଡ଼ାରୁ ବଉଳା ଓ ମାଙ୍କଡ଼ା ପଥର, ମହାନଦୀ ମିଠା ବାଲି ସମେତ ବିଭିନ୍ନ ଗୃହ ନିର୍ମାଣ ସାମଗ୍ରୀକୁ ବଡ଼ ବଡ଼ କାଠଡଙ୍ଗା ଦ୍ୱାରା କେନାଲରେ ଆଣୁଥିଲେ। ସେ ଦିନର ବ୍ରିଟିଶ ନିର୍ମିତ କେନାଲ ଏବେ ତା'ର ସତ୍ତା ହରାଇଛି। ପୂର୍ବଭଳି ଆଉ ଯତ୍ନ ନିଆଯାଉ ନାହିଁ। ଏହି

ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ଦଳ ଓ ବେଣାବୁଦା।

କେନାଲ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନରେ ରହିଛି। କେନାଲର ଗଣ୍ଡ ସୃଷ୍ଟି ହୋଇଥିବା ମଧ୍ୟସ୍ଥଳରେ ବୁଦୁ ବୁଦିକିଆ ବେଣାବୁଦା ଓ କଟିକୀଦଳ ଥିବା ସ୍ଥାନରେ ବିଲୁଆ ବସାବାନ୍ଧି ରହୁଥିବା ଦେଖିବାକୁ ମିଳୁଛି। ସୁଦୀର୍ଘ କେନାଲର ବହୁବର୍ଷ ପୂର୍ବରୁ ମହାନଦୀର ବନ୍ୟା ସ୍ରୋତରେ ବନ୍ଧ ଭାଙ୍ଗି ମହାକାଳପଡା, କିୟାର ବାଙ୍କ, ପରେଶ୍ୱରପୁର, ଟାଙ୍କିବେଲାରି ଓ ଅରୁଣନଗରଠାରେ ବଡ଼ ବଡ଼ ଓସାରିଆ ଗଣ୍ଡ ସୃଷ୍ଟି ହୋଇଥିଲା। ଅଦ୍ୟାବଧି ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଉନାହିଁ। ହେଲେ ବର୍ଷକୁ ଥରେ କି ଦୁଇ ଥର ଚାଷୀମାନଙ୍କ ପାଇଁ ଜମିକୁ ଜଳ ଯୋଗାଣ କରାଯାଉଛି। କିଛି ଜଳ ଚାଷଜମିକୁ ଯାଉଥିବା ବେଳେ ବଳକା ପାଣି ଗୋବରୀ ନଦୀରେ ମିଶୁଛି। ମାର୍ଶାଘାଇଠାରୁ ଜମ୍ବୁ ପର୍ଯ୍ୟନ୍ତ ୨୪ କିମି ଦୂର କେନାଲ ସାରା କଟିକୀଦଳ ଭରି ରହିଛି। କେନାଲ ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ତେବେ ଜଳ ଯୋଗାଣ ସ୍ରୋତ ହ୍ରାସ ପାଇବା ସହ ଚାଷଜମିର ହିଡ଼ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। କେବଳ ଚାଷୀମାନଙ୍କଠାରୁ ଜଳକର (ରାଜସ୍ୱ) ଆଦାୟ କରି ବିଭାଗ ଚୁପ୍ ହୋଇବସିଛି। ରାଜ୍ୟ ସରକାର ଏହି ଅଞ୍ଚଳରେ ଦେଶର ବୃହତ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଉଥିବା ବେଳେ ଏହି ଅଲୋଡ଼ା କେନାଲ ପ୍ରତି ଯତ୍ନବାନ୍ ହେବା ଆବଶ୍ୟକ। ଏହି କେନାଲ ପୁନରୁଦ୍ଧାର ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କେନାଲ ପୁନରୁଦ୍ଧାର ପାଇଁ ମେଗା ପ୍ରୋଜେକ୍ଟ ଆବଶ୍ୟକତା ରହିଛି। ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। ଯେଉଁ କେନାଲ ଦିନେ ଓଡ଼ିଆମାନଙ୍କର ନୌବାଣିଜ୍ୟର କୀର୍ତ୍ତି ବହନ କରୁଥିଲା ତାହା ଆଜି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଯେଉଁଠି ବଡ ବଡ ଡଙ୍ଗା ଲାଗୁଥିଲା ସେହି ସ୍ଥାନରେ ଛୋଟ ଡିଙ୍ଗିଟିଏ ପହଞ୍ଚିବା କଷ୍ଟକର ହେଉଛି। ଏହାର ପୁନରୁଦ୍ଧାର କରାଗଲେ ଶତାଧିକ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ହୋଇପାରିବ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭା

୬ରେ ଓଡ଼ିଶା ଆସିବେ କଂଗ୍ରେସର ନବନିଯୁକ୍ତ ପ୍ରଭାରୀ

ଭୁବନେଶ୍ୱର,୨୮।୧୨ (ସୁନିତ୍ ମିଶ୍ର): ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ନାଗପୁରଠାରେ ଗୁରୁବାର ୧୩୯ତମ କଂଗ୍ରେସ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ନବନିଯୁକ୍ତ ପ୍ରଭାରୀ ଅଜୟ କୁମାରଙ୍କୁ ପିସିସି ସଭାପତି ସାକ୍ଷାତକରି ତାଙ୍କ ରାଜ୍ୟ ଗସ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଶରତ କହିଛନ୍ତି , ପ୍ରଭାରୀ ଅଜୟ କୁମାର ଆସନ୍ତା ୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ।

ଅକଳରେ ୪ ପୁରୁଷ ବିଧାୟକ

ଜଗତ୍‌ସିଂହପୁର, ୨୮।୧୨ (ପ୍ରମୋଦ କୁମାର ନାୟକ)

ଗତ ସେପ୍ଟେମ୍ବରରେ ମହିଳା ସଂରକ୍ଷଣ ବିଲ୍ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ପାରିତ ହୋଇ ଆଇନରେ ପରିଣତ ହୋଇଛି। ହେଲେ ଏହା ୨୦୨୯ରେ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। କିନ୍ତୁ ଓଡ଼ିଶାରେ ବିଜୁ ଜନତା ଦଳ (ବିଜେଡି) ଗତ ଲୋକ ସଭା ନିର୍ବାଚନରେ ଯେଭଳି ମହିଳାଙ୍କୁ ଆଗ୍ରାଧିକାର ଦେଇ ସଫଳତା ପାଇଥିଲା, ସେହି ରଣନୀତି ବିଧାନସଭା ନିର୍ବାଚନରେ ପ୍ରୟୋଗ କରିପାରେ ବୋଲି ଆଲୋଚନା ହେଲାଣି।

ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାକୁ ଦେଖିଲେ ରାଜନୈତିକ ମହଲରେ କଥା ଚାଲିଛି ଯେ, ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ୩୩ ପ୍ରତିଶତ ମହିଳାଙ୍କୁ ସୁଯୋଗ ଦେଲେ ପୁରୁଷ ନେତାଙ୍କ ଭାଗ କମିଯିବ। ବିଜେଡି ସଭାପତି ନବୀନ ପଟ୍ଟନାୟକ ମହିଳାଙ୍କୁ ଗୁରୁତ୍ୱ ଦେଉଥିବାରୁ ଦଳୀୟ ଟିକେଟ ବଣ୍ଟା ବେଳେ ତାହା ପ୍ରତିଫଳିତ ହୋଇପାରେ ବୋଲି କୁହାଯାଉଛି। ଗତ ୨୬ ତାରିଖରେ ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ବିଜେଡି ପ୍ରତିଷ୍ଠା ଦିବସରେ ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଆଭାସ ଦେବା ପରେ ଜିଲାବ୍ୟାପୀ ସେହି ଚର୍ଚ୍ଚା ଚାଲିଛି। ସେ କହିଥିଲେ, ଆଗାମୀ ଦିନରେ ଅନେକ ମା'ଙ୍କୁ ବିଜେଡି ଟିକେଟ୍ ମିଳିବ। ତେଣୁ ଯେଉଁମାନେ ବିଧାୟକ ଅଛନ୍ତି, ସେମାନେ ପ୍ରତ୍ୟେକ ମା'ମାନଙ୍କୁ ଆସନ ଛାଡ଼ିବା ପାଇଁ ଏକପ୍ରକାର ମାନସିକସ୍ତରରେ ପ୍ରସ୍ତୁତ ଅଛନ୍ତି।

ଯଦିଓ ପୂର୍ବରୁ କେତେଜଣ ମହିଳା ବିଧାୟକ ପଦବୀ ପାଇଁ ଆଶାୟୀ ଅଛନ୍ତି, କିନ୍ତୁ ମୁଦୁଲିଙ୍କ ଏହି ବୟାନ ଆଉ କେତେକଙ୍କୁ ପ୍ରାର୍ଥୀ ହେବା ପାଇଁ ଉତ୍ସାହିତ କରିଥିବା ଆଲୋଚନା ଚାଲିଛି। ବାସ୍ତବରେ ବିଜେଡି ମହିଳାଙ୍କ ପାଇଁ ୩୩% ସଂରକ୍ଷଣ କଲେ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ କେଉଁ ଆସନଟି ସଂରକ୍ଷିତ ହେବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

୨୦୧୯ ନିର୍ବାଚନରେ ଜିଲାର ସମସ୍ତ ୪ଟି ଆସନ ବିଜେଡି ହାତକୁ ଯାଇଥିଲା। ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ସେମାନେ ଆଶା ରଖିଥିବା ବେଳେ ଦଳ ଭିତରେ ଆହୁରି ଆଶାୟୀ ଧାଡ଼ି ବାନ୍ଧିଲେଣି। ଯଦି ୩୩ ପ୍ରତିଶତ ହିସାବରେ ମହିଳାଙ୍କୁ ବିଜେଡି ପ୍ରାର୍ଥୀ ହେବା ଲାଗି ସୁଯୋଗ ଦିଏ, ତେବେ ଜିଲାର କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ, ତାହାକୁ ନେଇ ବର୍ତ୍ତମାନର ବିଧାୟକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ୧୯୫୧ରୁ ଏ ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନଗୁଡ଼ିକୁ ଅନୁଶୀଳନ କଲେ ଜଣାଯାଏ ଜିଲାର ତିର୍ତ୍ତୋଲ ବିଧାନସଭା ଆସନରେ ୨୦୧୪ରେ କେବଳ ରାଜଶ୍ରୀ ମଲ୍ଲିକ ଥରକ ପାଇଁ ବିଧାୟିକା ହୋଇଥିଲେ। ତାଙ୍କ ବାଦ୍ ଜିଲାର କୌଣସି ନିର୍ବାଚନମଣ୍ଡଳୀରେ ଅନ୍ୟ କେହି ମହିଳା ବିଧାୟକ ହୋଇପାରି ନାହାନ୍ତି। ଏବେ ଜିଲାର ବିଧାୟକ ଭାବେ ଜଗତ୍‌ସିଂହପୁରରେ ପ୍ରଶାନ୍ତ କୁମାର ମୁଦୁଲି, ବାଲିକୁଦା-ଏରସମାରେ ରଘୁନନ୍ଦନ ଦାସ, ତିର୍ତ୍ତୋଲରେ ବିଜୟଶଙ୍କର ଦାସ ଓ ପାରାଦୀପରେ ସମ୍ମିତ ରାଉତରାୟ ଅଛନ୍ତି। ଏହି ବିଧାୟକମାନଙ୍କ ମଧ୍ୟରୁ ମୁଦୁଲି ୩ ଥର ବିଧାୟକ ହୋଇଛନ୍ତି। ସେଥିମଧ୍ୟରୁ ସେ ୨୦୦୯ ଓ ୨୦୧୪ରେ ବାଲିକୁଦା-ଏରସମା ଏବଂ ୨୦୧୯ରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ଟିକେଟ୍‌ରେ ବିଜୟୀ ହୋଇଥିଲେ। ସେ ଦଳୀୟ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଥିଲେ ମଧ୍ୟ ନିର୍ବାଚନମଣ୍ଡଳୀରେ ଆହୁରି ଆଶାୟୀ ଥିବାରୁ ସମାନ୍ତରାଳ ବୈଠକ କରି ତାଙ୍କୁ ବିରୋଧ କରାଯାଉଥିବା ଦେଖିବାକୁ ମିଳୁଛି। ଏଥିସହିତ ଆଉ ଏକ ପ୍ରସଙ୍ଗ ନୂଆ ରାଜନୈତିକ ସମୀକରଣ ସୃଷ୍ଟି କରିଛି। କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ୨୦୧୯ ସାଧାରଣ ନିର୍ବାଚନରେ ମୁଦୁଲିଙ୍କଠାରୁ ହାରିଯିବା ପରେ ଏକପ୍ରକାର ନୀରବ ରହିଛନ୍ତି। ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ ତ ଦୂରର କଥା ନିର୍ବାଚନମଣ୍ଡଳୀ ଦଳୀୟ ନେତା ଓ କର୍ମୀଙ୍କଠାରୁ ସମ୍ପର୍କ କମାଇ ଦେଇଛନ୍ତି। ଏପରି କି ନିର୍ବାଚନମଣ୍ଡଳୀକୁ ଆପାତତଃ ଆସୁନାହାନ୍ତି। ସେ କୁଆଡ଼େ ବିଜେଡିରେ ମିଶିବେ ବୋଲି ଚିନ୍ତା କରିଥିବା ଆଲୋଚନା ହେଉଛି।

ମଝିରେ ମଝିରେ ଏଭଳି ଚର୍ଚ୍ଚା ଜୋର ଧରୁଥିବା ବେଳେ ସେ କଂଗ୍ରେସରେ ଅଛନ୍ତି ବୋଲି କହୁଛନ୍ତି। ଅନ୍ୟ କେଉଁ ଦଳରେ ମିଶିବେ କି ନାହିଁ ସେନେଇ ସ୍ପଷ୍ଟ କରୁନାହାନ୍ତି। ଯଦି ବିଶ୍ୱାଳ ବିଜେଡିରେ ମିଶିବେ ତେବେ ଜଗତ୍‌ସିଂହପୁର ଆସନ ଉପରେ ତାଙ୍କର ନଜର ରହିବ ବୋଲି କଂଗ୍ରେସର କେତେଜଣ ନେତା ନାମ ଗୋପନ ରଖି ଏଭଳି କହିଛନ୍ତି। ତେବେ ବ୍ୟବସାୟୀ ଅମୀୟ ଦାସଙ୍କ ସ୍ତ୍ରୀ ପ୍ରଣତି ଦାସ ଓ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା ମଧ୍ୟ ଆଶାୟୀ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସେହିପରି ବାଲିକୁଦା-ଏରସମା ବିଧାୟକ ଅଛନ୍ତି ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ। ସ୍ୱାସ୍ଥ୍ୟଗତ କାରଣରୁ ସେ ଏଥର ପ୍ରାର୍ଥୀ ନ ହୋଇ ପୁଅକୁ ପ୍ରାର୍ଥୀ କରିବାକୁ ଚିନ୍ତା କରୁଥିବା କୁହାଯାଉଛି। ହେଲେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ସାରଦା ଜେନା ଏହି ଆସନ ପାଇଁ ଅନ୍ୟତମ ପ୍ରମୁଖ ଦାବିଦାର ବୋଲି ଜଣାଯାଇଛି। କାରଣ ସେ ଏବେ ବିଜେଡି ସାଧାରଣ ସମ୍ପାଦକ, କାଳିଆ ଯୋଜନା ଉପଦେଷ୍ଟା ଓ ଜିଲା ଯୋଜନା କମିଟିର ଏକ୍ସପର୍ଟ ସଭ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଜଗତ୍‌ସିଂହପୁର ବିଧାୟକ ମୁଦୁଲି ମଧ୍ୟ ଏହି ଆସନରୁ ପ୍ରାର୍ଥୀ ହୋଇପାରନ୍ତି। କାରଣ ପୂର୍ବରୁ ସେ ଏହି ଆସନରୁ ୨ଥର ବିଧାୟକ ହୋଇଥିଲେ। ନିର୍ବାଚନମଣ୍ଡଳୀରେ ତାଙ୍କର ସଙ୍ଗଠନ ଥିବାରୁ ତାଙ୍କୁ ଏଠାରୁ ପ୍ରାର୍ଥୀ କରାଯିବା ବିଷୟ ଆଲୋଚନା ପରିସରକୁ ଆସିଛି। ସେହିପରି ବିଧାୟକ ରଘୁନନ୍ଦନ ଦାସଙ୍କ ନିକଟତମ ବ୍ୟକ୍ତି ତଥା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତ ମଧ୍ୟ ପ୍ରାର୍ଥୀ ପାଇଁ ଆଶାୟୀ। ଅନୁରୂପ ଭାବେ ଦେଖିଲେ, ବରିଷ୍ଠ ବିଜେଡି ନେତା ଉମେଶ ସ୍ୱାଇଁଙ୍କ ବୋହୂ ଶିଖା ଉମେଶ ସ୍ୱାଇଁ, ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର ଓ ବାଲିକୁଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ତଥା ବର୍ତ୍ତମାନର ମହିଳା କମିଶନ ସଭ୍ୟା ବବିତା ସ୍ୱାଇଁ ମଧ୍ୟ ଆଶାୟୀ ତାଲିକାରେ।

ତିର୍ତ୍ତୋଲ ଆସନରେ ବିଧାୟକ ବିଜୟଶଙ୍କର ଦାସଙ୍କ ସମେତ ରମାକାନ୍ତ ଭୋଇ ଓ ଯୁଧିଷ୍ଠିର ସେଠୀ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। କିନ୍ତୁ ମହିଳା ହିସାବରେ ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ମଧ୍ୟ ଆଶାୟୀ। ପାରାଦୀପ ନିର୍ବାଚନମଣ୍ଡଳୀରେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଧାୟକ ସମ୍ମିତ ରାଉତରାୟ, ପ୍ରମୋଦ କିଶୋର ଜେନା ଓ ସନ୍ତୋଷ ପଟ୍ଟନାୟକଙ୍କ ନାଁ ଚର୍ଚ୍ଚାକୁ ଆସିଛି। ଏହାବାଦ୍ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ, ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ମିଶିବାର ଆଲୋଚନା ହେଉଥିବାରୁ ସେମାନଙ୍କୁ ଥଇଥାନ କରାଯାଇପାରେ। ବିଧାୟକ ପ୍ରଶାନ୍ତ ମୁଦୁଲି ଆବଶ୍ୟକସ୍ଥଳେ ପାରାଦୀପରୁ ଲଢ଼ିପାରନ୍ତି। ଜିଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ରଙ୍କ ନାମ ମଧ୍ୟ ଏହି ଆସନ ପାଇଁ ଚର୍ଚ୍ଚାରେ ରହିଛି। ତେବେ କେଉଁ ଆସନଟିକୁ ବିଜେଡି ମହିଳାଙ୍କୁ ଛାଡ଼ିବ, ତାହା ଉପରେ ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିଙ୍କ ନଜର।

ଫମ୍ପା ଭାଷଣ ଦେଲେ ହେବନି: ସୂର୍ଯ୍ୟବଂଶୀ

ଖବରଦାତା ସମ୍ମିଳନୀରେ ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଓ ଅନ୍ୟମାନେ।

ଭଦ୍ରକ,୨୮।୧୨(ସନାତନ ରାଉତ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ଦିନକିଆ ଭଦ୍ରକ ଗସ୍ତରେ ଥାଇ ଆରଡ଼ି, ଅସୁରାଳି ଓ ଧାମନଗରରେ ୩ଟି ସଭାରେ ଯୋଗ ଦେଇଥିଲେ। ଅସୁରାଳି ଶହୀଦ ଷ୍ଟାଡିୟମରେ ଅନୁଷ୍ଠିତ ସଭାରେ ନାଁ ନ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରି କହିଥିଲେ, ୨୦୨୨ ଧାମନଗର ଉପନିର୍ବାଚନରେ ଭାଜପା ମଙ୍ଗ ଧରିଥିବା ନେତା ତାଙ୍କ ପ୍ରାର୍ଥୀ ଜିତିବା ପରେ ଧାମନଗରବାସୀଙ୍କୁ ଧନ୍ୟବାଦ ଦେବାକୁ ଆସିଲେ ନାହିଁ। ନିର୍ବାଚନ ପରେ ଓଡ଼ିଶାକୁ ଅନେକ ଥର ଆସିଥିଲେ ମଧ୍ୟ ଧାମନଗରକୁ ଥରଟିଏ ମଧ୍ୟ ଆସିଲେନି।

ଏହାର ଜବାବରେ ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଗୁରୁବାର ଭଦ୍ରକ ଭାଜପା ପାର୍ଟି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ କହିଛନ୍ତି, ୫-ଟି ଅଧ୍ୟକ୍ଷ କେବଳ ଫମ୍ପା ଓ ମିଛ ଭାଷଣ ଦେଉଛନ୍ତି। ସେ ଯେମିତି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆସିଥିଲେ ବୋଲି କହୁଛନ୍ତି ସେମିତି ଧର୍ମେନ୍ଦ୍ର ପ୍ରଧାନ ଓ ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ଉପନିର୍ବାଚନ ଜିତିବା ପରେ ଧାମନଗରର ୪୪ଟି ପଞ୍ଚାୟତର ୬୧୫ଟି ଗାଁକୁ ଘର ଘର ବୁଲି ଲୋକଙ୍କୁ ଧନ୍ୟବାଦ ଜଣାଇଥିଲେ ବୋଲି ସୂର୍ଯ୍ୟବଂଶୀ କହିଛନ୍ତି। ଧାମନଗରବାସୀଙ୍କ ନିକଟରେ ସେ ସବୁବେଳେ ରହିଛନ୍ତି ବୋଲି ସୂର୍ଯ୍ୟବଂଶୀ କହିବା ସହ ଗତ ବନ୍ୟା ସମୟରେ ୫-ଟି ମୁଖ୍ୟମନ୍ତ୍ରୀ ଧାମନଗର ଦାୟିତ୍ୱ ନିଜେ ନେବେ ବୋଲି ଉପନିର୍ବାଚନ ସମୟରେ ଘୋଷଣା କରିଥିଲେ। ୫ ବର୍ଷର ବିକାଶ ୧୮ ମାସରେ କରିବେ ବୋଲି କହିଥିଲେ। କ'ଣ ଦାୟିତ୍ୱ ନେଇଛନ୍ତି ଓ କ'ଣ ବିକାଶ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସୂର୍ଯ୍ୟବଂଶୀ।

ଜନତା ସବୁ ହିସାବ କରୁଛନ୍ତି: ବିଜେଡି

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

ଧାମନଗରବାସୀଙ୍କୁ ପ୍ରତିଶ୍ରୁତି ଦେଇ ସେମାନଙ୍କର ଆଶୀର୍ବାଦ ପାଇବା ପରେ ଭାଜପା ନେତା ଭୁଲିଗଲେ। ନିର୍ବାଚିତ ହେବା ପରେ କ'ଣ କାମ କରିଛନ୍ତି, ସେସବୁର ହିସାବ ଜନତା ରଖିଛନ୍ତି। ଖୁବ୍‌ଶୀଘ୍ର ଏହାର ଜବାବ ଦେବେ । ଧାମନଗର ବିଧାୟକଙ୍କୁ କିଛି ଏଭଳି ଢଙ୍ଗରେ ସମାଲୋଚନା କରିଛନ୍ତି ବିଜେଡି ନେତା ଡାକ୍ତର ସଞ୍ଜୟ ଦାସ। ସେ କହିଛନ୍ତି ଯେ ସମସ୍ତେ ଜାଣିଛନ୍ତି ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଜୁସ୍ ପିଇ ଭଲ ନାଚିପାରନ୍ତି । ବୋଧହୁଏ ସେ ବେଶି ଜୁସ୍ ପିଇ ଦେଇଥିଲେ, ସେଥିପାଇଁ ଧାମନଗର କଥା ପଚାରିବାରୁ ଧାମରା ପୋର୍ଟ କଥା କହୁଛନ୍ତି, ଯାହା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଆସୁଛି। ଜନତା ତାଙ୍କର ଏଭଳି କାର୍ଯ୍ୟକଳାପ ଦେଖି ହସିବା ଆରମ୍ଭ କଲେଣି ବୋଲି ସୁରଜଙ୍କୁ ଶାଣିତ ସ୍ୱରରେ କଟାକ୍ଷ କରି ସଞ୍ଜୟ ସମାଲୋଚନା କରିଛନ୍ତି।

ବିଧାୟକ ଶିଳାନ୍ୟାସ କଲେ, ସରପଞ୍ଚ ଭାଙ୍ଗିଲେ

ସରପଞ୍ଚଙ୍କ ଦ୍ୱାରା ଭଙ୍ଗା ଯାଇଥିବା ଫଳକ। ବରହମପୁର ପୋଲିସକୁ ଏତଲା ଦିଆଯାଉଛି।

ନୀଳଗିରି,୨୮।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଗରଡ଼ିହି ପଞ୍ଚାୟତ କଳାକାଦ ଗାଁଠାରୁ ଆମ୍ବଝର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଗୁରୁବାର ଶିଳାନ୍ୟାସ ବେଳେ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଛି। ଶିଳାନ୍ୟାସ ଫଳକରେ ସରପଞ୍ଚଙ୍କ ନାଁ ନ ଥିବାରୁ ବିଧାୟକ ଶିଳାନ୍ୟାସ କରିବାର କିଛି ସମୟ ପରେ ସରପଞ୍ଚ ଉକ୍ତ ଫଳକକୁ ଭାଙ୍ଗିଦେଇଥିଲେ। ଏହାକୁ ନେଇ ବିଧାୟକ ଓ ସରପଞ୍ଚଙ୍କ ସମର୍ଥକଙ୍କ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରପଞ୍ଚଙ୍କୁ ଗିରଫ ଦାବିରେ ବିଧାୟକଙ୍କ ସମର୍ଥକମାନେ କଳାକାଦ ଛକ ୧୯ନଂ. ରାଜ୍ୟ ରାଜପଥକୁ ଅବରୋଧ କରିବା ସହ ୩ଘଣ୍ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବରହମପୁର ପୋଲିସ ପହଞ୍ଚିଥିବାବେଳେ ସରପଞ୍ଚଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ବରହମପୁର ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କଳାକାଦରୁ ଆମ୍ବଝର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪କୋଟି ୭୮ଲକ୍ଷ ମଞ୍ଜୁର ହୋଇଛି। ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ସମର୍ଥକଙ୍କ ଉପସ୍ଥିତିରେ ଶିଳାନ୍ୟାସ କରୁଥିବା ବେଳେ ଫଳକରେ ସ୍ଥାନୀୟ ସରପଞ୍ଚ ଶିବାଜୀ ସିଂଙ୍କ ନାମ ନ ଥିବାରୁ ସେ ଏହାକୁ ବିରୋଧ କରିଥିଲେ। ଏପରିକି ସରପଞ୍ଚ ଶିଳାନ୍ୟାସ ଫଳକ ଉପରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଉଭୟଙ୍କ ସମର୍ଥକ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଏ ନେଇ ବିଧାୟକ ନାୟକ କହିଛନ୍ତି, ନୀଳଗିରିରେ ଭାଜପାର ଡବଲ ଇଞ୍ଜିନର ବିକାଶମୂଳକ କାମକୁ କେତେଜଣ ଲୋକ ସହି ପାରୁ ନାହାନ୍ତି। ସରପଞ୍ଚ ଶିବାଜୀ ସିଂ କହିଛନ୍ତି, ସେ ତତ୍କାଳୀନ ୫-ଟି ସଚିବଙ୍କୁ ଉକ୍ତ ପ୍ରକଳ୍ପ ସମ୍ପର୍କରେ ଦାବି ଜଣାଇବା ପରେ ଏହି ରାସ୍ତା ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିଲା। ବିଜେଡି ସମର୍ଥିତ ସରପଞ୍ଚ ହୋଇଥିବାରୁ ତାଙ୍କ ନାମକୁ ଜାଣିଶୁଣି ଅଣଦେଖା କରାଯାଇଛି।

ବିଜେଡିରେ ଯୋଗଦେଲେ କଂଗ୍ରେସ ନେତା

ଭୁବନେଶ୍ୱର,୨୮।୧୨(ଅନିଲ ଦାସ)

